

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୨ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 DECEMBER 2020
Vol.No. 30 ■ No. 314 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବୁଥ୍ସ୍ତରରେ ସଙ୍ଗଠନ ସୁଦୃଢ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଲେ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଆଗାମୀ ଦିନରେ ରାଜ୍ୟର ତୃଣମୂଳସ୍ତରରେ ବିଜେପିର ସଙ୍ଗଠନକୁ ଆହୁରି ସୁଦୃଢ କରାଯିବ। ପ୍ରତ୍ୟେକ ବୁଥରେ ୨୫ ଜଣିଆ ବୁଥ କମିଟି ଗଠନ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ଏବଂ ଲୋକଙ୍କ ସୁଖ ଦୁଃଖରେ ଭାଗିଦାର ହୋଇ ରାଜ୍ୟରେ ଆଗାମୀ ଦିନରେ କିପରି ବିଜେପି ସରକାର ଗଠନ କରିବ ସେ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି। ଆଜି ରାଜ୍ୟକାର୍ଯ୍ୟାଳୟରେ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ୩୬ଟି ସାଙ୍ଗଠନିକ



ଜିଲ୍ଲାର ଜିଲ୍ଲା ସଭାପତି ଓ ପ୍ରଭାରୀ, ସମସ୍ତ ସାଂସଦ ଓ ସାଂସଦ ପାର୍ଥୀ, ସମସ୍ତ ବିଧାୟକ ଓ ବିଧାୟକ ପାର୍ଥୀ ମାନଙ୍କୁ ସଙ୍ଗଠନ ସୁଦୃଢ କରିବା ନେଇ ଦିଶା ନିର୍ଦ୍ଦେଶ କରିଛନ୍ତି। ଗତ କାଲି ରାଜ୍ୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ପଦାଧିକାରୀ ବୈଠକରେ ଯୋଗ ଦେଇ ଦଳର ଆଗାମୀ ରଣନୀତି ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

▶▶ପୃଷ୍ଠା ୭

## ଏସଡ଼ିଜେଏମ୍ କୋର୍ଟରେ ହାଜର ହେଲେ ପାଠକ ବାପା ପୁଅ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଭୁବନେଶ୍ୱର ଏସଡ଼ିଜେଏମ୍ କୋର୍ଟରେ ଶୁକ୍ରବାର ଦିନ ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକ ଏବଂ ପୁଅ ଆକାଶ ପାଠକ ହାଜର ହୋଇଛନ୍ତି। ଆକାଶଙ୍କ ନୂଆ ମାମଲାକୁ ନେଇ କୋର୍ଟକୁ ଅବଗତ କରାଯାଇଛି। ଏହା ସହ ୬୫ ଲକ୍ଷ ଠକେଇ ମାମଲାରେ ମଧ କୋର୍ଟଙ୍କୁ ଅବଗତ କରାଯାଇଛି। ଟଙ୍କା ଠକେଇ ନେଇ ଖାରବେଳ ଥାନାରେ ମାମଲା ରହିଛି। ଏକୋର୍ଟରେ ହାଜର ବେଳେ ଆକାଶ ପାଠକ କହିଛନ୍ତି ଯେ ସେ କାହାକୁ ଠକି ନଥିବା କହିଛନ୍ତି। ତାଙ୍କ ପାଖରେ ସବୁ ପ୍ରମାଣ ଅଛି, ସେ କୋର୍ଟକୁ ଦେବେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ୫୭୯ ବାହନକୁ ଜବତ କରାଯାଇଛି। ଏହି ସମୟ ମଧ୍ୟରେ ୧୯,୭୫,୯୦୦ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି।

## ପ୍ରଦୀପ ପାଣିଗ୍ରାହୀଙ୍କ ଦୁର୍ନୀତି ମାମଲାର ତଦନ୍ତ ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ହୋଇଥିବା ଦୁର୍ନୀତି ଅଭିଯୋଗ ମାମଲାର ତଦନ୍ତ କରିବ ଭିଜିଲାନ୍ସ। ଦୁର୍ନୀତି ମାମଲାର ତଦନ୍ତ ଲାଗି ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ୨ ମାସ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆସନ୍ତା ଫେବୃୟାରୀ ୧୨ରେ ମାମଲାର ପରବର୍ତୀ ଶୁଣାଣି ହେବ ବୋଲି ଲୋକାୟୁକ୍ତ ସ୍ପଷ୍ଟ କରିଛନ୍ତି। ଗତ ୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଲାଗି




ଲୋକାୟୁକ୍ତଙ୍କୁ ସୁପାରିସ କରିଥିଲେ। ଲୋକାୟୁକ୍ତ ଗଠନ ପରେ ପ୍ରଥମ ମାମଲା ଭାବେ ରାଜ୍ୟ ସରକାର ପ୍ରଦୀପ ପାଣିଗ୍ରାହୀଙ୍କ ଦୁର୍ନୀତି ମାମଲାକୁ ସୁପାରିସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁପାରିସକୁ ଗ୍ରହଣ କରି ଲୋକାୟୁକ୍ତ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଭାବି କ୍ୱାଇଁ ଆକାଶ ପାଠକ ସହ ମିଶି ଟାଟା କମ୍ପାନୀରେ ଚାକିରୀ କରାଇଦେବା ନାମରେ ଲୋକଙ୍କ ଠାରୁ ଟଙ୍କାଆଦାୟ କରିଥିବା ଅଭିଯୋଗରେ ଗତ ୩ ତାରିଖରେ ପ୍ରଦୀପ ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଂଚ ଗିରଫ କରିଥିଲା। ଏବେ ପ୍ରଦୀପ ପାଣିଗ୍ରାହୀ ଝାରପଡ଼ା ଜେଲ୍ ରେ ଅଛନ୍ତି।

## ଭାରତର ଉର୍ଜା କ୍ଷେତ୍ରରେ କତାରର ପୁଞ୍ଜିନିବେଶ ପାଇଁ ଗଠନ ହେବ ଟାସ୍କ ଫୋର୍ସ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୧।୧୨ (ନି.ପ୍ର): ଭାରତର ଉର୍ଜା କ୍ଷେତ୍ରରେ କତାରର ପୁଞ୍ଜିନିବେଶ ପାଇଁ ଟାସ୍କ ଫୋର୍ସ ଗଠନ ହେବା ନେଇ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର କତାରର ଉର୍ଜା ମନ୍ତ୍ରୀ ତଥା କତାର ପେଟ୍ରୋଲିୟମ ସଭାପତି ଓ ସିଇଓ ସାଦ୍ ଶେରିଦା ଅଲ-କବିଙ୍କ ସହ ଟେଲିଫୋନରେ ଆଲୋଚନା କରିବା ପରେ ଶ୍ରୀ ପ୍ରଧାନ ଏହି ସୂଚନା ଦେଇଛନ୍ତି। ଭାରତର ସାମଗ୍ରିକ ଉର୍ଜା କ୍ଷେତ୍ରରେ



କତାରର ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ଉପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ କତାରର ମନ୍ତ୍ରୀ ଅଲ-କବିଙ୍କ ମଧ୍ୟରେ ଟେଲିଫୋନ୍ ମାଧ୍ୟମରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରୁ ଜଣାପଡିଛି ଯେ ଭାରତର ଉର୍ଜା କ୍ଷେତ୍ରରେ କତାରର ପୁଞ୍ଜିନିବେଶ ପାଇଁ ଏକ ଟାସ୍କ ଫୋର୍ସ ଗଠନ ନେଇ ଉଭୟ ମନ୍ତ୍ରୀ ସମ୍ମତି ପ୍ରକାଶ କରିଛନ୍ତି। କାତାର ପେଟ୍ରୋଲିୟମର ଉପସଭାପତି ଓ ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ବରିଷ୍ଠ ଅଫିସରମାନେ ଗଠନ ହେବାକୁ ଥିବା ଟାସ୍କ ଫୋର୍ସର ପ୍ରତିନିଧିତ୍ୱ କରିବେ। ଭାରତର ଉର୍ଜା କ୍ଷେତ୍ରରେ ଥିବା କେଉଁ ନିର୍ଦ୍ଦିଷ୍ଟ ପ୍ରକଳ୍ପରେ କତାରର ପୁଞ୍ଜିନିବେଶ କରିପାରିବ, ପ୍ରତିନିଧିମାନେ ଉକ୍ତ ପ୍ରକଳ୍ପ ଗୁଡ଼ିକର ଅନ୍ୱେଷଣ କରିବେ। ଭାରତକୁ ଏଲଏନଜି ଏବଂ ଏଲପିଜିର ନିରନ୍ତର ଯୋଗାଣରେ କତାରର ଭୂମିକା ଉପରେ ଶ୍ରୀ ପ୍ରଧାନ ଏହି ଆଲୋଚନାରେ ଦୋହରାଇଥିଲେ। ଉର୍ଜା କ୍ଷେତ୍ରରେ ଦ୍ୱିପାକ୍ଷିକ ଚୁକ୍ତିକୁ ସୁଦୃଢ଼ କରିବା ନେଇ ଉଭୟ ମନ୍ତ୍ରୀ ସମ୍ମତି ପ୍ରକାଶ କରିଥିଲେ।

## ଅବକାରୀ ବିଭାଗର ମିଳିତ ଚଢାଉ : ୫୪୫ ଲିଟର ମଦ ସହିତ ୯ ଗିରଫ

ଜଳେଶ୍ୱର,୧୧।୧୨ (ନି.ପ୍ର): ଆଜି ଶୁକ୍ରବାର ଭୋର ସମୟରେ ଅବକାରୀ ବିଭାଗ ଓ ଏନ୍ଫୋର୍ସମେଣ୍ଟର ମିଳିତ ଚଢାଉ ବାଲେଶ୍ୱର ଜିଲାର ଜଳେଶ୍ୱର ଥାନାର ଝାଡେଶ୍ୱରପୁର ଓ ରାଇବଣିଆ ଥାନାର ଶ୍ରୀରାମପୁର, ବେହେରାସାହି, ମୁଣ୍ଡୁତୁଣିଆ, ତେନ୍ତୁଳା, କୁମୁଚିଆ ଅଂଚଳରେ କରାଯାଇଥିଲା। ଏହାସବୁ ସ୍ଥାନ ମାନଙ୍କୁ ୫୪୫ ଲିଟର ଦେଶୀ ମଦ ଜବତ୍ କରିବା ସହିତ ୨ ମହିଳା ସମେତ ୯ଜଣଙ୍କୁ ଗିରଫ କରାଯାଇଛି। ପ୍ରାୟ ୨ହଜାର ଲିଟର ପୋଚ କୁ ନଷ୍ଟ କରାଯାଇଛି। ଏହି ଚଢାଉରେ ଜଳେଶ୍ୱର ଅବକାରୀ ବିଭାଗର ସବ୍ଇନସ୍ପେକ୍ଟର ଦେବେନ୍ଦ୍ର କୁମାର ବେହେରାଙ୍କ ସହିତ ଜଳେଶ୍ୱର ରାଜସ୍ୱ ବିଭାଗ, ପୋଲିସ୍ ବିଭାଗ, ବନ ବିଭାଗ ଓ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।

## କରୋନାରୁ ସୁସ୍ଥ ହେଲେ ଆଉ ୪୦୮

ଭୁବନେଶ୍ୱର,,୧୧।୧୨ (ନି.ପ୍ର): ରାଜ୍ୟରୁ ଶୁକ୍ରବାର ଆଉ ୪୦୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ସୁସ୍ଥଙ୍କୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩,୧୮,୨୭୮କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ଏହି ସୂଚନା ଦେଇଛି। ଖୋର୍ଦ୍ଧାରୁ ୩୬ଜଣ ସୁସ୍ଥ ହୋଇଥିବା ବେଳେ ମୟୁରଭଞ୍ଜରୁ ୩୪ଜଣ, କଟକରୁ ୩୩ଜଣ, ଅନୁଗୁଳରୁ ୩୨ଜଣ, ପୁରୀରୁ ୩୧ଜଣ, ବରଗଡ଼ରୁ ୩୦ଜଣ, କଳାହାଣ୍ଡିରୁ ୨୮ଜଣ, ବଲାଙ୍ଗୀରରୁ ୨୫ଜଣ, କେନ୍ଦ୍ରାପଡ଼ାରୁ ୧୮ଜଣ, ବାଲେଶ୍ୱରରୁ ୧୭ଜଣ, ସୁନ୍ଦରଗଡ଼ରୁ ୧୬ଜଣ, ଜଗତସିଂହପୁରରୁ ୧୪ଜଣ, ନୂଆପଡ଼ାରୁ ୧୪ଜଣ, ସମ୍ବଲପୁରରୁ ୧୪ଜଣ, କେନ୍ଦୁଝରରୁ ୧୦ଜଣ, ଯାଜପୁରରୁ ୯ଜଣ, ଗଞ୍ଜାମରୁ ୭ଜଣ, ଢେଙ୍କାନାଳରୁ ୫ଜଣ, ଝାରସୁଗୁଡ଼ାରୁ ୫ଜଣ, କୋରାପୁଟରୁ ୫ଜଣ, ରାୟଗଡ଼ାରୁ ୪ଜଣ, ନବରଙ୍ଗପୁରରୁ ୩ଜଣ, ସୁବର୍ଣ୍ଣପୁରରୁ ୩ଜଣ, ଭଦ୍ରକରୁ ୨ଜଣ, ଦେବଗଡ଼ରୁ ୨ଜଣ,ମାଲକାନଗିରିରୁ ଜଣେ , ଷ୍ଟେଟପୁଲରୁ ୧୦ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ନଡ୍ଡାଙ୍କୁ ଆକ୍ରମଣ ପ୍ରତିବାଦରେ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କଲା ଯୁବମୋର୍ଚ୍ଚା

**ବିରୋଧୀଙ୍କୁ ଆକ୍ରମଣ କରି ଆତଙ୍କରାଜ ଚଲାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୧।୧୨ (ନି.ପ୍ର): ପଶ୍ଚିମବଙ୍ଗରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡାଜୀଙ୍କ ଗାଡି ଉପରକୁ ତୃଣମୂଳ କଂଗ୍ରେସର କର୍ମୀମାନେ ପଥର ଫିଙ୍ଗି ଆକ୍ରମଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ବିଜେପି ମହାସଚିବ କୈଳାସ ବିଜୟଭର୍ଗୀୟ, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଶିବ ପ୍ରକାଶ ଏବଂ ସଂଜୟ ମୟୁଖଙ୍କ ଗାଡି ଉପରକୁ ଢେଲା ମାଡ କରି ମରଣାନ୍ତକ ଆକ୍ରମଣ କରିବା ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସ କର୍ମୀମାନେ ଭୟଭୀତ ହୋଇପଡିଛନ୍ତି। ଗଣତନ୍ତ୍ରରେ ରାଜନୈତିକ ଆକ୍ରୋଶମୂଳକ ଆକ୍ରମଣକୁ ବିଜେପି ଯୁବମୋର୍ଚ୍ଚା ଦୃଢ ନିନ୍ଦା କରିବା ସହ ମାଷ୍ଟରକ୍ୟାଂଟିନ ଛକ ଠାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କଶପୁତଳିକା ଦାହ କରାଯାଇଛି। ଆଗାମୀ ଦିନରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବ। ଏଥିରେ ଭୟଭୀତ ହୋଇ ଯଦି ତୃଣମୂଳ କର୍ମୀମାନେ ଏଭଳି ଭୁଲକୁ ବାରମ୍ବାର ଦୋହରାନ୍ତି ତେବେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତାମାନେ ଦେଶବ୍ୟାପୀ ଏହାର ଦୃଢ ପ୍ରତିବାଦ କରିବେ ବୋଲି ଶ୍ରୀ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି।

## ନବନିଯୁକ୍ତ କୁଳପତିମାନଙ୍କ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବୈଠକ ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାରମୂଳକ କାର୍ଯ୍ୟ ଓ ଗବେଷଣା ଦିଗରେ କୁଳପତିମାନେ ଗୁରୁତ୍ୱ ଦିଅନ୍ତୁ : ଅରୁଣ ସାହୁ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାରମୂଳକ କାର୍ଯ୍ୟକୁ ଆଗେଇନେବା ଓ ବିଶ୍ୱବିଦ୍ୟାଳୟରେ ଗବେଷଣା କାର୍ଯ୍ୟକୁ ପ୍ରାଥମିକତା ପ୍ରଦାନ ଏବଂ ଗବେଷଣାର ସନ୍ଦର୍ଭଗୁଡ଼ିକ ପ୍ରମୁଖ ପତ୍ରିକାରେ ପ୍ରକାଶନ ଦିଗରେ କୁଳପତିମାନେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ଠିକ୍ ସମୟରେ ନାମଲେଖା, ପାଠ୍ୟକ୍ରମ



ଶେଷ କରି ନିର୍ଦ୍ଧାରିତ ସମୟରେ ପରୀକ୍ଷା ପରିଚାଳନା କରି ଫଳ ପ୍ରକାଶନ ଆଦି ଉପରେ ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତିମାନେ ସମୁଚିତ ପଦକ୍ଷେପ ନେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟର ୬ଟି ବିଶ୍ୱବିଦ୍ୟାଳୟରେ ନବନିଯୁକ୍ତ କୁଳପତିମାନଙ୍କ ସହିତ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତିତ ୫-'ଟି' କାର୍ଯ୍ୟକ୍ରମକୁ ...

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି। ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୯୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

▶▶ପୃଷ୍ଠା ୭

## ଥାନାର ଦ୍ୱାରସ୍ଥ ହେଲେ ଅଭିନେତ୍ରୀ ବର୍ଷା ମାମଲା ରୁଜୁ କରି ପୋଲିସର ତଦନ୍ତ ଆରମ୍ଭ



କଟକ,୧୧।୧୨ (ନି.ପ୍ର): କଟକ ପୁରୀ ଘାଟ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ଜୀବନ ସଂକ୍ରାନ୍ତୀୟ କିଛି ତଥ୍ୟ ଓ ମୋବାଇଲ୍ ଚାଟ୍ ଭାଇରାଲ୍ ନେଇ ବ୍ୟକ୍ତିଗତ କଥା ପ୍ରଘଟ ଯୋଗୁଁ ସମ୍ମାନ ହାନି ହୋଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ବୁଧବାର ଏନେଇ ଅଭିଯୋଗ ପରେ ଗୁରୁବାର ଦିନ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ସାଂସଦ ସ୍ୱାମୀ ଅନୁଭବ ମହାନ୍ତି ଓ ପତ୍ନୀ ବର୍ଷାଙ୍କ ମାମଲା ସୁପ୍ରିମକୋର୍ଟରେ ବିଚାରଧିନ ରହିଛି।

## ଜାମିନ୍ ପାଇଁ ହାଇକୋର୍ଟରେ ବିଧାୟକ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୁର୍ନୀତି ମାମଲାରେ ଗିରଫ ହୋଇ ବର୍ତମାନ ଜେଲ୍ ରେ ଅଛନ୍ତି। ଶ୍ରୀ ପାଣିଗ୍ରାହୀ ଗତ ୭ ତାରିଖ ଦିନ ଭୁବନେଶ୍ୱରର ଅତିରିକ୍ତ ଦୌରା ଜଜ୍ ଅଦାଲତରେ ଜାମିନ୍ ଆବେଦନ କରିଥିଲେ ହେଁ ତାହା ଖାରଜ ହୋଇଯାଇଥିଲା। ସୂଚନାଯୋଗ୍ୟ ଯେ ଟାଟା କମ୍ପାନୀରେ ଚାକିରି



କରାଇଦେବାକୁ କହି ଭାବୀ କ୍ୱାଇଁ ଆକାଶ ପାଠକଙ୍କ ପାଇଁ ପ୍ରଦୀପ ପାଣିଗ୍ରାହୀ ଟଙ୍କା ଆଦାୟ କରୁଥିବା ଅଭିଯୋଗ ରେ ଗତ ୪ ତାରିଖ ସନ୍ଧ୍ୟା ବେଳେ ପ୍ରଦୀପଙ୍କୁ କ୍ରାଇମବ୍ରାଂଚ ଗିରଫ କରିଥିଲା। ତାଙ୍କ ବିରୋଧରେ ଦଫା ୪୧୯, ୪୨୦, ୪୬୭, ୪୬୮, ୪୬୯, ୪୭୧, ୧୨୦ ବି, ଆଇଟି ଆକ୍ଟ ୨୦୦୦ର ଦଫା ୬୬ ସି ଓ ଡିରେ ମାମଲା ରୁଜୁ କରିଥିଲା କ୍ରାଇମବ୍ରାଂଚ। ଆସିଥିଲା। ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର, ସାଇବର ଅପରାଧରେ ପ୍ରଦୀପଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ।

## ରାଜଧାନୀରେ ପୁଣି ଫୁଟିଲା ଗୁଳି

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଦିନବେଳା ରାଜଧାନୀରେ ଫୁଟିଛି ଗୁଳି। ଜଣେ ଜେଲ ଫେରନ୍ତା ଯୁବକଙ୍କୁ ଟାର୍ଗେଟ କରି ଗୁଳିମାଡ଼ କରିଥିବା ୩ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଜଣାଯାଇଛି। ସୌଭାଗ୍ୟବଶତଃ ଗୁଳିମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି।ସୂଚାଯୋଗ୍ୟ ଯେ, ଭୁବେନଶ୍ୱର ଉପକଣ୍ଠ ତମାଣ୍ଡୋ ଥାନା କଳିଙ୍ଗବିହାର କେ-୪ ଅଞ୍ଚଳରେ ଗୁଳିକାଣ୍ଡ ଘଟିଛି। ଏକ ବାଇକ୍ରେ ୩ ଯୁବକ ଆସି ଜଣେ ଜେଲ୍ ଫେରନ୍ତା ଯୁବକଙ୍କୁ ଟାର୍ଗେଟ କରି ଗୁଳିବାଡ଼ କରିଥିବା ଜଣାଯାଇଛି। ଯୁବକଙ୍କ ପରିଚୟ ଜଣାପଡ଼ି ନଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଖୋକା ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ବାଲେଶ୍ୱରରେ ଗଡ଼ିଲା ପୋଷ୍ୟ ସନ୍ତାନ ସଚେତନତା ରଥ



ବାଲେଶ୍ୱର,୧୧।୧୨ (ନି.ପ୍ର): ପୋଷ୍ୟ ସନ୍ତାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସଚେତନତା ରଥ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଯାତ୍ରା ଆରମ୍ଭ କରିଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଅସହାୟ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଆପଣେଇବା ଏବଂ ଏପରି ମହତ୍ କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ କାମନା କରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ରଥ ମାଧ୍ୟମରେ ପୋଷ୍ୟ ସନ୍ତାନ ଗ୍ରହଣ ଓ ଏହାର ଆଇନ ସମ୍ପର୍କରେ ସଚେତନତା କରାଯିବ। ଅନାଥ ଓ ଅବହେଳିତ ଅବସ୍ଥାରେ ଥିବା ଶିଶୁଙ୍କୁ ପରିଚୟ ପ୍ରଦାନ କରିବାରେ ଏଭଳି ସଚେତନତା କାର୍ଯ୍ୟ ସହାୟକ ହେବ ବୋଲି ଆଶାପ୍ରକଟ କରାଯାଇଛି। ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ ପରିକ୍ରମା କରିବ। ଆଜିର ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ନୀଳଗିରି ଉପ-ଜିଲ୍ଲାପାଳ ହରିଶ ଚନ୍ଦ୍ର ଜେନା, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଭାଗିରଥି ବାରିକ୍, ସଦସ୍ୟ ଗଣେଶ୍ୱର ରାଉତ ଏବଂ ଜିଲ୍ଲା ଚିକିତ୍ସାଳୟର ଡାକ୍ତର ସନତ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ଆଇନ ପର୍ଯ୍ୟବେକ୍ଷକ ଅଧିକାରୀ ମୁକ୍ତିକାନ୍ତ ପଣ୍ଡା, ସତ୍ୟରଞ୍ଜନ ସ୍ୱାଇଁ, ରଶ୍ମିରେଖା ସେନାପତି, ପୁଷ୍ପଲତା ଜେନା, ସୌମେନ ଗିରି, ସଂଯୁକ୍ତା ରାଉତ, ଦେବବନ୍ଧ୍ୟା ମହାପାତ୍ର, ରିମାଶ୍ରୀ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଶ୍ୱ ମାନବାଧିକାର ଦିବସରେ ମାନବ ଅଧିକାର ସୁରକ୍ଷା ପାଇଁ ଦାବି




ଭୁବନେଶ୍ୱର,୧୧।୧୨ (ନି.ପ୍ର): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ତରଫରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ମାର୍ଗ ଠାରେ ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି। ୧୯୪୮ ମସିହା ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ଡ଼ିସେମ୍ବର ୧୦ ତାରିଖକୁ ମାନବାଧିକାର ଦିବସ ଭାବରେ ଘୋଷଣା କରାଯାଇଛି। ଆଜିର ଅନୁଷ୍ଠିତ ବିକ୍ଷୋଭ ସଭାରେ ପାର୍ଟିର ବରିଷ୍ଠ ନେତା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି ଉଦ୍‌ବୋଧନ ଦେଇ କହିଥିଲେ ଯେ, ମାନବ ଅଧିକାର ଦିବସ ଘୋଷଣାର ୭୨ ବର୍ଷ ପରେ ମଧ ବିଭିନ୍ନ ଦେଶରେ ବ୍ୟାପକ ଭାବେ ମାନବିକ ଅଧିକାର ଉଲଂଘନ କରାଯାଉଛି। ମଧ୍ୟପ୍ରାଚ୍ୟର ସିରିଆ ଏବଂ ବିଭିନ୍ନ ଆଫ୍ରିକୀୟ ଦେଶମାନଙ୍କରେ ମାନବ ଅଧିକାରକୁ ବର୍ବରତାର ସହିତ ଦମନ କରାଯାଉଛି। ଆମ ଦେଶରେ ମଧ ଜାମ୍ମୁ କାଶ୍ମୀରକୁ ଜେଲ୍‌ରେ ପରିଣତ କରାଯାଇ ମାନବ ଅଧିକାରକୁ ହନନ କରାଯାଉଛି। ଦେଶର ବୁଦ୍ଧିଜୀବୀ, କବି, ଲେଖକମାନଙ୍କୁ ଅର୍ବାନ ନକ୍ସଲ କିମ୍ବା ରାଷ୍ଟ୍ରଦ୍ରୋହୀ ଆଖ୍ୟା ଦେଇ ଅମାନବିକ ଭାବରେ ବନ୍ଦୀ କରି ରଖାଯାଇଛି। ଦେଶର ୨୦ କୋଟି ଲୋକ ଭୋକ ଉପାସରେ ଦିନ କାଟୁଛନ୍ତି। ଭୋକରେ ଥିବା ମଣିଷର ମାନବ ଅଧିକାର କଣ ରହିଲା ବୋଲି ପ୍ରଶ୍ନ କରିଛନ୍ତି ? ଆଦିବାସୀ, ଦଳିତ, ମହିଳା ଅଧିକାରକୁ ହନନ କରିବା ମଧ ଗୁରୁତର ମାନବିକ ଅଧିକାର ଉଲଂଘନ। ଦେଶର ଶାସକ କର୍ପୋରେଟ ସ୍ୱାର୍ଥରେ ଭିଟାମାଟିରୁ ଉଚ୍ଛେଦ, ସାମ୍ପ୍ରଦିକ ବିଭେଦ ସୃଷ୍ଟି ବନ୍ଦ କରିବା, ମିଥ୍ୟା ଆରୋପରେ ଜେଲ୍‌ରେ ଥିବା ବନ୍ଦୀମାନଙ୍କୁ ମୁକ୍ତି କରିବା, ବାକ୍ ସ୍ୱାଧୀନତା, ଖାଦ୍ୟର ଅଧିକାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ରାଜ୍ୟ କମିଟି ସଭ୍ୟ ସାଲ ମାର୍ଣ୍ଡି, ପାର୍ଟିର ଆଞ୍ଚଳିକ ସମ୍ପାଦକ ରାମଚନ୍ଦ୍ର ତ୍ରିପାଠୀ, ପ୍ରଭାତ ପାଣିଗ୍ରାହୀ, ଜୟପ୍ରକାଶ ଭଞ୍ଜଦେଓ, ରମେଶ ଜେନା, ପୂର୍ଣ୍ଣଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ରହି ସରକାର ବିଶ୍ୱ ମାନବିକ ଅଧିକାରର ଅନୁଚିନ୍ତା ଯଥା- ମୁକ୍ତି, ସମାନତା ସ୍ୱାଧୀନ ଭାବରେ ଆତ୍ମ ମର୍ଯ୍ୟାଦାର ସହିତ ଜୀବନ ଯାପନ କରିବାର ଅଧିକାରକୁ ସୁରକ୍ଷିତ ରଖିବା, ଅଭିବ୍ୟକ୍ତିର ସ୍ୱାଧୀନତା, ବାକ୍ ସ୍ୱାଧୀନତା ଉପରେ ଆକ୍ରମଣ ବନ୍ଦ କରିବା, ମାନବିକ ଅଧିକାକୁ ଉଲଂଘନ କରାଯାଇ ଜେଲ୍‌ରେ ଥିବା ସମସ୍ତ ରାଜନୈତିକ, ସାମାଜିକ ବ୍ୟକ୍ତିବିଶେଷଙ୍କୁ ମୁକ୍ତ କରିବା, ଖାଦ୍ୟ, ବାସ, କାମ, ଜୀବନ ଏବଂ ଜୀବିକାର ଅଧିକାରକୁ ପ୍ରତିଷ୍ଠା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେଲେ ମାନବାଧିକାର ଦିବସର ଉପଯୁକ୍ତ ସମ୍ମାନ ହେବ ବୋଲି ମତପ୍ରକାଶ କରିଥିଲେ।

# ଗଞ୍ଜାମ ଜିଲ୍ଲାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ନେଇ ଜିଲ୍ଲା ପ୍ରଶାସନ ପ୍ରଦତ ତଥ୍ୟରେ ପୁଣି ତୃଟି

ଗଞ୍ଜାମ,୧୧।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ନେଇ ଜିଲ୍ଲା ପ୍ରଶାସନ ପ୍ରଦତ ତଥ୍ୟରେ ପୁଣି ତୃଟି ପରିଲକ୍ଷିତ ହୋଇଛି । ଗତକାଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରୀ ରିପୋର୍ଟ ମୁତାବକ ଗଞ୍ଜାମ ଜିଲ୍ଲାରେ ୮ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ଜିଲ୍ଲା ପ୍ରଶାସନ ଦେଇଥିବା ସୂଚନା ମୁତାବକ, ଜଗନ୍ନାଥ ପ୍ରସାଦ ବ୍ଲକରୁ ୪ ଜଣ, ବ୍ରହ୍ମପୁରରୁ ୨ ଜଣ, ଚିକିଟି, ଗଞ୍ଜାମ ଓ ରଙ୍ଗେଇଲୁଣ୍ଡାରୁ ଜଣେ ଲେଖାଏଁ ସଂକ୍ରମିତ ଠାବ ହୋଇଛନ୍ତି। ଅର୍ଥାତ୍ ମୋଟ୍ ନୂଆ ୯ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଦର୍ଶାଯାଇଛି। ଯାହାକୁ ନେଇ ଦ୍ୱନ୍ଦ ଦେଖାଦେଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ମୁତାବକ, ଜିଲ୍ଲାରେ ୮ ନୂଆ ସଂକ୍ରମିତ ଠାବ ହେବା ପରେ ଗତକାଲି ସୁଦ୍ଧା ମୋଟ୍ ପଜିଟିଭ୍ ସଂଖ୍ୟା ୨୧ ହଜାର ୭୦୨ ହୋଇଛି। ଏପଟେ ଗତକାଲି ୬ ଜଣ ସୁସ୍ଥ ହେବା ପରେ ଅଦ୍ୟାବଧି ଆରୋଗ୍ୟ ଲାଭ କରିଥିବା ମୋଟ୍ ସୁସ୍ଥ ସଂଖ୍ୟା ୨୧ ହଜାର ୪୨୯ ରେ ପହଂଚିଛି । ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୨୫୩ ରହିଥିବା ବେଳେ ୨୦ ଜଣ ରୋଗୀ ଚିକିତ୍ସାଧିନ ରହିଛନ୍ତି । ସେହିପରି ବ୍ରହ୍ମପୁର ମହାନଗର (ବିଏମସି)ର ବଡ଼ ବଜାର ପ୍ରେମ୍ ନଗରରୁ ୪୧ ବର୍ଷିୟ ମହିଳା ଓ ୫୦ ବର୍ଷିୟ ପୁରୁଷ ନୂଆକରି ସଂକ୍ରମିତ ହୋଇଛନ୍ତି । ଏଥିସହ ବିଏମସିରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୧୩୧ କୁ ବୃଦ୍ଧି ପାଇଛି । ଅଦ୍ୟାବଧି ଆରୋଗ୍ୟ ଲାଭ କରିଥିବା ଲୋକଙ୍କ ସଂଖ୍ୟା ୪୦୪୯, ମୃତ୍ୟୁ ସଂଖ୍ୟା ୬୯ ରହିଥିବା ବେଳେ ସକ୍ରିୟ ସଂଖ୍ୟା ୧୩ ରହିଥିବା ଦର୍ଶାଇଛି ବିଏମସି ପ୍ରଶାସନ । ବୁଧବାର ସକ୍ରିୟ ପଜିଟିଭ୍ ସଂଖ୍ୟା ୩୦ ଦର୍ଶାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ଦ୍ୱାରା ୧୮ ଦର୍ଶାଯାଇଛି । ଏନେଇ ଗୁରୁବାର ବିଏମସି ତଥ୍ୟ ସଂଶୋଧନ ହୋଇଥିବା ପରିଲକ୍ଷିତ ହୋଇଛି ।

# ସମ୍ବଲପୁର ରେଳ ମଣ୍ଡଳରେ ଶକ୍ତି ସଂରକ୍ଷଣ ସପ୍ତାହ ଆୟୋଜନ

ସମ୍ବଲପୁର,୧୧।୧୨ (ନି.ପ୍ର): ପୂର୍ବତଟ ରେଳବାଇ, ସମ୍ବଲପୁର ମଣ୍ଡଳରେ ଜାତୀୟ ଶକ୍ତି ସଂରକ୍ଷଣ ସପ୍ତାହ ୮ ଡିସେମ୍ବରରୁ ୧୪ ଡିସେମ୍ବର - ୨୦୨୦ ମଧ୍ୟରେ ପାଳନ କରାଯାଉଅଛି । ଏହି ସପ୍ତାହରେ ସମ୍ବଲପୁର ମଣ୍ଡଳର ବିଭିନ୍ନ ରେଳ ଷ୍ଟେସନରେ ଏବଂ ବିଭିନ୍ନ ସ୍ଥାନରେ ଶକ୍ତି ସଂରକ୍ଷଣର ବିଭିନ୍ନ ସ୍ଲୋଗାନ ସହିତ ବ୍ୟାନର, ଷ୍ଟିକର, ପୋଷ୍ଟର ପ୍ରଦର୍ଶିତ କରାଯାଇ ଜନ ସଚେତନତା ଅଭିଯାନ କରାଯାଇଅଛି।

ଏହି ଅବସରରେ ଭର୍ଚୁଆଲ ମୋଡ଼ ମାଧ୍ୟମରେ ଶକ୍ତି ସଂରକ୍ଷଣ ଉପରେ ଏକ ସେମିନାର ଆୟୋଜିତ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଅଧକ୍ଷତା କରି କହିଲେ ଶକ୍ତି ସଂରକ୍ଷଣ ପାଇଁ ଜନସଚେତନତା ଆବଶ୍ୟକ । ଅନେକ ଗୁଡ଼ିଏ କାରଣରୁ ଶକ୍ତି ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ ଏବଂ ଲାଭଦାୟକ ଓ ଏହା ଇକୋସିଷ୍ଟମ ପାଇଁ ଉତମ । ବିଜୁଳି ବିଲ୍ କମ୍ କରିବା ପାଇଁ, ଆପଣମାନେ ରୁମ୍ ଛାଡ଼ି କରି ଗଲାବେଳେ ବିଭିନ୍ନ ଉପକରଣ, ଲାଇଟ୍, ପଙ୍ଖା ଆଦି ବନ୍ଦ କରନ୍ତୁ, ଯେତେବେଳେ ତାହା ଉପଯୋଗ ନାହିଁ। ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଇଂଜିନିୟର (ସାଧାରଣ) ଟେକେନ୍ଦ୍ର କୁମାର ଚାଣ୍ଡେଲ ଏବଂ ବରିଷ୍ଠ ମଣ୍ଡଳ ବିଦ୍ୟୁତ ଇଂଜିନିୟର (ଘର୍ଷଣ) ରଜନୀକାନ୍ତ ସାମଲଙ୍କ ଦ୍ୱାରା ରେଳ ବ୍ୟବହାରକାରୀଙ୍କ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ପାୱାର ପଏଂଟ ପ୍ରସ୍ତୁତ କରିଥିଲେ । ମଣ୍ଡଳ ବିଦ୍ୟୁତ ଇଂଜିନିୟର (ପରିଚାଳନା) ଧିରେନ୍ଦ୍ର ସିଂହ ଶକ୍ତି ସଂଚୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ସେମିନାରରେ ମଣ୍ଡଳର ସମସ୍ତ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ସହାୟକ ମଣ୍ଡଳ ବିଦ୍ୟୁତ୍ ଇଂଜିନିୟର (ଘର୍ଷଣ) ଭି. ଶ୍ରୀନିବାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗତସିଂହପୁର ଜିଲ୍ଲାରେ ୭ ନୂଆ କରୋନା ପଜିଟିଭ୍ ଚିହ୍ନଟ

ଜଗତସିଂହପୁର,୧୧।୧୨ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ଆଜି ଆଉ ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୮୯୬୯ କୁ ବୃଦ୍ଧି ପାଇଛି। ଅଦ୍ୟାବଧି ୧୫୩ ଆକ୍ରାନ୍ତ ସୁସ୍ଥ ହେଲେଣି । ଜିଲ୍ଲାରେ କରୋନାଜନିତ ସକ୍ରିୟ ମାମଲା ୧୧୯ ରହିଛି।

ନୂଆ ଚିହ୍ନଟ ଏହି ୭ ଆକ୍ରାନ୍ତଙ୍କ ମଧ୍ୟରେ ବାଲିକୁଦା ବ୍ଲକରୁ ୧ ଜଣ , ବିରିଡ଼ି ବ୍ଲକରୁ ୧ ଜଣ, ଏରସମା ବ୍ଲକରୁ ୧ ଜଣ,ନାଉଗାଁ ବ୍ଲକରୁ କେହି ନାହାନ୍ତି , ତିର୍ତୋଲ ବ୍ଲକରୁ ୨ଜଣ, ରଘୁନାଥପୁର ବ୍ଲକରୁ କେହି ନାହାନ୍ତି ,ଜଗତସିଂହପୁର ରୁ କେହି ନାହାନ୍ତି ,ପାରାଦ୍ୱୀପ ପୌରାଂଚଳରୁ କେହି ନାହାନ୍ତି , କୁଜଙ୍ଗ ବ୍ଲକରୁ କେହି ନାହାନ୍ତି , ଅନ୍ୟ ଜିଲ୍ଲାରେ କେହି ନାହାଁନ୍ତି ।ଏହାକୁ ମିଶାଇ ଆଜି ଜିଲ୍ଲାରୁ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୪।

# ନବୀନ ବାବୁଙ୍କର ଦୋମୁହାଁ ନୀତି ଆଉ କେତେଦିନ : ନିରଞ୍ଜନ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ବିଜେଡ଼ି ସରକାର ରାଜ୍ୟର କୃଷକମାନଙ୍କ ସ୍ୱାର୍ଥ ବିରୁଦ୍ଧରେ ବୋଲି ଏକଥା ଆଉ କାହାକୁ ଅଛପା ନାହିଁ। ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କର କେନ୍ଦ୍ରକୁ ଚିଠି ଲେଖିବା ଏବଂ ରାଜ୍ୟ କ୍ୟାବନେଟର କୃଷକମାନଙ୍କୁ ସର୍ବନିମ୍ନ ଫସଲର ସହାୟକ ମୂଲ୍ୟ ଅତିକମ୍‌ରେ ଶତକଡ଼ା ୫୦ଭାଗ ଅଧିକ ହେଉ ବୋଲି ଯେଉଁ ପ୍ରସ୍ତାବ କ୍ୟାବିନେଟରେ ପାରିତ ହେଲା ତାହାକୁ ଅତି କଟୁ ସମାଲୋଚନା କରି କହିଛନ୍ତି ଯେ କେତେଦିନ କାଳ ବିଜେଡ଼ି ସରକାର କୃଷକ ମାନଙ୍କ ପାଇଁ ଏ ମିଛ କାନ୍ଦଣା କାନ୍ଦିବେ ? ପ୍ରକୃତରେ ନବୀନ ବାବୁଙ୍କର ଆଖିରୁ ଆଜି ପର୍ଯ୍ୟନ୍ତ କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ବୁନ୍ଦାଏ ମଧ ଲୁହ ଗଡ଼ିନାହିଁ। ୨୦୧୭-୧୮ ମସିହାରେ ବିଧାନସଭା ଭଳି ପବିତ୍ର ଗୃହରେ ସର୍ବସମ୍ମତିକ୍ରମେ ଏକ ସଂକଳ୍ପ ପାରିତ ହୋଇଥିଲା। ସଂକଳ୍ପ ନାମା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଧାୟକ ମାନଙ୍କର ଏକ କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର ଥିଲା। ଏଥିପାଇଁ ନବୀନ ବାବୁ ପ୍ରଧାନମନ୍ତ୍ରୀଙ୍କୁ ଚିଠିଟିଏ ଲେଖି ବସିଗଲେ କିନ୍ତୁ ଗୋଟିଏ ଥର ବି ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ ହୋଇପାରିଲା ନାହିଁ ଏବଂ ଏହି ସଂକଳ୍ପ ନାମା ଅନୁସାରେ କୃଷକମାନଙ୍କୁ ସର୍ବନିମ୍ନ ୨୯୫୦ ଟଙ୍କା ଧାନ କ୍ୱିଂଟାଲ ପିଛା ମିଳିଲା ନାହିଁ। ସବୁ ସମୟରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସାକ୍ଷାତ ହୋଇ ପାରୁଛି ଏବଂ ଟେଲିଫୋନରେ କଥା ହୋଇପାରୁଛନ୍ତି, କିନ୍ତୁ ବିଧାୟକ ଦଳର ଏକ ପ୍ରତିନିଧି ମଣ୍ଡଳ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୫୦ଟଙ୍କାର ଦାବୀକୁ ପ୍ରଧାନମନ୍ତ୍ରୀଙ୍କ ପାଖରେ ରଖିବାର କାହିଁକି ସୁଯୋଗ ମିଳିଲା ନାହିଁ ? କେନ୍ଦ୍ରର ସମସ୍ତ ଜନବିରୋଧି ବିଲକୁ ପାଶ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରୁଛନ୍ତି କିନ୍ତୁ କୃଷକମାନଙ୍କ ସମସ୍ୟା ପାଇଁ ଥରୁଟିଏ ମଧ ପାଲ୍ୟାମେଣ୍ଟରେ ଏକଥା ଉଠାଇବାରେ ଅସମର୍ଥ କାହିଁକି ? ସାରା ଭାରତବର୍ଷରେ ୧କୋଟିରୁ ଅଧିକ କୃଷକ ଦୀର୍ଘ ୧୫ ଦିନଧରି ବିଜେପି ସରକାର କୃଷି ବିରୋଧୀ ଆଇନ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିଛନ୍ତି । କୃଷକମାନଙ୍କର ଡିମାଣ୍ଡ ହେଉଛି ଏହି କଳା ଆଇନକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରି ନିଅନ୍ତୁ। କିନ୍ତୁ ଏହି ଆଇନକୁ ପାରିତ କରିବାରେ ବିଜେଡ଼ି ଦଳ କାହିଁକି ଓ କିଭଳି ଭାବରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ସମର୍ଥନ କରିଥିଲା। ବିଜେଡ଼ିର ସାଂସଦମାନେ ଏ ବିଲକୁ ଥରେ ପଢ଼ିଥିଲେ କି ? ପ୍ରଶ୍ନ-୨ ବିଲ ଉପସ୍ଥାପନ ହେଲା ଓ ବିଲ ପାସ ହୋଇସାରିଲା ପରେ କାହିଁକି ସିଲେକ୍ଟ କମିଟିକୁ ରେଫର କରିବାପାଇଁ ଦାବି କରିଥିଲେ ? ବିଲଟି ପାସ ହୋଇସାରିଲା ପରେ ସିଲେକ୍ଟ କମିଟିକୁ ରେଫର କରିବା ଯାହା ଚୋର ଚାଲିଗଲା ପରେ ବୁଦ୍ଧି ଫେରିଲା ଭଳି। ସ୍ୱାମୀନାଥନ କମିଟିର ସୁପାରିଶକୁ କାହିଁକି ରାଜ୍ୟ ସରକାର ଆଜିପର୍ଯ୍ୟନ୍ତ ଗ୍ରହଣ କରିନାହାଁନ୍ତି ? କୃଷି ସମ୍ବିଧାନର ନିୟମ ଅନୁସାରେ ରାଜ୍ୟ ଲିଷ୍ଟରେ ନବୀନ ବାବୁଙ୍କୁ କୃଷକକୁ ତାର ଖର୍ଚ୍ଚ ବାଦ ଶତକଡ଼ା ୫୦ଭାଗ ଅଧିକ ମୂଲ୍ୟ ଦେବାପାଇଁ କିଏ ବନ୍ଧ କରିଛି ? ଦୟାକରି ନବୀନ ବାବୁ ଯେଉଁ ଘୋଷଣା କରିଥିଲେ କୃଷକମାନଙ୍କୁ ବୋନସ ଦେବାକଥା ଦୟାକରି ଏକ ପ୍ରେସବିବୃତିରେ ରାଜ୍ୟର କେତେ କୃଷକକଙ୍କୁ କେଉଁ କୃଷିଯାତ ଦ୍ରବ୍ୟପାଇଁ ବୋନସ ଦେଇଛନ୍ତି ? ମୋର ଯାହା ମନେ ପଡୁଛି ଏ ରାଜ୍ୟରେ ଜଣେ ବି କୃଷକକୁ ବୋନସ ଦେଇନାହାଁନ୍ତି। ଗତ ଡିସେମ୍ବର ୮ ତାରିଖ କୃଷକମାନେ ସାରାଭାରତ ବନ୍ଦର ଡାକରା ଦେଲେ। ଭାରତବର୍ଷରେ ବିଜେପିକୁ ଛାଡ଼ି ସମସ୍ତ ରାଜନୈତିକ ଦଳ ଏହି ବନ୍ଦକୁ ସମର୍ଥନ ଜଣାଇଲେ କିନ୍ତୁ ବିଜେଡ଼ି ଦଳ ସମର୍ଥନ ଜଣାଇଲା ନାହିଁ କାହିଁକି ? ଏଥିରୁ ବିଜେଡ଼ି ଦଳର ଏବଂ ନବୀନ ବାବୁଙ୍କ ଦୋମୁହାଁ ନୀତି ରାଜ୍ୟବାସୀଙ୍କ ସାମନାରେ ସ୍ପଷ୍ଟ ଜଣାପଡ଼ିଲା ନାହିଁକି ? ଏଥିରୁ ଆଉ ବୁଝିବାକୁ ବାକି ନାହିଁ ଯେ ବିଜେଡ଼ି ଓ ବିଜେପି ଭିତରେ ଯେଉଁ ଅଘୋଷିତ ମେଂଟ ତାହାକୁ ପୂର୍ଣ୍ଣପ୍ରାଣରେ ନବୀନବାବୁ ପାଳନ କରିବାରେ ଚେଷ୍ଟିତ। କୃଷକଙ୍କ ସମସ୍ୟା ଏବଂ ଦାବୀ ପ୍ରତି ତାଙ୍କର ନିଘା ହିଁ ନାହିଁ। ଏହି କଳା କୃଷିଆଇନରେ ସର୍ବନିମ୍ନ ସହାୟକ ମୂଲ୍ୟ କଥାଟି ମୂଳରୁ ବାଦ ପଡ଼ିସାରିଛି। ତେଣୁ ନବୀନବାବୁ ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ କୃଷକମାନଙ୍କୁ ମିଳୁ ବୋଲି କ୍ୟାବିନେଟରେ ମୋହର ଲଗାଇଲେ ତାହାତ ତାଙ୍କ ସାହାଯ୍ୟରେ ପାଳିତ ହୋଇଥିବା କଳା କୃଷି ଆଇନରେ ନାହିଁ। ତେଣୁ ରାଜ୍ୟରେ ସାଂସଦମାନେ ଏ ଦାବି କଉଠି ଉଠାଇବେ ଯେଉଠି କହିବା କଥା ଥିଲା ସେତେବେଳେ କ’ଣ ଶୋଇପଡ଼ିଥିଲେ ? ବିଜେଡ଼ି ବିଜେପି ସାଂଟଗାଂଠ ଯୋଗୁଁ ଦୃତରାଷ୍ଟ୍ରଙ୍କ ଭଳି ବ୍ୟବହାର କରୁଥିଲେ ? ନବୀନ ବାବୁ ଆପଣ ଆଉ କୃଷକମାନଙ୍କ ସମସ୍ୟା ପାଇଁ କାନ୍ଦନ୍ତୁ ନାହିଁ ଆଖି ଖରାପ ହୋଇଯିବ। ୨୦ବର୍ଷ ଭିତରେ କୃଷକମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଯେତେସବୁ କ୍ୟାବିନେଟ ମୋହର ବାଜିଛି କେଉଁ ଗୋଟିକ ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇଛି ତାହା ଖୋଦ ମୁଖ୍ୟମନ୍ତ୍ରୀ ଖୋଲା ବିର୍ତକରେ ଭାଗ ନେଇ ଜଣାନ୍ତୁ। ୨୦ବର୍ଷ ଭିତରେ କେତୋଟି ଶୀତଳ ଭଣ୍ଡାର ହୋଇଛି। ରାଜ୍ୟରେ ଯାହାକିଛି ଶୀତଳ ଭଣ୍ଡାର ଥିଲା ସେଗୁଡ଼ିକରେ ତାଲା କାହିଁକି ଝୁଲୁଛି। ଏ ଅସମାହିତ ପ୍ରଶ୍ନର ଉତର ଖୁବଶୀଘ୍ର ରାଜ୍ୟର ୭୦ଭାଗ କୃଷକ ପରିବାର ଦେବେ।

# କୂଅରୁ ଯୁବକଙ୍କ ଶବ ଉଦ୍ଧାର : ବିବାହ ଉତ୍ସବରେ ଯୋଗଦେବାକୁ ଯାଇ ନିଖୋଜ ଥିଲେ

ଖୋର୍ଦ୍ଧା,୧୧।୧୨ (ନି.ପ୍ର): ବିବାହ ଉତ୍ସବରେ ଯୋଗଦେବାକୁ ଯାଇ ଦୁଇ ଦିନ ହେଲା ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଆଜି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ରମ୍ଭାବିଲ୍ଲୀ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ଘର ନିରାକାରପୁର ଏବଂ ତାଙ୍କ ନାମ ବିକାଶ ସାହୁ ବୋଲି ଜଣାପଡିଛି । ପ୍ରାପ୍ତ ସୂଚନା ମୁତାବକ, ବିକାଶ ଗତ ୯ ତାରିଖ ରାତିରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ରମ୍ଭାବିଲ୍ଲୀ ଗ୍ରାମକୁ ଯାଇଥିଲେ । ଘଟଣା ପରଠାରୁ ସେ ନିଖୋଜ ଥିଲେ । ଆଜି ସ୍ଥାନୀୟ ଲୋକେ ଏହି ପରିତ୍ୟକ୍ତ କୂଅରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଜଙ୍କିଆ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ମୃତଦେହକୁ କୂଅରୁ ଉଦ୍ଧାର କରିଥିଲେ । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଅନ୍ୟପକ୍ଷରେ ବିକାଶଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛି ପୋଲିସ ସେନେଇ ଛାନଭିନ୍ ଜାରୀ ରଖିଛି ।

# ଗଞ୍ଜାମ ଜିଲ୍ଲାରେ ନୂଆ ୬ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୧୧।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ସାମାନ୍ୟ ଆକ୍ରାନ୍ତମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧,୭୦୮ କୁ ବୃଦ୍ଧି ପାଇଛି। ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୫୩ ରହିଛି ।

# ମହିଳା ମାନଙ୍କ ପ୍ରତି ଅତ୍ୟାଚାର ବନ୍ଦ କର

## ■ମୁଖ୍ୟମନ୍ତ୍ରୀଙ୍କୁ ଜନଜାଗୃତି ମଞ୍ଚର ଦାବିପତ୍ର ପ୍ରଦାନ■



ଉଦଳା,୧୧।୧୨ (ନି.ପ୍ର): ମହିଳା ମାନଙ୍କ ପ୍ରତି ହେଉଥିବା ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ମୟୂରଭଞ୍ଜରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗୃତି ମଞ୍ଚ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଆଜି ଡ଼ିସେମ୍ବର ୧୦ ତାରିଖ ବିଶ୍ୱ ମାନବାଧିକାର ଦିବସ ଦିନ ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ମଞ୍ଚର କର୍ମୀ ମାନେ ନିଜ ନିଜର ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଏହି ଦାବୀ ପତ୍ର ପ୍ରଦାନ କରିଥିବାର ଜଣାଯାଇଛି। ପ୍ରକାଶ ଥାଉକି ମଞ୍ଚ ତରଫରୁ ପୂର୍ବ ନିର୍ଦ୍ଧାରିତ ପ୍ରସ୍ତୁତି ପର୍ବ ଅନୁସାରେ ମହିଳା ମାନଙ୍କ ଉପରେ ସବୁ ପ୍ରକାର ଅତ୍ୟାଚାର ବନ୍ଦ କରିବା ପାଇଁ ଗତ ନଭେମ୍ବର ୨୫ ତାରିଖ ଠାରୁ ଆରମ୍ଭ ହୋଇଥିଲା ସଚେତନତା ମୂଳକ କାର୍ଯ୍ୟକ୍ରମ । ଦିର୍ଘ ୧୬ ଦିନ ଏହା ଅତିକ୍ରମ କରିବା ପରେ ଆଜି ବିଶ୍ୱମାନବାଧିକାରୀ ଦିବସ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇ କାର୍ଯ୍ୟକ୍ରମର ଯବନିକା ପଡ଼ିଛି । ମଞ୍ଚର ସଭାନେତ୍ରୀ ରାଇମଣି ବାସ୍କେ ଆଜିର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ସଦସ୍ୟ ଗାୟତ୍ରୀ ସିଂ, ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର, ହରିପ୍ରିୟା ଦାସ, ସୁମତୀ ମୁର୍ମୁ, ନିରୁପମା ଦାସ, ରାମଚନ୍ଦ୍ର ସିଂ, ରୁପାଏ ବାସ୍କେ, ଲାଲମୋହନ ବିନ୍ଧାଣୀ, ଗୌତମ ମହାପାତ୍ର, ଗଦାଧର ଦାଶ ଓ ସୁବ୍ରତ ମହାନ୍ତି ପ୍ରମୁଖ ସହଯୋଗ କରୁଥିବାର ଜଣାଯାଇଛି।

# ୫ କି.ମି. ଶଗଡ଼ରେ ବୁହାହେଲେ ରୋଗୀ

ନବରଙ୍ଗପୁର,୧୧।୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ବଦେଲପାଣି ଗ୍ରାମରେ ବିଷକ୍ରିୟା ଯୋଗୁଁ ଜଣେ ଅସୁସ୍ଥ ହୋଇପଡିଥିବା ବେଳେ ସମ୍ପୃକ୍ତ ରୋଗୀଙ୍କୁ ଆଣିବା ପାଇଁ ରାସ୍ତାର ସୁବିଧା ନଥିବାରୁ ଗ୍ରାମରେ ପହଂଚି ପାରିନଥିଲା ଆମ୍ବୁଲାନ୍ସ । ଏପରି ସ୍ଥିତିରେ ରୋଗୀଙ୍କୁ ୫ କି.ମି. ଦୂର ଶଗଡ଼ରେ ବୋହି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନେଇ ମେଡିକାଲ ସୂତ୍ରରୁ ପ୍ରକାଶ ।

# ୨୨ରେ ଜିଲ୍ଲାପାଳ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା ନେବେ ମୁଖ୍ୟମନ୍ତ୍ରୀ

## ସ୍କୁଲ କଲେଜ ଖୋଲିବା ନେଇ ରାଜ୍ୟ ସରକାର ଉପଯୁକ୍ତ ନିଷ୍ପତି ନେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନସିଂ ମାଧ୍ୟମରେ କୋଭିଡ ମୁକାବିଲାର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ପୂଜା ସମୟରେ ଯେଉଁ ଆଶଙ୍କା ଥିଲା, ତାକୁ ସଫଳତାର ସହ ଦୂରୀଭୂତ କରାଯାଇପାରିଛି । ସେହିପରି ଶୀତଋତୁର ଆଶଙ୍କା ମଧ ଦୂରୀଭୂତ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ। କୋଭିଡ ପରିଚାଳନାରେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଛି ଏବଂ ଏହାକୁ ନୀତି ଆୟୋଗ ମଧ ପ୍ରଶଂସା କରିଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋଭିଡ-୧୯ ଯୋଗୁ ଉପୁଜିଥିବା ଅର୍ଥନୈତିକ ଆହ୍ୱାନର ମୁକାବିଲା ପାଇଁ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ସଜାଗ ରହି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାର ଜୀବିକା ସୃଷ୍ଟି ସଂପର୍କିତ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ଜୀବିକା କାର୍ଯ୍ୟକ୍ରମ ସହିତ ଚାଷୀ, ମିଶନ ଶକ୍ତି, କୃଷକ ଓ ଏମଏସଏମଇ ମାନଙ୍କୁ ଋଣ ପ୍ରଦାନ କାର୍ଯ୍ୟକ୍ରମ ସଂପର୍କରେ ସେ ଡିସେମ୍ବର ୨୨ ତାରିଖ ଦିନ ଜିଲ୍ଲାପାଳ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହିସବୁ ଜୀବିକା କାର୍ଯ୍ୟକ୍ରମକୁ ଋଣ ପ୍ରଦାନରେ ଅବହେଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ । ଅବହେଳା କରୁଥିବା ବ୍ୟାଙ୍କ ସଂପର୍କରେ ସେହି ଦିନ ହିଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ଅବଗତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଦେଶରେ ଟୀକାକରଣ ପ୍ରକ୍ରିୟା ଖୁବ ଶୀଘ୍ର ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଥିପାଇଁ ଓଡିଶାରେ ସଂପୂର୍ଣ୍ଣ ଡାଟାବେସ୍ ପ୍ରସ୍ତୁତ ହୋଇଛି ଏବଂ ଆନୁସଙ୍ଗିକ ବ୍ୟବସ୍ଥା ମଧ କରାଯାଇଛି । ତେବେ ଦେଶରେ ଟୀକାକରଣ ପ୍ରକ୍ରିୟା ଏକ ବର୍ଷରୁ ମଧ ଅଧିକ ସମୟ ଲାଗିପାରେ ବୋଲି ଅନୁମାନ କରାଯାଉଛି ବୋଲି ପ୍ରକାଶ କରି ଏ ସମୟରେ ସମସ୍ତ ପ୍ରକାର କୋଭିଡ ନିୟମାବଳୀକୁ ପୂର୍ବ ଭଳି ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। କୋଭିଡ ନିୟମାବଳୀ ଓ ଟୀକାକରଣ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଉପଯୁକ୍ତ ସୂଚନା ଅଭିଯାନ ମଧ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ କହିଲେ ଯେ ରାଜ୍ୟରେ କୋଭିଡ ପରିସ୍ଥିତିରେ ଦ୍ରୁତ ଉନ୍ନତି ଜାରି ରହିଛି। ଟୀକାକରଣ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି କାର୍ଯ୍ୟକାରୀ କରୁଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମହାପାତ୍ର ତାଙ୍କ ଉପସ୍ଥାପନାରେ କହିଥିଲେ କୋଭିଡ ମୁକାବିଲାରେ ରାଜ୍ୟର ଉନ୍ନତ ପ୍ରଦର୍ଶନ ଜାରି ରହିଛି। ଆରୋଗ୍ୟ ହାର ବର୍ତମାନ ୯୮.୫୨ ପ୍ରତିଶତ ରହିଛି, ଯାହାକୁ ସାରା ଦେଶରେ ଦ୍ୱିତୀୟ ସର୍ବଶ୍ରେଷ୍ଠ ସୂଚକାଙ୍କ। ସେହିପରି ଦୈନିକ ସଂକ୍ରମଣ ହାର ପ୍ରଥମ ଥର ପାଇଁ ୧ ପ୍ରତିଶତରୁ କମି ବର୍ତମାନ ୦.୯୬ ପ୍ରତିଶତରେ ରହିଛି ବୋଲି ସେ କହିଥିଲେ। ସେ କହିଥିଲେ ଯେ ଡିସେମ୍ବର ୩୧ ତାରିଖ ସୁଦ୍ଧା ଗଞ୍ଜାମ, ନୟାଗଡ ଓ କୋରାପୁଟରେ ସେରୋ ସର୍ଭେ କରାଯିବ ଏବଂ ଜାନୁଆରୀରେ କଟକ ଓ ଭୁବନେଶ୍ୱରରେ କରାଯିବ। ଟୀକାକରଣର ମୋଡ୍ୟୁଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି କରାଯାଉଛି। ନିର୍ବାଚନ ପ୍ରକ୍ରିୟାର ଅନୁକରଣରେ ଟୀକାକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ। କୋଲ୍ଡ ଚେନ୍ , ସିରିଞ୍ଜ ଏବଂ ଅନ୍ୟାନ୍ୟ ଆନୁସଂଗିକ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ପୋଲିସ ପ୍ରଶାସନର କୋଭିଡ ମୁକାବିଲା ସଂପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# କାର୍ ସହ ୮୧ କେଜି ୭୦୦ ଗ୍ରାମ୍ ଗଞ୍ଜେଇ ଜବତ : ୩ ଗିରଫ

ଜୟପୁର,୧୧।୧୨ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢଉ କରିଛି । ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଉତର ପ୍ରଦେଶର ୩ ଜଣ ପୁଷ୍ପରାଜ ଗୌଧ (୨୬), ଶିବ ଶଙ୍କର ପଟେଲ (୩୨) ଓ ଅନିଲ କୁମାର ପଟେଲ (୩୨)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜୟପୁର ସଦର ପୋଲିସ ଖବର ପାଇ ପାତ୍ରପୁଟ ବ୍ରିଜ ନିକଟରେ ଚଢ଼ଉ କରିଥିଲା । ଉକ୍ତ ସ୍ଥାନରେ ଏକ ଟ୍ୱିଷ୍ଟର ଆରଏକ୍ସଏଲ କାର୍ ନଂ ୟୁପି -୧୩-ଏଏଚ-୧୮୮୧ ଯୋଗେ କୋରାପୁଟ ଜିଲା ଲମତାପୁଟ ଠାରୁ ଉତର ପ୍ରଦେଶ ଗଞ୍ଜେଇ ଚାଲାଣ ହେଉଥିଲା । ସେହି ସମୟରେ ପୋଲିସ ଚଢାଉ କରି ଯା କରିଥିଲା । ସେଥିରୁ ୮୧ କେଜି ୭୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଥିଲା। ଯାହାର ଆନୁମାନିକ ମୁଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଗଞ୍ଜେଇ, କାର୍ ସହ ୧୭ ହଜାର ୩୦ ଟଙ୍କା ମଧ ପୋଲିସ ଜବତ କରିଛି । ଏ ସଂକ୍ରାନ୍ତରେ ୨୪୧/୨୦ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ପ୍ରକାଶ କରିଛନ୍ତି ।

# ଖାଦ୍ୟପ୍ରତି ସଚେତନତା

ଜୀବନଶୈଳୀ କ୍ଷିପ୍ର ବେଗରେ ପରିବର୍ତ୍ତନ ହେଉଛି । ନିକଟରେ ଜଣେ ଆମେରିକୀୟ ଗବେଷକ ବିଶ୍ୱର ବିଭିନ୍ନ ପ୍ରାନ୍ତର ୧୫୦୦ ଜଣ ଲୋକଙ୍କ ଜୀବନଶୈଳୀ ଉପରେ ପରୀକ୍ଷା କରିଥିଲେ । ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦୦ଜଣଙ୍କ ନିକଟରେ ନାନାଦି ପ୍ରକାର ପୋଷକ ତତ୍ତ୍ୱ ଅଭାବ ଦେଖାଯାଇଥିଲା । କାମର ଚାପରେ ଲୋକେ ଏସବୁ ଜାଣିପାରୁନାହାନ୍ତି ।



- ଆମ ଶରୀରର ନର୍ଭସ ସିଟେ୍ମ ଉତ୍ତମ ଭାବରେ କାମ କରିବା ନିମନ୍ତେ ବି-୧୨ ପୋଷକତତ୍ତ୍ୱର ଆବଶ୍ୟକତା ଅଧିକ ରହିଛି । ଏହାର ଅଭାବରେ ମସ୍ତିଷ୍କକୁ କ୍ଷତି ପହଞ୍ଚେ । ଏଥିପାଇଁ ଜରେ ବ୍ୟକ୍ତି ନିୟମିତ ଭାବରେ ଦୁଗ୍ଧଜାତୀୟ ଦ୍ରବ୍ୟଓ ସପ୍ତାହକୁ ୨ରୁ ୩ଥର ଆମିଷ ଖାଦ୍ୟ ଖାଇବା ଉଚିତ ।
- ଭିଟାମିନ - ୧୨ର ଅଭାବରେ ଓଜନ ଦ୍ରୁତ ମାତ୍ରାରେ ହ୍ରାସ ହୋଇଥାଏ । ଅଧିକାଂଶ ସମୟରେ ହୃଦସ୍ପନ୍ଦନ ଜୋରରେ ହେଉଥିବାର ଗବେଷକଙ୍କ ମତ ।
- ଏହା ସହ ନିୟମିତ ଭାବେ ଥକାପଣ ଲାଗୁଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଦିନବେଳା ସପ୍ତାହକୁ ୪ ରୁ ୫ଥର ଦହି ଖଶଇଲେ ଶରୀରକୁ ଭିଟାମିନ ବି-୧୨ ପୋଷକ ତତ୍ତ୍ୱ ମିଳେ । ଏହି ଭିଟାମିନର ଅଭାବ ହେଲେ ସ୍ମୃତି ମଧ୍ୟ ପ୍ରଭାବିତ ହୋଇଥାଏ ।

# ରକ୍ତଚାପ ମାପୁଥିବା ସ୍ମାର୍ଟଘଣ୍ଟା

କଚଟିରେ ପିନ୍ଧିବା ପରେ ରକ୍ତଚାପ ମାପି ପାରୁଥିବା ବିଶ୍ୱର ପ୍ରଥମ ସ୍ମାର୍ଟ ଘଣ୍ଟା ପ୍ରସ୍ତୁତ ହୋଇଛି । ଓମରନ କମ୍ପାନୀ ଏହି ଘଣ୍ଟା ପ୍ରସ୍ତୁତ କରିଥିବା ବେଳେ ଏହା ରାତିସାରା ହୃତସ୍ପନ୍ଦନ ଏବଂ ନିଦ ଠିକ୍ ହେଉଛି କି ନାହିଁ ବୋଲି ମାପି ଜଣାଇପାରୁଛି । ତେବେ ଶୋଇଥିବା ବେଳେ ମଣିଷର ରକ୍ତଚାପରେ କୌଣସି ପରିବର୍ତ୍ତନ ହେଲେ, ତାହା ଏହି ଘଣ୍ଟା ଜାରିପାରୁନାହିଁ । ଏକ ଆପ୍ ସହାୟତାରେ ଏହି ଘଣ୍ଟା ପରିଚାଳିତ ହେଉଥିବା ବେଳେ ବ୍ୟବହାରକାରୀ ସେମାନଙ୍କ ରକ୍ତଚାପର ରେକର୍ଡ ଏବଂ ହୃତସ୍ପନ୍ଦନ ସହିତ ନିଦର ରେକର୍ଡ ରଖିପାରିବେ । ଆମେରିକାର ଏଫଡିଏ ଏହି ଘଣ୍ଟାକୁ ଅନୁମୋଦନ ଦେଇସାରିଛି । ଖୁବ୍ ଶୀଘ୍ର ଏହା ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।




# ବଢ଼ିପାରେ ହାନିକାରକ କୀଟଙ୍କ ସଂଖ୍ୟା





କୀଟଙ୍କ ସଂଖ୍ୟାକୁ ନେଇ ନିକଟରେ କରାଯାଇଥିବା ଏକ ବୈଜ୍ଞାନିକ ସମୀକ୍ଷାରୁ ଜଣାପଡ଼ିଛି ଯେ, ୪୦ ପ୍ରତିଶତ ପ୍ରଜାତି ବର୍ତ୍ତମାନ ପୂରା ଦୁନିଆରେ ନାଟକୀୟ ଢ଼ଙ୍ଗରେ କମ ହେବାରେ ଲାଗିଛନ୍ତି । ଗବେଷଣାରୁ ଜଣାପଡ଼ିଛି, ମହୁମାଛି, ପିମ୍ପୁଡ଼ି ଏବଂ ଭଅଁର ଅନ୍ୟ ସ୍ତନ୍ୟଧାରୀ ଜୀବ, ପକ୍ଷୀ ଏବଂ ସରୀସୃପଙ୍କ ତୁଳନାରେ ଆଠ ଗୁଣା ତୀବ୍ରରେ ହ୍ରାସ ପାଉଛନ୍ତି । ବୈଜ୍ଞାନିକଙ୍କ ଅନୁସାରେ, ଏହି ତୁଳନାରେ ଅନ୍ୟ କିଛି ପ୍ରଜାତି ଯେମିତିକି ମାଛି, ଅସରପାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କୀଟପତଙ୍ଗଙ୍କ ସଂଖ୍ୟାରେ ଏଭଳି ପ୍ରକାରରେ ହ୍ରାସ ଆସିବା ପଛର ମୁଖ୍ୟ କାରଣ ଫସଲ, କୀଟନାଶକ ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ । ପୃଥିବୀ ପୃଷ୍ଠରେ ଜୀବଙ୍କ ମଧ୍ୟରେ କୀଟଙ୍କ ସଂଖ୍ୟା ପ୍ରମୁଖ । କାରଣ ଏମାନେ ମଣିଷ ଏବଂ ଅନ୍ୟ ପ୍ରଜାତିଙ୍କୁ ଅନେକ ପ୍ରକାରର ସହାୟତା କରିଥାନ୍ତି । ଏମାନେ ପୂରା ଦୁନିଆରେ ପ୍ରାୟ ୭୫ ପ୍ରତିଶତ ପରାଗଣ କରିବାରେ ସାହାଯ୍ୟ କରିଥାନ୍ତି । ଯାହା କୃଷି ପାଇଁ ବେଶ ମହତ୍ତ୍ୱପୂର୍ଣ୍ଣ ।ଏମାନେ ଶବକୁ ମାଟିରେ ମିଶିବାରେ ସାହାଯ୍ୟ କରିଥାନ୍ତି । ଏହାସହ ଫସଲକୁ କ୍ଷତି ପହଞ୍ଚାଉଥିବା ରୋଗପୋକ ଦାଉରୁ ନିୟନ୍ତ୍ରିତ କରିଥାନ୍ତି । କିନ୍ତୁ ଗବେଷଣାରୁ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଉଭୟ ମାନବ ଏବଂ ଜୀବଜଗତ ପାଇଁ ସତର୍କ ଘଣ୍ଟି ସାଜିଛି ।



# ପ୍ଲାଷ୍ଟିକ୍ ବୋତଲ ପ୍ରତି ସାବଧାନ



ଆଜିକାଲି ଦୈନନ୍ଦିନ ଜୀବନରେ ସମସ୍ତେ ପ୍ଲାଷ୍ଟିକ୍ ବୋତଲରେ ପାଣଈ ପିଇବାରେ ଅଭ୍ୟସ୍ତ ହୋଇଗଲେଣି । ଘରେ ଥିଲେ ମଧ୍ୟ ଆମେ ଗ୍ଲାସରେ ନ ପିଇ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବାକୁ ଭଲ ପାଇଥାଉ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ, ଏହାର ଅନେକ କୁପ୍ରଭାବ ଆମ ଶରୀର ଉପରେ ପଡୁଛି । ନିକଟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହା ଉପରେ ଗବେଷଣା କରି ଜାଣିପାରିଛନ୍ତି ଯେ, ଷ୍ଲାଷ୍ଟିକ୍ ବୋତଲରେ ପାଣି ପିଇଲେ ତାହା ଆମର ହର୍ମୋନାଲ ସିଷ୍ଟମ ଉପରେ କୁ- ପ୍ରଭାବ ପକାଇଥାଏ । କାରଣ ପ୍ଲାଷ୍ଟିକ୍ ବୋତଲରେ ହାନିକାରକ ରାସାୟନିକ ପଦାର୍ଥ ରହିଛି । ୫ହଜାର ଲୋକଙ୍କ ଉପରେ କରାଯାଇଥିବା ଏହି ଗବେଷଣାରୁ ସ୍ୱଷ୍ଟ ହୋଇଛି ଯେ, ନିୟମିତଭାବେ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିବା ପୁରୁଷ ଏବଂ ମହିଳା ଶୀଘ୍ର ନପୁଂସକତାର ଶିକାର ହୋଇଥାନ୍ତି । ଏହାଫଳରେ ସମ୍ଭୋଗ କରିବାର ଇଚ୍ଛା ମଧ୍ୟ ହ୍ରାସ ପାଇଥାଏ । ତେଣୁ ପ୍ଲାଷ୍ଟିକ୍ ବୋତଲରେ ପାଣି ନ ପିଇବାକୁ ଏହି ଗବେଷକମାନେ ପରାମର୍ଶ ଦେଇଛନ୍ତି ।

# ଡାଏଟ୍ ଚକୋଲେଟ୍






ଡାଏଟ୍‌ରେ ଚକୋଲେଟ୍ ଶବ୍ଦ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି କି ? ଚକୋଲେଟ ଶବ୍ଦ ଶୁଣିଲେ କ୍ୟାଲୋରି କଥା ମନକୁ ଆସୁଥିବ । ହେଲେ ଏଇ ଲୋଭନୀୟ ଖାଦ୍ୟର କିଛି ଭଲ ଗୁଣ ବି ଅଛି । ଜାଣନ୍ତୁ ଏ ବିଷୟରେ କିଛି ଜରୁରୀ ତଥ୍ୟ ।






## ଚକୋଲେ୍‌ଟ୍ ଟାର୍ଫି

**ଉପକରଣ:**

କୋଡୋ ପାଉଡର ୫ଟେବଲ ଚାମଚ, କଣ୍ଡେନ୍ସଡ ମିଲ୍କ ୫ଟେବଲ ଚାମଚ, ନାଇସ ବିସ୍କିଟ ଗୁଣ୍ଡ ୫ଟେବଲ୍ ଚାମଚ, ଅରେଞ୍ଜ୍ ଜୁସ ୨ଚାଚାମଚ, ଆମଣ୍ଡ ବା ଅଖରୋଟ୍ ଚୁନା ପରିମାଣ ଅନୁସାରେ, ଲହୁଣୀ ୨ ଟେବଲ ଚାମଚ, ର୍‍ୟାପିଂ ପାଇଁ କାଗଜ ।

**ପ୍ରଣାଳୀ:**

ଲହୁଣୀ ତରଳାନ୍ତୁ । ଏଥର ସମସ୍ତ ଉପକରଣ ମିଶାଇ ବୃତ୍ତାକାରରେ ଗଢ଼ନ୍ତୁ । ଇଚ୍ଛାନୁଯାୟୀ ଆକାର ଦେଇ ପାରନ୍ତି । ଚାରିକୋଣିଆକାଗଜରେ ମୋଡ଼ି ଫ୍ରିଜରେ ଚାରି ଘଣ୍ଟା ଥଣ୍ଡା କରନ୍ତୁ ।

## ଚକୋଲେଟର ଗୁଣ

- ହାର୍ଟର ବିଭିନ୍ନ ସମସ୍ୟା ଦୂରାଏ ।
- ଡାର୍କ ଚକୋଲେଟ୍ ରକ୍ତଚାପ ଓ ମଧୁମେହ ନିୟନ୍ତ୍ରଣରେ ରଖେ।
- ଶରୀରରୁ କ୍ଷତିକାରକ କୋଲେଷ୍ଟରଲ କମାଏ ।
- ଚକୋଲେଟର କୋକୋ ବଟର ଶରୀରର ଉପକାରୀ କୋଲେଷ୍ଟ୍ରଲ ବଢ଼ାଏ ।
- ବ୍ଲଡ୍ ଭେସେଲ୍ସ ଅଧିକ ସକ୍ରିୟ ହୁଏ ।
- କ୍ୟାଲୋରି ଓ ଫ୍ୟାଟ ରହିଥିଲେ ବି ଆଣ୍ଟି ଅକ୍ସିଡାଣ୍ଟ ସମୃଦ୍ଧ ଚକୋଲେଟ୍ ବୟସ ବୃଦ୍ଧି ରୋକିବାରେ ସାହାଯ୍ୟ କରେ ।
- ଡିପ୍ରେଶନ ଅର୍ଥାତ୍ ଅବସାଦ କମାଇବା ପାଇଁ ଏହା ଖୁବ୍ ଭଲ ।
- ଫିଲ୍ ଗୁଡ୍ ଫ୍ୟାକ୍ଟର୍ ସୃଷ୍ଟି ହୁଏ ।
- ଡାଏବେଟିସ୍ ରୋଗୀମାନେ ଡାର୍କ ଚକୋଲେଟ ଖାଇ ପାରିବେ ।
- ଏହା ଉନ୍ନତ ମାନର ଏନର୍ଜାଇସର ଓ ପ୍ରାଣଶକ୍ତିରେ ଭରା ।
- ଚକୋଲେଟ ର ଗନ୍ଧ ବ୍ରେନ ରିଲାକ୍ସେଶନରେ ସାହାଯ୍ୟ କରେ ।
- ଏକ କପ ହଟ୍ ଚକୋଲେଟ୍ ଭୋକ ମେଣ୍ଟାଇବା ସହି ଡାଏଟ୍ ବି ବଜାୟ ରଖେ ।
- ଦୈନିକ ଚକୋଲେଟ୍ ଖାଉଥିବା ଲୋକଙ୍କ ଆୟୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ । ମେକସିକାନମାନେ ବ୍ରୋଙ୍କାଇଟିସ ଚିକିତ୍ସା ପାଇଁ ଚକୋଲେଟ ବ୍ୟବହାର କରନ୍ତି ।
- ପିଏମଏସ ଅର୍ଥାତ୍ ପ୍ରି ମେନଷ୍ଟ୍ରୁଆଲ ସିଣ୍ଡ୍ରୋମ ଭୋଗୁଥିବା ମହିଳାମାନଙ୍କ ଅନ୍ୟତମ ସମସ୍ୟା ହେଲା ମୁଡ୍ ସ୍ୱିଂ । ଏହାର କାରଣ ପ୍ରୋଜେଷ୍ଟରନ ହରମୋନର ତାରତମ୍ୟ । ଏହାରୁ ମୁକ୍ତି ପାଇଁ ଚକୋଲେଟ ସାହାଯ୍ୟ କରେ ।




## ଜ୍ୱର ସଂକ୍ରାନ୍ତ ସତର୍କତା

ମଣିଷ ଶରୀରର ତାପମାତ୍ରା ଭିନ୍ନଭିନ୍ନ । ଛୋଟ ପିଲାଙ୍କ ଶରୀର ତାପମାତ୍ରା କମଥାଏ । ଯଦି କୌଣସି ଇନଫେକ୍ସନ୍ ହୁଏ ତେବେ ଛୋଟପିଲାଙ୍କ ଶରୀରର ତାପମାତ୍ରା ବୃଦ୍ଧି ପାଏ ।

- ଜ୍ୱର ଶରୀର ପ୍ରତିରୋଧକ ପ୍ରଣାଳୀର ଅଂଶବିଶେଷ । କୌଣସି କୀଟାଣୁ ବା ଭୂତାଣୁ ଶରୀରକୁ ଆକ୍ରମଣ କଲେ ପ୍ରତିରୋଧକ ବ୍ୟବସ୍ଥା ସ୍ୱରୂପ ଜ୍ୱରହୁଏ ।
- ଜ୍ୱର ଅନେକ କାରଣରୁ ହୋଇପାରେ । ଯଥା: ବଦହଜମି, କ୍ଲାନ୍ତି, ଅନେକ ସମୟ ଖରାରେ ରହିବା, ଥଣ୍ଡା ସର୍ଦ୍ଦି ଆଦି ।
- ଜ୍ୱରରେ ପୀଡ଼ିତ ରୋଗୀଙ୍କର ଜ୍ୱର ବାରମ୍ବାର ମାପିବା ଦରକାର ନାହିଁ । କିଛି ଘଣ୍ଟା ଅନ୍ତରରେ ଜ୍ୱର ମାପନ୍ତୁ । ଜ୍ୱର ହେଲେ ସବୁବେଳେ ବିଛଣାରେ ପଡ଼ି ରହିବା ଭଲ ନୁହେଁ ।
- ଜ୍ୱର ଶରୀରକୁ କ୍ଲାନ୍ତ କରେ ନାହିଁ ।

## କାକୁଡ଼ି



ସାଲାଡ୍ ବିନା ଖାଦ୍ୟ ଅସମ୍ପୂର୍ଣ୍ଣ । ଖାଇବା ଆଗରୁ ବା ପରେ ସାଲାଡ ନଖାଇଲେ କିଛି ଗୋଟେ ବାକି ରହିଗଲା ପରି ଲାଗେ । ପୁଣି କାକୁଡ଼ି ବିନା ସାଲାଡ ଅସମ୍ପୂର୍ଣ୍ଣ । କାକୁଡ଼ି ଆମ ଶରୀର ପାଇଁ କେତେ ଉପାକରୀ ତାହା ସମସ୍ତେ ଜାଣନ୍ତି । ହେଲେ ଏଥିରେ କିକି ପୋଷାକ ତତ୍ତ୍ୱ, ଖାଦ୍ୟ ସାରା ଓ ଖଣିଜ ରହିଛି ତାହା ଅଧିକାଂଶ ଲୋକ ଜାଣି ନଥିବେ । ଆସନ୍ତୁ ଜାଣିବା କାକୁଡ଼ି ବିଷୟରେ:

ଆମ ଶରୀରର 'ଇନଫ୍ଲାମେଟୋରି ରେସପେନସ'କୁ କାକୁଡ଼ି ଥଣ୍ଡା କରିବା ସହ ଏଞ୍ଜାଇମର ଗତିବିଧିକୁ ନିୟନ୍ତ୍ରଣ କରେ, ତେଣୁ ଗ୍ରୀଷ୍ମରତୁ ପାଇଁ ଏହା ଏକ ଉତ୍ତମ ଖାଦ୍ୟ ।ଏଥିର ଏକାଧିକ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ସହିତ ଭିଟାମିନ ସି ଓ ବିଟା କେରୋଟିନ ପ୍ରଚୁର ମାତ୍ରାରେ ଥାଏ ଯାହା ଶରୀର ପାଇଁ ଅତ୍ୟନ୍ତ ଜରୁରୀ ।

ଏଥିରେ ଭିଟାମିନ ସି ସହିତ ଭିଟାମିନ ବି, ବି୫ ଓ ବି୭ ରହିଛି । ତେଣୁ ନିୟମିତ କାକୁଡ଼ି ଖାଇଲେ ଦୁଶ୍ଚିନ୍ତା ଦୂର ହୁଏ । କାକୁଡ଼ିରେ ଥଇବା ପ୍ରଚୁର ପରିମାଣର ପାଣି ଓ ଫାଇବର ପାଚନକ୍ରିୟାକୁ ସହଜ କରେ ଏବଂ ଖାଦ୍ୟ ଶୀଘ୍ର ହଜମ କରିବାରେ ସହାୟକ ହୁଏ । ଏଥିରେ ଥିବା ଆଣ୍ଟିଇନଫ୍ଲାମେଟାରି ଫ୍ଲେବୋନୋଲ ସ୍ମୃତିଶକ୍ତି ବୃଦ୍ଧି କରିବା ସହ ମସ୍ତିଷ୍କ ସୁସ୍ଥ ରଖିବାରେ ସହାୟକ ହୁଏ ।



## ରୋଷେଇ ଘର ଟିପ୍ସ:

ଆଜିର ସମୟରେ କେବଳ ମହିଳାମାନେ ନୁହେଁ, ବରଂ ପୁରୁଷମାନେ ମଧ୍ୟ ରୋଷେଇ କରିବାରେ ରୁଚି ରଖୁଛନ୍ତି । ଏ ବାବଦରେ ନାମୀ ସେଫ ସଞ୍ଜୀବ କପୁରଙ୍କ ମତ ଏଭଳି କୌଣସି ନିୟମ ନାହିଁ । ଯେ ମହିଳା ହିଁ ରୋଷେଇ କରିବେ । ଏଣୁ ଏ କ୍ଷେତ୍ରରେ ବର୍ତ୍ତମାନ ଉଭୟ ପୁରୁଷ ଓ ମହିଳା ଆଗୋଉଥିବାର ଦେଖାଯାଉଛି । ଭଲ ରାନ୍ଧଣା ନିମନ୍ତେ ସେଫ୍ କେତୋଟି ଟିପ୍ସ ଦେଇଛନ୍ତି ।

- ପରଟାକୁ ଅଧିକ ସୁଆଦିଆ କରିବାକୁ ଚାହୁଁଥିଲେ ଅଟା ଚକଟିବା ସମୟରେ ଅଳ୍ପ ସିଝା ଆଳୁ ମିଶାଇ ଦିଅନ୍ତୁ । ଗରମଗରମ ଏଇ ପରଟା ଖାଇଲେ ତାର ସ୍ୱାଦ ଭଲ ହୋଇଥାଏ ।
- କୌଣସି ଏକ ତରକାରିକୁ ଗାଢ଼ା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବେସନ ମିଶା ପାଣି ମିଶାଇ ରାନ୍ଧନ୍ତୁ । ତରକାରି ସ୍ୱାଦିଷ୍ଟ ଲାଗିବା ସହ ଗାଢ଼ା ହୁଏ ।
- ପକୁଡ଼ି ତିଆରି କରିବା ପୂର୍ବରୁ ସାମାନ୍ୟ ଉଷୁମ ତେଲ ବେସନ ଘୋଳରେ ମିଶାଇ ପ୍ରସ୍ତୁତ କଲେ, ପକୁଡ଼ି କୁରୁକୁରିଆ ହୋଇଥାଏ ।
- ଭେଣ୍ଡି ଭଜାକୁ ଅଧିକ ସମୟତାଜା ରଖିବାକୁ ଚାହୁଥିଲେ, ରୋଷେଇ ପୂର୍ବରୁ ଭେଣ୍ଡିରେ ଅଳ୍ପ ସୋରିଷ ତଲେ ଲଗାଇଥ ରଖନ୍ତୁ ।
- ଦହିରେ ଜିରା- ହେଙ୍ଗୁ ଗୁର୍ଡ ଭଜା ମିଶାଇ ଖାଇବା ପରିବର୍ତ୍ତେ ଜିରା-ଗୁଣ୍ଡର ଛୁଙ୍କ ଲଗାଇ ଖାଆନ୍ତୁ । ସ୍ୱାଦ ଖୁବ ଭଲ ଆସିଥାଏ ।
- ରାଜମା କିମ୍ବା ହରଡ଼ ଡାଲି ସିଝାଉଥିବା ସମୟରେ ଲୁଣ ମିଶାନ୍ତୁ ନାହିଁ । ବରଂ ସିଝିଗଲା ପରେ ଲୁଣ ମିଶାନ୍ତୁ । ଏଇ ଉପାୟ କରିଲେ ଜାଣିପାରିବେ ଯେ ଡାଲି କେତେ ଶୀଘ୍ର ସିଝୁଛି ?
- ଅଟା ପୁରି ତିଆରି କରୁଥିଲେ ଚକଟିବା ସମୟରେ ଅଳ୍ପ ଚିନି ମିଶାନ୍ତୁ । ପୁରି ଭଲ ଭାବେ ଫୁଲିଥାଏ ।
- ଛେନା ଟାଣ ହୋଇଯାଇଥିଲେ ଏକ ସରଳ ଉପାୟ କରନ୍ତୁ । ନଖ ଉଷୁମ ପାଣିରେ ଅଳ୍ପ ଲୁଣ ମିଶାଇ ସେଥିରେ ଛେନା ୧୦-୧୨ ମିନିଟ ରଖନ୍ତୁ । ଦେଖିବେ ଛେନା ନରମ ହୋଇଯିବ ।
- ବିରିୟାନୀ କିମ୍ବା ପଲାଉ ପ୍ରସ୍ତୁତ କରୁଥିଲେ ଫୁଟା ପାଣିରେ ଲେମ୍ବୁ ଫାଳେ ଚିପୁଡ଼ି ଦିଅନ୍ତୁ । ଏଇ ଉପାୟରେ ପ୍ରସ୍ତୁତ ଭାତର ସ୍ୱାଦ ଖୁବ ଭଲଲାଗେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନୂତନ ସଂସଦ ଭବନ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ସଂସଦ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ଓ ଭୂମିପୂଜନ କରିଛନ୍ତି। ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ଭାବେ ପରିଚିତ ବର୍ତ୍ତମାନର ସଂସଦ ଭବନ ସହ ନୂତନ ଭାବେ ନିର୍ମିତ ହେବାକୁ ଥିବା ତ୍ରିକୋଣୀୟ ଭବ୍ୟ ଭବନ ୨୦୨୨ ମସିହା ସୁଦ୍ଧା ସଂପୂର୍ଣ୍ଣ ହେବ ଏବଂ ସେହିବର୍ଷ ଶୀତକାଳୀନ ଅଧିବେଶନ ନୂତନ ସଂସଦ ଭବନରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ୨୦୨୨ ମସିହାରେ ଭାରତ ତା'ର ସ୍ୱାଧୀନତା ପ୍ରାପ୍ତିର ୭୫ତମ ବର୍ଷ ପୂର୍ତ୍ତି ପାଳନ କରିବ ଏବଂ ଏହି ଅବସରରେ ନବ-ଭାରତର ନବ-ନିର୍ମିତ ସଂସଦ ଭବନରେ ଜନପ୍ରତିନିଧିମାନେ ଦେଶ ଓ ଦେଶବାସୀଙ୍କ ସର୍ବାଙ୍ଗୀନ ବିକାଶ ଆଲୋଚନା କରିବେ। ନୂତନ ସଂସଦ ଭବନ ନିର୍ମାଣର ଆବଶ୍ୟକତା ଢ଼େର୍ ବର୍ଷରୁ ଅନୁଭୂତ ହୋଇଆସୁଥିଲା। ଏହାର କାରଣ, ବିଗତ ବର୍ଷମାନଙ୍କରେ ଲୋକସଭା ଓ ରାଜ୍ୟସଭାର ସଦସ୍ୟଙ୍କ ସଂଖ୍ୟା ଯେତିକି ବୃଦ୍ଧି ନପାଇଛି, ତାହାଠାରୁ ଅଧିକ ବୃଦ୍ଧିପାଇଛି ସେମାନଙ୍କ ଦାୟିତ୍ୱ। ତଦନୁସାରେ ସଂସଦୀୟ କାର୍ଯ୍ୟ ମଧ୍ୟ ବଢ଼ିଛି। କିନ୍ତୁ ବ୍ରିଟିଶ ଶାସନ କାଳରୁ ନିର୍ମିତ ସଂସଦ ଭାବେ ଏତେସଂଖ୍ୟକ ସଦସ୍ୟ ସେମାନଙ୍କ କାମ ଓ କର୍ମଚାରୀଙ୍କୁ ସ୍ୱାଭାବିକ ଭାବେ କାର୍ଯ୍ୟ କରିବାକୁ ପର୍ଯ୍ୟାପ୍ତ ହେଉନାହିଁ। ୧୯୨୭ ମସିହାରେ ନିର୍ମିତ ସଂସଦ ଭବନ ବ୍ରିଟିଶ ଶାସନ କାଳରେ ମୁଖ୍ୟତଃ ତିନୋଟି ହଲ୍ (ଚାମ୍ବର ଅଫ୍ ପ୍ରିନସେସ୍, ଷ୍ଟେଟ କାଉନସିଲ ଓ କେନ୍ଦ୍ରୀୟ ପ୍ରତିନିଧି ସଭା)ରେ ଚାଲିଥିଲା ଯାହା ସ୍ୱାଧୀନୋତ୍ତର କାଳରେ ଯଥାକ୍ରମେ ଲାଇବ୍ରେରୀ ହଲ୍, ରାଜ୍ୟସଭା ଓ ଲୋକସଭା ଭାବେ ନାମିତ ହୋଇ କାର୍ଯ୍ୟ କରିଆସୁଛି। କିନ୍ତୁ ସାଂସଦମାନଙ୍କୁ ବେଶ୍ ସଂକୁଚିତ ପରିବେଶରେ ସେଠାରେ କାର୍ଯ୍ୟ କରିବାକୁ ପଡୁଛି। ଏପରିକି ପରବର୍ତ୍ତୀ ଅବସ୍ଥାରେ ସେଠାରେ କାର୍ଯ୍ୟ କରିବାକୁ ପଡୁଛି। ଏପରିକି ପରବର୍ତ୍ତୀ ଅବସ୍ଥାରେ ସେଥିରେ ଦୁଇଟି ନୂଆ ମହଲା ଯୋଡ଼ାଯିବା ଓ ପାର୍ଲାମେଂଟ ଆନେକ୍ସି ବିଲଡିଂ ନିର୍ମିତ ହେବାପରେ ସୁଦ୍ଧା ସ୍ଥାନ ସମସ୍ୟାର ସମାଧାନ ହୋଇପାରିନଥିଲା। ତେଣୁ ନୂତନ ସଂସଦ ଭବନକୁ ୬୪,୫୦୦ ବର୍ଗମିଟର ପରିମିତ ସ୍ଥାନରେ ଏଭଳି ଅତ୍ୟାଧୁନିକ ଶୈଳୀରେ ନିର୍ମାଣ କରିବାର ପରିକଳ୍ପନା କରାଯାଇଛି, ଯେଉଁଥିରେ କେବଳ ଜନପ୍ରତିନିଧିମାନଙ୍କ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଉପଲବ୍ଧ ହେବନାହିଁ। ଅପରନ୍ତୁ ଗଣତନ୍ତ୍ରର ଏହି ନବ-ନିର୍ମିତ ମନ୍ଦିରରେ ଭାରତୀୟ ଐତିହ୍ୟ, ସଂସ୍କୃତି, ଲୋକପରମ୍ପରା, ସ୍ଥାପତ୍ୟ ସବୁକିଛିକୁ ଅତି ନିଖୁଣ ଭାବେ ପ୍ରଦର୍ଶିତ କରାଯିବ। ଏଡୱାର୍ଡ଼ ଲୁଟିଏନ୍ସଙ୍କ ଦିଲ୍ଲୀ ସହ ଏହା ଇନ୍ଦ୍ରପ୍ରସ୍ଥ, ହସ୍ତିନା, ଶାହାଜାହାନାବାଦ, ଆକବରାବାଦ, ତୁଗଲକବାଦ ଆଦିର ମଧ୍ୟ ଛାପ ବହନ କରିବ। ନୂଆ ସଂସଦ ଭବନରେ ପ୍ରତ୍ୟେକ ସାଂସଦଙ୍କ ପାଇଁ ଗୋଟିଏ ଲେଖାଁଏ ଚାମ୍ବର ଉପଲବ୍ଧ ହେବ। ସେହିଭଳି ମନ୍ତ୍ରୀମାନଙ୍କ ଲାଗି ଓ ବିଭିନ୍ନ ପଦାଧିକାରୀଙ୍କ ଲାଗି ସ୍ୱତନ୍ତ୍ର ପ୍ରକୋଷ୍ଠ ରହିବ। ନୂତନ ଲୋକସଭାରେ ୮୮୮ଟି ଆସନର ବ୍ୟବସ୍ଥା ଥିଲେ ସୁଦ୍ଧା ସେଥିରେ ସର୍ବାଧିକ ୧୨୨୪ଜଣଙ୍କ ପାଇଁ ଆସନର ବ୍ୟବସ୍ଥା କରାଯାଇପାରିବ। ସେହିଭଳି ନୂତନ ରାଜ୍ୟସଭା କକ୍ଷରେ ଆସନ ସଂଖ୍ୟା ୩୮୪ ରହିବ। କଳ୍ପନା କରିବା କଥା, ବର୍ତ୍ତମାନର ସଂସଦ ଭବନ ନିର୍ମାଣ ଯାହାକି ଏଡୱାର୍ଡ଼ ଲୁଟିଏନ୍ସ ଓ ହର୍ବର୍ଟ ବେକରଙ୍କ ପରିକଳ୍ପନାରେ ମାତ୍ର ୮୩ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିଲା, ଏବେ ଆଉ ଏକ ନୂତନ ସଂସଦ ଭବନ ନିର୍ମାଣ ପାଇଁ ୯୭୧କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଆତ୍ମନିର୍ଭର ନୂତନ ଭାରତର ଏହା ହେବ ଜ୍ୱଳନ୍ତ ପ୍ରମାଣ। ତେବେ ଏକଥା ମଧ୍ୟ ସ୍ମରଣ ରଖିବାକୁ ହେବ ଯେ, ନୂତନ ଭବନ ସହ ବର୍ତ୍ତମାନ ସଂସଦ ଭବନର ସୁରକ୍ଷା ମଧ୍ୟ ଆବଶ୍ୟକ। ବର୍ତ୍ତମାନର ସଂସଦ ଭବନ ଅନେକ ଇତିହାସର ମୂକସାକ୍ଷୀ। ସ୍ୱାଧୀନତା ସଂଗ୍ରାମ, ଦେଶ ସ୍ୱାଧୀନ, ଦେଶ ବିଭାଜନ, ସମ୍ବିଧାନ ପ୍ରଣୟନ, ରାଜସତ୍ତାର ବିଲୋପ, ଗଣତାନ୍ତ୍ରିକ ଭାରତୀୟ ପ୍ରଜାତନ୍ତ୍ରର ଜନ୍ମ ନିମନ୍ତେ ଏହି ଭବନରେ ବହୁ ପ୍ରାତଃସ୍ମରଣୀୟ ନେତାଙ୍କ ଭାଷଣର ସୂକ୍ଷ୍ମ ସ୍ୱର ଏବେ ଗୁଂଜରିତ ହୁଏ। ନେହରୁଙ୍କଠାରୁ ପଟେଲ, ଆମ୍ବେଦକରଙ୍କଠାରୁ ଆଜାଦ, ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କଠାରୁ ନେଇ ରାଜେନ୍ଦ୍ର ପ୍ରସାଦ ଓ ଆହୁରି ଅନେକଙ୍କ କାଳଜୟୀ ସ୍ୱରର ଏହି ଭବନ ସାକ୍ଷୀ। ସେମାନେ ଅଳଙ୍କୃତ କରିଥିବା ଆସନ ଆଜିସୁଦ୍ଧା ସେଠାରେ ବିଦ୍ୟମାନ। ତେଣୁ ନୂତନତାର ସହ ଆମକୁ ଐତିହ୍ୟ ଓ ପରମ୍ପରାକୁ ମଧ୍ୟ ସୁରକ୍ଷିତ ରଖିବାକୁ ହେବ। ଜନତାଙ୍କ ସଂସଦ ସହ ଐତିହ୍ୟର ଗାରିମାକୁ ମଧ୍ୟ ଆପଣାଇବାକୁ ପଡ଼ିବ।

# ଅଖଣ୍ଡ ଭାରତ ନିର୍ମାଣ କ'ଣ ସମ୍ଭବ ?

**ଗୋପାଳ ମହାପାତ୍ର**



ଅଖଣ୍ଡ ଭାରତ ଏବେ ରାଜନୀତି ତଥା ସାଧାରଣ ସ୍ତରରେ ଏକ ଆଲୋଚନାର ବିଷୟରେ ପରିଣତ ହୋଇଛି। ଅଖଣ୍ଡ ଭାରତ କୁ ନେଇ ଅନେକ କଥା କୁହାଯାଉଛି, ହେଲେ ଅଖଣ୍ଡ ଭାରତ କେଉଁଠାରୁ କେଉଁ ପର୍ଯ୍ୟନ୍ତ ସେ ବାବଦରେ ଅନେକେ ଜାଣିନାହାଁନ୍ତି। ପ୍ରକୃତ ତଥ୍ୟ ଯାହା ଏବଂ ପ୍ରକୃତ ଅଖଣ୍ଡ ଭାରତର ରୂପରେଖ ଯାହା ସେଇ ସ୍ଥିତିକୁ ଆସିବା କେବଳ କଷ୍ଟକର ନୁହେଁ ଏକ ଦିବାସ୍ୱପ୍ନ ଭଳି। ଓଡ଼ିଆରେ ଗୋଟେ ଢ଼ଗ ଅଛି '୭ମହଣ ଘିଅ ହେବ ଆଉ ରାଧା ନାଚିବ' ଯାହା ସେହିପରି ଅନେକଗୁଡ଼ିଏ ଦେଶ ମିଶିବା ଓ ଅଖଣ୍ଡ ଭାରତ କଥା ମଧ ଠିକ୍ ସେଇଆ। ଏଣୁ ଅଖଣ୍ଡ ଭାରତର ପ୍ରକୃତ ସ୍ଥିତି ଜାଣିବା ଆବଶ୍ୟକ। ସାଧାରଣତଃ ହିନ୍ଦୁ ସଂସ୍କୃତି କୁ ବିଶ୍ୱାସ କରୁଥିବା ଲୋକେ ଯେତେବେଳେ କିଛି ଶୁଭକାର୍ଯ୍ୟ କରିଥାନ୍ତି ସେଇ ସମୟରେ ଏକ ସଂକଳ୍ପ କରାଯାଇଥାଏ। ସଂକଳ୍ପ କଲାବେଳେ ବ୍ରାହ୍ମଣଙ୍କ ତୁଣ୍ଡରୁ ଉଚ୍ଚାରିତ ହୋଇଥାଏ 'ଜମ୍ବୁଦ୍ୱିପେ ଭାରତ ଖଣ୍ଡେ' ଶବ୍ଦ। ଏ ଦୁଇଟି ସଂସ୍କୃତ ଶବ୍ଦ। ଏ ଦୁଇଟି ଶବ୍ଦରୁ ସ୍ପଷ୍ଟ ଯେ ଜମ୍ବୁଦ୍ୱିପ ମଧ୍ୟରେ ଭାରତବର୍ଷ ଅବସ୍ଥିତ। ଭାରତୀୟ ସଂସ୍କୃତି ବିଶ୍ୱର ମହାନତମ ସଂସ୍କୃତି। ଆଜିର ଭାରତବର୍ଷ ଯାହା ବହୁ ପୁରାକାଳରେ ଆର୍ଯ୍ୟାବର୍ତ୍ତ ନାମରେ ଖ୍ୟାତ ଥିଲା ଓ ଏହା ବିଶ୍ୱର ପ୍ରାଚୀନତମ ରାଷ୍ଟ୍ର। ଜ୍ଞାନ, ବିଜ୍ଞାନ ଏବଂ ସଂସ୍କାରର କଥା ସମଗ୍ର ବିଶ୍ୱ ଭାରତବର୍ଷରୁ ହିଁ ଶିଖିଛି। ଯେତେବେଳେ ସମଗ୍ର ବିଶ୍ୱ ଅଜ୍ଞାନତାର ଅନ୍ଧକାରରେ ବୁଡ଼ି ରହିଥିଲା ସେତେବେଳେ ଭାରତବର୍ଷ ସମଗ୍ର ବିଶ୍ୱକୁ ଜ୍ଞାନ ପ୍ରଦାନ କରି ଆଲୋକିତ କରିଥିଲା ବୋଲି ଆମ ଶାସ୍ତ୍ର କହୁଛି। ବିଗତ ୨୫୦୦ବର୍ଷ ମଧ୍ୟରେ ଭାରତବର୍ଷକୁ ଅନେକ ଆକ୍ରମଣର ଶିକାର ହେବାକୁ ପଡ଼ିଛି ଓ ଭାରତବର୍ଷ ଖଣ୍ଡ ବିଖଣ୍ଡିତ ହୋଇଛି। ଏହି ୨୫୦୦ବର୍ଷର ଇତିହାସକୁ ତର୍ଜମା କଲେ ସ୍ପଷ୍ଟ ଯେ ଆକ୍ରମଣକାରୀମାନେ ୨୪ବାର ଭାରତବର୍ଷକୁ ଖଣ୍ଡିତ କରିଛନ୍ତି। ଫ୍ରେଞ୍ଚ, ଡଚ୍, କୁଷାଣ, ସକ, ଯମନ, ୟୁନାନୀ, ମୋଗଲ ଏବଂ ଇଂରେଜମାନଙ୍କ ଦ୍ୱାରା ଅନେକ ବାର ଆକ୍ରମଣ ହୋଇଛି। ଭାରତ ଆଫଗାନିସ୍ଥାନ, ମ୍ୟାମାର, ଶ୍ରୀଲଙ୍କା, ନେପାଳ, ତିବ୍ବତ, ଭୁଟାନ, ମାଲେସିଆ ଭଳି ଅନେକ ଦେଶର ମିଶ୍ରଣ ହେଉଛି ଆର୍ଯ୍ୟାବର୍ତ୍ତ ବା ଅଖଣ୍ଡ ଭାରତ। ଆଫଗାନିସ୍ଥାନକୁ ୧୮୭୬ରେ, ଭୁଟାନକୁ ୧୯୦୬ରେ, ଶ୍ରୀଲଙ୍କାକୁ ୧୯୩୫ରେ, ପାକିସ୍ଥାନକୁ ୧୯୪୭ରେ ଅଖଣ୍ଡ ଭାରତରୁ ଅଲଗା କରାଯାଇ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରାଯାଇଥିଲା। ୧୮୭୫ ପୂର୍ବରୁ ଆଫଗାନିସ୍ଥାନ, ଭୁଟାନ, ମ୍ୟାମାର, ପାକିସ୍ଥାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ତିବ୍ବତ ଅଖଣ୍ଡ ଭାରତର ଅଂଶ ଥିଲେ। ୧୮୭୫ ମସିହାରେ ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ ଆନ୍ଦୋଳନ ସୁତ୍ରପାତ ହୋଇଥିଲା ସେଥିରେ ଡ଼ରିଯାଇଥିଲେ ଇଂରେଜ ସରକାର। 'ବିଭାଜନ କର-ଶାସନ କର' ନୀତିକୁ ଆପଣେଇ ସର୍ବପ୍ରଥମେ ୧୮୭୬ ମସିହାରେ ଆଫଗାନିସ୍ଥାନକୁ ଆର୍ଯ୍ୟାବର୍ତ୍ତ (ଅଖଣ୍ଡ ଭାରତ) ରୁ ଅଲଗା କରିଦେଇଥିଲେ ଓ ୧୯୪୭ ମସିହାରେ ବର୍ତ୍ତମାନର ଭାରତ ବର୍ଷ ସ୍ୱାଧିନ ହେବା ପର୍ଯ୍ୟନ୍ତ ଏହି ବିଭାଜନ ପ୍ରକ୍ରିୟା ଜାରି ରଖିଥିଲେ ଇଂରେଜମାନେ। ଯଦି ଆମେ ରାମାୟଣ ଓ ମହାଭାରତ କାଳର କଥାକୁ ତର୍ଜମା କରିବା ତେବେ ମାଲେସିଆ, ଇଣ୍ଡୋନେସିଆ, ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ଭିଏତନାମ ଓ କମ୍ବୋଡ଼ିଆ ଭଳି ଦେଶ ମଧ ଆର୍ଯ୍ୟାବର୍ତ୍ତର ଅଂଶ ଥିଲା ବୋଲି ଜଣାପଡ଼େ।

ସଂକଳ୍ପ ବେଳେ ଉଚ୍ଚାରଣ କରାଯାଉଥିବା ସଂସ୍କୃତ ଶ୍ଲୋକରୁ ଆର୍ଯ୍ୟାବର୍ତ୍ତ (ଅଖଣ୍ଡ ଭାରତ) ର ଭୂଭାଗ ସଂପର୍କରେ ସ୍ପଷ୍ଟ ସୂଚନା ମିଳେ। ଅଖଣ୍ଡ ଭାରତ ହିମାଳୟ ଠାରୁ ହିନ୍ଦ୍ ମହାସାଗର ପର୍ଯ୍ୟନ୍ତ ତଥା ଇରାନ୍ ଠାରୁ ଇଣ୍ଡୋନେସିଆ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା। ୧୮୫୭ରେ ଅଖଣ୍ଡ ଭାରତର କ୍ଷେତ୍ରଫଳ ଥିଲା ୮୩ଲକ୍ଷ ବର୍ଗ କିଲୋମିଟର କିନ୍ତୁ ବର୍ତ୍ତମାନର ଭାରତ ବର୍ଷର କ୍ଷେତ୍ରଫଳ ମାତ୍ର ୩୩ଲକ୍ଷ ବର୍ଗକିଲୋମିଟର ରହିଛି। ୧୯୩୫ ମସିହାରେ ଇଂରେଜମାନେ ଶ୍ରୀଲଙ୍କାକୁ ଭାରତ ବର୍ଷରୁ ଅଲଗା କରିଦେଇଥିଲେ। ଆମ ଶାସ୍ତ୍ର ଅନୁସାରେ ଶ୍ରୀଲଙ୍କାର ନାମ ଥିଲା ସିଂହଳ ଦ୍ୱିପ। ପରେ ଏହାର ନାମ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ଏହାର ନାମ ଶ୍ରୀଲଙ୍କା ରଖାଯାଇଛି। ସମ୍ରାଟ ଅଶୋକଙ୍କ ଶାସନ କାଳରେ ଶ୍ରୀଲଙ୍କାର ନାମ ଥିଲା ତାମ୍ରପର୍ଣ୍ଣୀ। ସମ୍ରାଟ ଅଶୋକଙ୍କ ପୁତ୍ର ମହେନ୍ଦ୍ର ଏବଂ ପୁତ୍ରି ସଂଘମିତ୍ରା ବୌଦ୍ଧ ଧର୍ମର ପ୍ରଚାର ପାଇଁ ଶ୍ରୀଲଙ୍କା ଯାଇଥିଲେ। ସେହିପରି ଆଫଗାନିସ୍ଥାନର ପୁରୁଣା ନାମ ହେଉଛି ଉପଗଣସ୍ଥାନ, ଏବଂ କାନ୍ଦାହାରର ପୁରୁଣା ନାମ ହେଉଛି ଗାନ୍ଧାର। ଆଫଗାନିସ୍ଥାନ ଏକ ଶୈବଧର୍ମାବଲମ୍ବୀ ଦେଶ ଥିଲା। ମହାଭାରତ ରେ ବର୍ଣ୍ଣିତ ଗାନ୍ଧାର ଆଫଗାନିସ୍ଥାନରେ ରହିଛି ଯେଉଁଠି କୌରବଙ୍କ ମାତା ଗାନ୍ଧାରୀ ଏବଂ ମାମୁଁ ଶକୁନି ଥିଲେ। ଶାହାଜାହାନଙ୍କ ଶାସନ କାଳ ପର୍ଯ୍ୟନ୍ତ କାନ୍ଦାହାର ବା ଗାନ୍ଧାର ସମ୍ପର୍କରେ ତଥ୍ୟ ରହିଛି। ଏହା ଆର୍ଯ୍ୟାବର୍ତ୍ତ ବା ଅଖଣ୍ଡ ଭାରତର ଅଂଶ ଥିଲା। ୧୮୭୬ରେ ଋଷିଆ ଏବଂ ବ୍ରିଟେନ୍ ମଧ୍ୟରେ ଗଣ୍ଡାମକ ସନ୍ଧି ହୋଇଥିଲା। ଏହି ସନ୍ଧି ପରଠାରୁ ଆଫଗାନିସ୍ଥାନକୁ ଏକ ସ୍ୱତନ୍ତ୍ର ଦେଶ ବୋଲି ସ୍ୱୀକାର କରାଯାଇଥିଲା। ମ୍ୟାମାର (ବର୍ମା)ର ପ୍ରାଚୀନ ନାମ ହେଉଛି ବ୍ରହ୍ମଦେଶ। ୧୯୩୭ ମସିହାରେ ଇଂରେଜମାନେ ମିଆମାର ବା ବର୍ମାକୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଥିଲେ। ପ୍ରାଚୀନ କାଳରେ ହିନ୍ଦୁ ରାଜା ଅଣାବ୍ରତ ଏଠାରେ ଶାସନ କରୁଥିଲେ। ଇଂରେଜମାନେ ୧୯୦୪ ମସିହାରେ ନେପାଳକୁ ଆର୍ଯ୍ୟାବର୍ତ୍ତରୁ ଅଲଗା କରିଦେଇଥିଲେ। ନେପାଳର ପୁରୁଣା ନାମ ହେଉଛି ଦେବଘର। ନେପାଳର ଲୁମ୍ବିନୀଠାରେ ଭଗବାନ ବୁଦ୍ଧଙ୍କର ଜନ୍ମ ହୋଇଥିଲା ଏବଂ ମାତା ସୀତାଙ୍କ ଜନ୍ମ ନେପାଳର ଜନକପୁରରେ ହୋଇଥିବା ପୁରାଣ ଶାସ୍ତ୍ରରୁ ସ୍ପଷ୍ଟ। ସମ୍ରାଟ ଅଶୋକ ଏବଂ ସମୁଦ୍ରଗୁପ୍ତଙ୍କ ଶାସନ କାଳରେ ନେପାଳ ଅଖଣ୍ଡ ଭାରତର ଅଂଶ ଥିଲା। ୧୯୩୯ ମସିହା ପର୍ଯ୍ୟନ୍ତ ଥାଇଲାଣ୍ଡକୁ ଶ୍ୟାମ ବୋଲି କୁହାଯାଉଥିଲା। ତୃତୀୟ ଶତାବ୍ଦି ରୁ ସେଠାରେ ବୌଦ୍ଧ ମନ୍ଦିର ନିର୍ମାଣ ହୋଇଥିବାର ସୂଚନା ମିଳେ। ଏବେ ବି ଥାଇଲାଣ୍ଡରେ ଅନେକ ହିନ୍ଦୁ ମନ୍ଦିର ରହିଛି। କମ୍ବୋଡ଼ିଆର ସଂସ୍କୃତ ନାମ କମ୍ବୋଜ। ଏହା ମଧ ଆର୍ଯ୍ୟାବର୍ତ୍ତରେ ଥିଲା। ଭାରତୀୟବଂଶୋଦ୍ଭବ କୌଣ୍ଡିନ୍ୟ ରାଜ ବଂଶର ଶାସନ ଏଠାରେ ଥିଲା। ଏଠାକାର ଲୋକମାନେ ଶିବ, ବିଷ୍ଣୁ ଏବଂ ବୁଦ୍ଧଙ୍କର ପୂଜା କରିଥାନ୍ତି। କମ୍ବୋଡ଼ିଆର ରାଷ୍ଟ୍ରଭାଷା ସଂସ୍କୃତ ଥିଲା। ବିଶ୍ୱ ପ୍ରସିଦ୍ଧ ଭଗବାନ ବିଷ୍ଣୁଙ୍କ ମନ୍ଦିର ସେଠାରେ ରହିଛି ଯାହାର ନିର୍ମାଣ କରିଥିଲେ ହିନ୍ଦୁ ରାଜା ସୂର୍ଯ୍ୟଦେବ ବର୍ମା। ଏହି ମନ୍ଦିର ସହରର ନାମ ଅଙ୍କୋରୱାଟ ଯାହାର ପ୍ରାଚୀନ ନାମ ହେଉଛି ଯଶୋଧରପୁର। ସେହିପରି ଭିଏତ୍‌ନାମ ମଧ ଆର୍ଯ୍ୟାବର୍ତ୍ତ ବା ଭାରତବର୍ଷରେ ଥିଲା। ଭିଏତ୍‌ନାମର ପ୍ରାଚୀନ ନାମ ହେଉଛି ଚମ୍ପାଦେଶ। ଏବେବି ଭିଏତ୍‌ନାମର ବିଭିନ୍ନ ସହରରେ ଅନେକ ଶିବ, ପାର୍ବତୀ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମନ୍ଦିର ଦେଖିବାକୁ ମିଳେ। ପ୍ରାକ୍‌କାଳରେ ଏଠାରେ ଅନେକ ଶୈବାବଲମ୍ବି ଥିଲେବୋଲି ଜଣାପଡ଼େ। ମାଲେସିଆର ପ୍ରାଚୀନ ନାମ ଥିଲା ମଳୟ ଦେଶ, ଯାହାର ଅର୍ଥ ହେଉଛି ପାହାଡ଼ର ଭୂମି। ରାମାୟଣରେ ମାଲେସିଆର ବର୍ଣ୍ଣନା ରହିଥିବାବେଳେ ମହାକବି କାଳିଦାସ ତାଙ୍କ ରଘୁବଂଶମ୍‌ରେ ମଧ ଏହାର ବର୍ଣ୍ଣନା କରିଛନ୍ତି। ଏଠାକାର ଲିପି ବ୍ରାହ୍ମୀ ଥିବାବେଳେ ପ୍ରାକ୍ ଯୁଗରେ ସଂସ୍କୃତ ଭାଷା ମୁଖ୍ୟ ଭାଷା ଥିଲା ଓ ଆର୍ଯ୍ୟାବର୍ତ୍ତର ଏକ ଭୂଖଣ୍ଡ ମଧ ଥିଲା ମାଲେସିଆ। ପୁରାଣରେ ଯେଉଁ ଦ୍ୱିପାନ୍ତର ଭାରତ କଥା ବର୍ଣ୍ଣନା କରାଯାଇଛି ତାହା ହେଉଛି ଇଣ୍ଡୋନେସିଆ। ଦ୍ୱିପାନ୍ତର ଭାରତର ଅର୍ଥ ହେଉଛି ସମୁଦ୍ର ପାରିର ଭାରତ। ଇଣ୍ଡୋନେସିଆ ହିନ୍ଦୁ ରାଜାମାନଙ୍କର ରାଜ୍ୟ ଥିଲା। ଜାଭା ଦ୍ୱିପରେ ଏକ ବୃହତ୍ ଶିବ ମନ୍ଦିର ଥିଲା ବୋଲି କୁହାଯାଏ। ସେଠାକାର ପ୍ରାଚୀନ ପୁସ୍ତକ 'ଭୁବନକୋଷ' ସଂସ୍କୃତରେ ଲେଖାହୋଇଥିଲା ଓ ସେଥିରେ ୫୨୫ ଶ୍ଲୋକ ଥିଲା। ୧୯୦୭ ମସିହାରେ ଚୀନ ଏବଂ ଇଂରେଜମାନଙ୍କ ମଧ୍ୟରେ ହୋଇଥିବା ବୁଝାବଣା ପରେ ତିବ୍ବତକୁ ଦୁଇଭାଗ କରି ଦିଆଯାଇଥିଲା। ଗୋଟିଏ ଭାଗ ଚୀନ ନେଇଯାଇଥିବାବେଳେ ଅନ୍ୟ ଭାଗଟିକୁ ଲାମାଙ୍କୁ ପ୍ରଦାନ କରାଯାଇଥିଲା। ତିବ୍ବତର ପ୍ରାଚୀନ ନାମ ହେଉଛି ତ୍ରିବିଷ୍ଟମ। ପରେ ଲାମାଙ୍କୁ (ଦଲାଇଲାମା) ଦିଆଯାଇଥିବା ଭାଗକୁ ମଧ ଚୀନ ଜବର ଦଖଲ କରିନେଇଛି। ୧୯୫୪ରେ ତତ୍କାଳୀନ ଭାରତ ସରକାର ଲାମାଙ୍କ ଭାଗ ତିବ୍ବତକୁ ମଧ ଚୀନର ବୋଲି ଗ୍ରହଣ କରିନେଇଥିଲେ। ୧୯୦୬ ମସିହାରେ ଇଂରେଜମାନେ ଭୁଟାନକୁ ଭାରତବର୍ଷରୁ ଅଲଗା କରିଦେଇଥିଲେ ଓ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେଇଥିଲେ। ଭୁଟାନ ଶବ୍ଦ ସଂସ୍କୃତ ଶବ୍ଦ ଭୂ-ଉତ୍ଥାନରୁ ଆସିଛି ଯାହାର ଅର୍ଥ ହେଉଛି ଉଚ୍ଚଭୂମି। ଭାରତକୁ ସ୍ୱାଧିନତା ଦେବା ପୂର୍ବରୁ ୧୯୪୭ ମସିହାରେ ଇଂରେଜମାନେ ଭାରତର ବିଭାଜନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୪୭ ଅଗଷ୍ଟ ୧୪ ତାରିଖରେ ପୂର୍ବ ପାକିସ୍ଥାନ ଏବଂ ପଶ୍ଚିମ ପାକିସ୍ଥାନକୁ ନେଇ ପାକିସ୍ଥାନ ନାମକ ଏକ ସ୍ୱତନ୍ତ୍ର ରାଷ୍ଟ୍ର ସୃଷ୍ଟି ହୋଇଥିଲା। ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୦ରୁ ଧର୍ମ ଆଧାରରେ ଏକ ସ୍ୱତନ୍ତ୍ର ଦେଶ ପାଇଁ ଦାବି କରିଆସୁଥିଲେ। ଯାହାର ପରିଣାମ ସ୍ୱରୂପ ପାକିସ୍ଥାନର ସୃଷ୍ଟି। ୧୯୭୧ରେ ପାକିସ୍ଥାନ ଦୁଇ ଭାଗ ହୋଇଯାଇଥିଲା ଓ ବାଙ୍ଗଲାଦେଶ ଜନ୍ମ ନେଇଥିଲା। ପାକିସ୍ଥାନ ଏବଂ ବଙ୍ଗଳାଦେଶ ଭାରତ ବର୍ଷର ଅଂଶ ଥିଲେ। ଭିନ୍ନ ଭିନ୍ନ ସମୟରେ ଭାରତ ବର୍ଷକୁ ଖଣ୍ଡ ବିଖଣ୍ଡିତ କରାଯାଇଥିଲା ଓ ନୂଆ ନୂଆ ଦେଶ ଜନ୍ମ ନେଇଥିଲା। ଏବେ ଯେଉଁମାନେ ଅଖଣ୍ଡ ଭାରତର କଥା କହୁଛନ୍ତି ସେମାନେ ଭାରତର ଖଣ୍ଡିତ ହୋଇଥିବା ଏସବୁ ଦେଶକୁ ମିଶାଇ ଅଖଣ୍ଡ ଭାରତର ପୁନର୍ଗଠନ କରିପାରିବେ ତ? ଏସବୁ ଦେଶକୁ ମିଶାଇ ଅଖଣ୍ଡ ଭାରତ ଗଠନ କରିବା ଅସମ୍ଭବ ଜଣାପଡୁଛି। କିନ୍ତୁ ଅସମ୍ଭବ ମଧ ନୁହେଁ। ଅଖଣ୍ଡ ଭାରତ ଭାରତବାସୀଙ୍କ ପାଇଁ କେବଳ ଏକ ଶବ୍ଦ ନୁହେଁ। ଏହା ଆମ ଶ୍ରଦ୍ଧା, ଭାବ, ଦେଶଭକ୍ତି ଏବଂ ସଂକଳ୍ପର କଥା। ଆର୍ଯ୍ୟାବର୍ତ୍ତ ବା ଅଖଣ୍ଡ ଭାରତ କିପରି ଖଣ୍ଡ ବିଖଣ୍ଡିତ ହେଲା ସେ ସଂପର୍କରେ ଚିଂ। କରାଯିବା ଉଚିତ୍। ଏହି ସ୍ୱପ୍ନ ଅସମ୍ଭବ ଲାଗୁଥାଇପାରେ କିନ୍ତୁ ଯଦି ଆମେ ଇତିହାସକୁ ଦେଖିବା ତେବେ ଯେଉଁ ପ୍ରସଙ୍ଗ ଅସମ୍ଭବ ବୋଲି ଜଣାପଡୁଥିଲା ତାହା କିଛି କାଳ ପରେ ସମ୍ଭବ ହୋଇଛି। ବିଶ୍ୱର ଐତିହାସିକ ଅନୁଭବ ହେଉଛି କୌଣସି ବି ଦେଶର ବିଭାଜନ ସ୍ଥାୟୀ ନୁହେଁ। ୧୯୦୫ରେ ବଙ୍ଗ ଭଙ୍ଗ ପରେ ୧୯୧୧ରେ ଏହା ଏକ ହୋଇଥିଲା। ୨୦୦୦ବର୍ଷ ପୂର୍ବେ ନଷ୍ଟ ଇସ୍ରାଏଲ ୧୯୪୮ମସିହା ମେ ମାସରେ ଏକ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା। ହୋଲିରୋମାନ୍ ଏମ୍ପାୟାର ନଷ୍ଟ ହୋଇଯିବା ଏପରିକି ବ୍ରିଟିଶ ସାମ୍ରାଜ୍ୟ ସ୍ଥାୟୀ ନରହିବା ଭଳି ଅନେକ ଘଟଣା ଘଟିଛି। ଆମେ ଜର୍ମାନୀର ମିଶ୍ରଣ କଥା ଦେଖିଛେ। କେହି କେବେ ଭାବିଥିଲେ କି ପୂର୍ବ ଜର୍ମାନୀ ଏବଂ ପଶ୍ଚିମ ଜର୍ମାନୀ ମିଶିବେ ବୋଲି? ଦୁଇ ଭିଏତ୍‌ନାମ ଏକ ହୋଇଯାଇଥିଲେ। ଏପରି ଅନେକ ଉଦାହରଣ ରହିଛି। ଜେନେରାଲ କରିଆପ୍ପା କହିଥିଲେ ଭାରତ ପୁଣି ସଙ୍ଗଠିତ ହେବ। ପ୍ରସିଦ୍ଧ ଲେଖକ ବାନ୍ ବୋଲବନବର୍ଗ ମଧ କହିଥିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଓ ପାକିସ୍ଥାନର ବିଭାଜନ ତର୍କ ହୀନ। ଭାରତର ଅଖଣ୍ଡତାର ଆଧାର ଭୂଗୋଳ ନୁହେଁ ସାଂସ୍କୃତିକ। ଅଖଣ୍ଡ ଭାରତ କେବେ ହେବ ତାହା କହିବା କଠିନ କିନ୍ତୁ ଅସମ୍ଭବ ନୁହେଁ। ଏବେ ପାକିସ୍ଥାନ ଅଧିକୃତ କାଶ୍ମୀର ଏବଂ ବେଲୁଚିସ୍ଥାନର ଲୋକେ ସ୍ୱାଧିନତା ଦାବି କଲେଣି। ଏବେର ସରକାର ପାକିସ୍ଥାନ ଅଧିକୃତ କାଶ୍ମୀରକୁ ଭାରତରେ ମିଶାଇ ଅଖଣ୍ଡ ଭାରତ ନିର୍ମାଣ ର ଶ୍ରୀ ଗଣେଷ ବା ଶୁଭାରମ୍ଭ କରିବା ଉଚିତ୍।

+ରାମଚନ୍ଦ୍ରପୁର ରଣପୁର,
ମୋ.-୯୪୩୮୪୮୫୦୯୪

# ଚିକିତ୍ସାକୁ ସହଜ କରିଛି ନିଶ୍ଚେତକ

**ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ**



ନିଶ୍ଚେତକ ଉଦ୍ଭାବନ କରିବାର ଶ୍ରେୟ ମିଳେ ଆମେରିକାର ଯୁବ ଦାନ୍ତ ଡାକ୍ତର ୱିଲିୟମ ମୋର୍ଟୋନ୍‌ଙ୍କୁ। ସେ ପ୍ରଥମେ ଦେଖିଲେ ଯେ ସଲଫ୍ୟୁରିକ ଇଥର ଆଘ୍ରାଣ କରିବା ଦ୍ୱାରା ମଣିଷ ଓ ଜୀବଜନ୍ତୁ ସମସ୍ତେ ଅଚେତ ହୋଇଯାଉଛନ୍ତି। ଏହା ଅଧ୍ୟୟନ କରିବାର କେଇ ମାସ ପରେ ଅର୍ଥାତ୍ ୧୮୪୬ ମସିହା ଅକ୍ଟୋବର ୧୫ ତାରିଖରେ ଡା. ମୋର୍ଟୋନ୍ ମାସାଚ୍ୟୁସେଟ୍ସ ଡାକ୍ତରଖାନାରେ ଜଣେ ଯୁବ ରୋଗୀଙ୍କ ଠାରେ ଏହି ନିଶ୍ଚେତକ ପ୍ରୟୋଗ କଲେ ଡଃ.ମୋର୍ଟୋନ। ଡାକ୍ତରଖାନାର ମୁଖ୍ୟ ସର୍ଜନ ରୋଗୀଙ୍କ ଦାନ୍ତ ମାଢ଼ି ଉପରେ ହୋଇଥିବା ଏକ ଟ୍ୟୁମରକୁ ଅସ୍ତ୍ରୋପଚାର ଦ୍ୱାରା ହଟାଇଲେ। ମାତ୍ର ରୋଗୀଜଣଙ୍କ ହଲଚଲ ହେଲେ ନାହିଁ। କିମ୍ବା ଚିତ୍କାର କଲେ ନାହିଁ। ଏହା ସର୍ଜନଙ୍କ ସମେତ ଦେଖଣାହାରୀ ମାନଙ୍କୁ ମଧ ଚକିତ କଲା। ଏହିଠାରୁ ଆରମ୍ଭ ହେଲା ଜେରୋଲ ଆନାସ୍ଥେସିଆ ବା ସାଧାରଣ ନିଶ୍ଚେତକର କାହାଣୀ। ଇଥରର ଏହି ଅନନ୍ୟ ଗୁଣର ଖବର ସାରା ବିଶ୍ୱକୁ ବ୍ୟାପୀଗଲା। ଏହା ବ୍ରିଟିଶ ଚିକିତ୍ସାବିତ୍ ଜେମ୍ସ ସିମ୍ପସନ୍‌ଙ୍କୁ ପ୍ରୋତ୍ସାହିତ କଲା। ଏହାର ଉନ୍ନତ ରୂପ କ୍ଲୋରୋଫର୍ମ ଉଦ୍ଭାବନ ପାଇଁ। ସଲଫ୍ୟୁରିକ୍ ଇଥର ତୁଳନାରେ କ୍ଲୋରୋଫର୍ମ ଅଧିକ ଆଦୃତ ହେଲା। କାରଣ ଏଥିରେ ସଲଫ୍ୟୁରିକ ଇଥରର କଡ଼ା ଗନ୍ଧ ନଥିଲା, ଗଳା ଓ ନାକ ପୋଡ଼ିବା ନଥିଲା କିମ୍ବା ପ୍ରାଥମିକ ଅବସ୍ଥାରେ ଶାରୀରିକ ଯନ୍ତ୍ରଣା ମଧ ନଥିଲା। ଲାବୋରୋଟୋରୀରେ ପ୍ରସ୍ତୁତ ଏହି କ୍ଲୋରୋଫର୍ମକୁ ଡାକ୍ତରୀ ନିଶ୍ଚେତକର ପ୍ରତିଷ୍ଠାତା ଜନ୍ ସ୍ନୋ ଠିକଣା ମାତ୍ରାରେ ଦେବାର ସୂତ୍ର ବତାଇଥିଲେ। ଏହାପରେ ଅସ୍ତ୍ରୋପଚାର ଓ ଦାନ୍ତ ଚିକିତ୍ସାରେ କ୍ଲୋରୋଫର୍ମ ସହଜ ତଥା ସୁବିଧାଜନକ ଉପାୟ ଭାବରେ ପରିଗଣିତ ହେଲା। କିନ୍ତୁ ଅନ୍ୟ ଡାକ୍ତରମାନେ ଏହାକୁ ବ୍ୟବହାର କଲେ ନାହିଁ। କିନ୍ତୁ ବ୍ରିଟିଶ ରାଣୀ ଭିକ୍ଟୋରିଆଙ୍କ ଅଷ୍ଟମ ସନ୍ତାନ ପ୍ରିନ୍ସ ଲିଓପୋଲ୍ଡଙ୍କ ଜନ୍ମ ପରେ ସବୁକିଛି ବଦଳିଗଲା। ରାଣୀଙ୍କ ପ୍ରସବ ବେଦନା କମ୍ ହେବା ପାଇଁ ଡଃ. ସ୍ନୋ ରାଣୀ ଭିକ୍ଟୋରିଆଙ୍କ ଠାରେ କ୍ଲୋରୋଫର୍ମ ବ୍ୟବହାର କରିଥିଲେ। ଏହା ପ୍ରଚାରିତ ହେବାପରେ ବ୍ରିଟେନରେ ସବୁ ଡାକ୍ତର ବ୍ୟବହାର ପାଇଁ ଆଗଭର ହେଲେ। ଉନ୍ନବିଂଶ ଶତାବ୍ଦୀର ଶେଷ ସୁଦ୍ଧା ଆନାସ୍ଥେସିଆ ଡାକ୍ତରୀ ଚିକିତ୍ସାର ଅଭିନ୍ନ ଅଂଶ ପାଲଟି ଯାଇଥିଲା। ନୂତନ ବୈଜ୍ଞାନିକ ଉନ୍ନତ ଚିକିତ୍ସା କ୍ଷେତ୍ରରେ ଉପଯୋଗ ହେବାର ପ୍ରଥମ ଘଟଣା ଥିଲା ଏହା। ଏବେ ଆନାସ୍ଥେସିଆରେ ସଲଫ୍ୟୁରିକ୍ ଇଥର ଓ କ୍ଲୋରୋଫର୍ମ ବଦଳରେ ସେଭୋଫ୍ଲୁରେନ୍ ଓ ଆଇସୋଫ୍ଲୁରେନ୍ ପରି ଉପାଦାନ ବ୍ୟବହାର ହେଉଚି। ଇଥର ଖୁବ୍ ଜଳନଶୀଳ ହୋଇଥିବାରୁ ବର୍ତ୍ତମାନ ଚିକିତ୍ସା କ୍ଷେତ୍ରରେ ବା ଡାକ୍ତରଖାନାଗୁଡ଼ିକର ବୈଦ୍ୟୁତିକ ବ୍ୟବସ୍ଥା ମଧ୍ୟରେ ଏହାକୁ ବ୍ୟବହାର କରାଯିବା ବିପଜ୍ଜନକ ଏବଂ କ୍ଲୋରୋଫର୍ମରେ ହୃଦ୍‌ଘାତର ଆଶଙ୍କା ଅଧିକ ଥିବାରୁ ଏ ଦୁଇଟିର ବ୍ୟବହାର ବନ୍ଦ ହୋଇଛି। ବର୍ତ୍ତମାନ ଆନାସ୍ଥେସିଆ ଜନିତ ରୋଗୀ ମୃତ୍ୟୁ ସଂଖ୍ୟା ଖୁବ୍ ନଗଣ୍ୟ। ୩ଲକ୍ଷ ଅସ୍ତ୍ରୋପଚାର ରୋଗୀଙ୍କ ମଧ୍ୟରୁ ମାତ୍ର ଜଣେ ଆନାସ୍ଥେସିଆ ସମସ୍ୟାରୁ ମୃତ୍ୟୁବରଣ କରିପାରନ୍ତି ସାରା ବିଶ୍ୱରେ।

ନିଶ୍ଚେତକର ରହସ୍ୟ : ୧୭୧ ବର୍ଷ ହେବ ଅସ୍ତ୍ରୋପଚାରକୁ ସହଜ ଓ ଯନ୍ତ୍ରଣାଶୂନ୍ୟ କରିବା ପାଇଁ ନିଶ୍ଚେତକ ବା ଆନାସ୍ଥେସିଆ ବ୍ୟବହୃତ ହେଉଛି। କିନ୍ତୁ ଏହା କିପରି ଭାବରେ କାମ କରେ ଆମ ମସ୍ତିଷ୍କ ଓ ଶରୀର ଉପରେ ତାହା ଏ ଯାଏ ଅଜଣା ହୋଇରହିଛି। ରୋଗୀକୁ ଅସ୍ତ୍ରୋପଚାର ସମୟରେ ନିଶ୍ଚଳ, ଯନ୍ତ୍ରଣାହୀନ ଓ ଅଚେତନ କରିବା ସାଧାରଣ ନିଶ୍ଚେତକର ଆବଶ୍ୟକତା। କିନ୍ତୁ ଆନାସ୍ଥେସିଆ ଦେବା ଦ୍ୱାରା ରୋଗୀର ଶରୀର ଓ ମସ୍ତିଷ୍କରେ କ'ଣ ପରିବର୍ତ୍ତନ ହୁଏ ଯାହାଦ୍ୱାରା ସେ ନିସ୍ତେଜ ହୋଇଯାଇପାରେ ତାର ରହସ୍ୟ ଏ ପର୍ଯ୍ୟନ୍ତ କେହି ଜାଣିପାରିନାହାନ୍ତି। ସବୁଠାରୁ ଅଧିକ ଉପଯୋଗ ହେଉଥିବା ଏହି ଉପାୟ ପଛରେ ଥିବା କାରଣ ଜଣାନପଡ଼ିବା ଡାକ୍ତରୀ ବିଜ୍ଞାନର ଅନ୍ୟତମ ରହସ୍ୟ।

+ଆସିଷ୍ଟାଣ୍ଟ ପ୍ରଫେସର,
କାର୍ଡ଼ିଆକ୍ ଆନାସ୍ଥେସିଆ, ହାଇଟେକ୍
ମେଡ଼ିକାଲ କଲେଜ, ଭୁବନେଶ୍ୱର,
ଦୂରଭାଷ : ୯୯୦୧୧୪୫୭୯୫




## ସମୟ ଓ ଋତୁଚକ୍ର ...

**ଶ୍ରୀକୃଷ୍ଣ ସାମଲ**

ସମୟର ଚକ
ଋତୁ ଚକ ସହ
ଘୁରୁ ଅଛି ସବୁବେଳେ,
ପୃଥିବୀ ବି କାଳେ
ଅବିଶ୍ରାନ୍ତ ଭାବେ
ଘୁରୁ ଅଛି ତାଙ୍କ ମେଳେ।

ଶ୍ରାବଣରେ ବହେ
ଝାଳ ଗମଗମ
ଅନ୍ତର୍ବାସ ହୁଏ ଓଦା,
ଶ୍ରାବଣ ବରଷା
ତିନ୍ତାଇ ପାରେନି
ବର୍ହିବାସ କରି ଓଦା।

ବଇଶାଖେ ଏହା
ହେଉଥିଲା ଓଦା
ଦେହରେ ନ ଥିଲା ଝାଳ,
ବିଚିତ୍ର ଲାଗୁଛି
ଋତୁ ଚକ୍ର ଏବେ
ବିଷମ ବରଷା କାଳ।

ବିଚିତ୍ର ଲାଗୁଛି
ସମୟ ବି ଏବେ
ସୃଷ୍ଟି ଅବା ହେବ ଲୀନ ?
ଜନପ୍ରାଣୀ ସବୁ
ବଞ୍ଚି ପାରିବେନି
କାହିଁକି ଏ ବ୍ୟତିକ୍ରମ ??
ବୈଜ୍ଞାନିକମାନେ
ପରଦା ଉଠାନ୍ତୁ
କାହାର ଏ ପ୍ରାଦୁର୍ଭାବ,
ସ୍ରଷ୍ଟା ବି ନୀରବ
ଦ୍ରଷ୍ଟା ସାଜିଛନ୍ତି
କାହିଁକି ଏ ପରାଭବ ??

+ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯

## ଶୈଶବର ତଲାସ...

**କୃଷ୍ଣା ମିଶ୍ର**

ଶୈଶବର ତଲାସ୍!
ସେ ଯେ ହଜିଯାଇଛି,
କେଉଁ ଗଳି କନ୍ଦିରେ,
ବସି କାନ୍ଦୁଛି,
ହୋଟେଲ, ଢ଼ାବା ଅବା ଘର ଘର ବୁଲି
ବାସନ ଧୋଉଛି...
ବିଡ଼ିରେ ତମ୍ବାଖୁ ଭରୁଛି...
ଶୈଶବରେ ଶିଶୁ
କୋଳଉଛି...
କେତେ ଯେ ଯୋଜନା
ହସିବ ଶୈଶବ!
କାହିଁ? କେଉଁଠି?
ଶୈଶବ କି ସତରେ
ବଂଚିଛି???

+ରାୟଗଡ଼, ଛତିଶଗଡ଼
ମୋ: ୯୩୦୧୦୧୨୩୩୩

## ଲଣ୍ଠନ...

**କସ୍ତୁରୀ ଚରଣ ରାଉତ**

ଦେହଟା ତାହାର ଟିଣରେ ତିଆରି
ପୋଷାକ ତାହାର କାଚ
କିରୋସିନି ବିନା କାମ ସେ କରେନି
ହଲିଗଲେ କରେ ନାଚ।

ଧପଧପ ହୋଇ ଲିଭି ଯାଇଥାଏ
କରେନି ଭଲରେ କାମ
ବରଷା ଅନ୍ଧାର ହୋଇଥାଏ ସାଥୀ
ଲଣ୍ଠନ ତାହାର ନାମ।

ବିଜ୍ଞାନ ଯୁଗରେ ଡିବିରି ଲଣ୍ଠନ
ସତ୍ତା ଯାଇଅଛି ହଜି
ବିଜୁଳି ଆଲୁଅ ସୋଲାର ଲାଇଟି
ଘରେ ଘରେ ଜଳେ ଆଜି।

ଅଲୋଡ଼ା ଅଖୋଜା ବିଜୁଳି ଆଲୁଏ
ଘର କଣେ ଥାଏ ପଡ଼ି
ମାନ ଅଭିମାନ ଜାଣେନି ଲଣ୍ଠନ
ଧୂଳି ଅଳନ୍ଧୁରେ ସଢ଼ି।

ବାତ୍ୟାବେଳେ ଯେବେ ଖୁଂଟ ଉପୁଡ଼ିଲା
ଛିଣ୍ଡିଲା ବିଜୁଳି ତାର
ସହର ବଜାର ଅନ୍ଧାର ଘୋଟିଲା
ଲୋକେ ହେଲେ ନାରଖାର।

ବେଦୀ ମୁହଁ ସିନା ପୋଡ଼ା ହୋଇଥାଏ
ସରିଗଲା ପରେ ବାହା
ସେତେବେଳେ ଖୋଜା ପଡ଼ିଲା ଲଣ୍ଠନ
ବିପଦରେ ହେଲା ସାହା।

+ଶିକ୍ଷକ ସତ୍ୟବାଦୀ ହାଇସ୍କୁଲ
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର






## ପାଇବନି ବାସି ଖରାପ...

**ଧିରେନ୍ଦ୍ର ମଲ୍ଲିକ**



ଆସ ଆସ ମୋର ଗରାଖ ଈଶ୍ୱର
ଦୋକାନ ମୋହର ଖୋଲିଲା ଏବେ,
ଥରେ ଯେ ଖାଇବ ମୋ ପିଆଜି ବରା
ମନରୁ ଭୁଲିବ ନାହିଁତ କେବେ,,
ପକୁଡ଼ି ସିଙ୍ଗଡ଼ା ବରା ଆଳୁକଷା
ସାରା ଓଡ଼ିଶାରେ ମୋର ଫେମସ,
ଦଶହାତ ଦୂରେ ଠିଆ ହେଲେ ସୁଧା
ଭାରି ଚହଟିବ ତାଆରି ବାସ,,
ପାଇବନି ବାସି ଖରାପ ଜିନିଷ
ସବୁପରା ମୋର ନଗଦ ଛଣା,
ପଚାରି ପାରିବ ଯିଏ ଖାଇଛନ୍ତି
ଟେଷ୍ଟି କେମିତିକା ତାଙ୍କୁ ହିଁ ଜଣା,,
ସଂଧ୍ୟା ପାଂଚଟାରୁ ଖୋଲେ ମୁଁ ଦୋକାନ
ବନ୍ଦ କରଇ ରାତି ଏଗାରେ,
ଆଠଟା ପରଠୁ ବସେ ମୋ ରତନି
ଚେକା ପକେଇ କି ମୋ ଯାଗାରେ,,
ବଡ଼ପୁଅ ମୋର ଗୋଟା ଗୋଟା ଖାଲି
ଟେକି ନେଇଯାଏ ଆଳୁ ଚଅପ,
ମଝିଆଁ ପୁଅଟା ଅମୁଲୁ ଚାଆକୁ
ପିଇଯାଏ ଚାରି ଛଅ କଅପ,,
ସାନ ଝିଅ ବେବି କାନ୍ଦି କାନ୍ଦି କୁହେ
ମତେ ଦିଅ ଜଲଦି ପାମ୍ପଡ଼ ଛାଣି,
ରାଡ୍ଡୁ ମାଡ୍ଡୁ କରି ଖାଇ ପକେଇବି
ତଣ୍ଟିରେ ଲାଗିଲେ ପିଇବି ପାଣି,,
ଲାଭ ଆଉ କିସ କରିବି ଦୋକାନୁ
ଖାଇଦେବ ଯଦି ମୋ ପରିବାର,
ଅପୋଷା ରହିବ ପାଚପ୍ରାଣୀ ପେଟ
ଉଜୁଡ଼ି ଯିବ ମୋ ଘର ସଂସାର।

+ଯୁବ ସାମ୍ବାଦିକ
ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

# ଅନନ୍ୟ ଭାତୃ ସ୍ନେହ



**ଅକ୍ଷୟ ପଣ୍ଡା**
ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭



ଆମ ଦେଶର କଳା ସଂସ୍କୃତି ସାରା ବିଶ୍ୱକୁ ଆକୃଷ୍ଟ କରେ । ତାରି ରୀତି ରିୱାଜ୍ ଓ ପରମ୍ପରାରେ ଭରି ରହିଛି ନୈତିକତା । ଆଉ ମଧ୍ୟ ଆତ୍ମୀୟତା ଓ ଆତ୍ମ ସନ୍ତୋଷର ଉପାଦାନ । ତାର ଦେବାଳୟରେ ଫରଫର ହୋଇ ଉଡୁଥିବା ଲାଲ ଧ୍ୱଜା କହେ । ତୁମ ଜୀବନର ରେଳ ଗାଡ଼ି ଚାଲୁଥିବା ପଟିରିର ମାର୍ଗ ପରିବର୍ତ୍ତନ କର । ଘୃଣା, ଅହଂକାର, ସ୍ୱାର୍ଥପରତା ଠାରୁ ଦୂରରେ ରୁହ । ଗଡ଼ି ଚାଲୁ ତୁମର ସେ ଜୀବନର ଗାଡ଼ିଟା ନିଷ୍ଠା, ନିରହଂକାର ଓ ନିଃସ୍ୱାର୍ଥର ପଟିରି ଉପରେ । ମାଡ଼ି ଚାଲୁ ଆଗକୁ । ଠିକ୍ ତା ଆଗରେ ଭେଟିବ ଶାନ୍ତିର ମାର୍ଗ । ଆଖିର କ୍ୟାମେରାରେ ତୁମର ନାଚି ଉଠିବ ମର୍ତ୍ତ୍ୟ ବୈକୁଣ୍ଠ ଧାମ ବାରାଣାସୀ । ଆଉ ଭେଟିବ ଗଙ୍ଗା ନଦୀର କଳକଳ ଜଳ ରାଶି । ତାର ସ୍ପର୍ଶରେ ଦେହ, ମନ ଓ ବଚନ ପବିତ୍ର ହୋଇ ଯିବ । ଦେଖିବ ସାରା ବିଶ୍ୱର ଆରାଧ୍ୟ ଦେବତା ବିଶ୍ୱନାଥ । ତାର ପରମ୍ପରା ରୀତି ରିୱାଜ୍ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବ ! ସେ ହସର ସହର ଓ ଖୁସିର ନଗରରେ ପାଞ୍ଚୋଟି ବିଶ୍ୱବିଦ୍ୟାଳୟ ଅଛି । ତନ ମଧ୍ୟରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ସମ୍ପୂର୍ଣ୍ଣା ନନ୍ଦ ବିଶ୍ୱ ବିଦ୍ୟାଳୟ ସର୍ବୋତ୍ତମ ଅଟେ । ସମ୍ପୂର୍ଣ୍ଣା ନନ୍ଦ ବିଶ୍ୱ ବିଦ୍ୟାଳୟ ବାରାଣାସୀ ତେଲିଆ ବାଦ ଠାରେ ଅବସ୍ଥିତ । ସେଠାରୁ ତିନି କିଲୋମିଟର ଦୂରରେ ଅଛି ନାଟିଇମିଲି । ସେଠାରେ ପ୍ରତି ବର୍ଷ ଶରତ ଋତୁର ମଧ୍ୟ ଭାଗରେ (ଅକ୍ଟୋବର) ଅତି ଆଡ଼ମ୍ବର ସହିତ ଭରତ ମେଳାପ ପାଳନ କରାଯାଏ । ଏହା ଆଜକୁ ଚାରିଶହ ଅଠସ୍ତୋରି ବର୍ଷ ହେଲା ଲାଗାତର ଭାବେ ପାଳନ କରାଯାଉଛି । ଚିତ୍ରକୁଟ ରାମଲିଳା ପରମ୍ପରା ଅନୁଯାୟୀ ଶୁକ୍ଳ ଏକାଦଶୀରେ ଭରତ ମେଳାପର ଆୟୋଜନ ହୁଏ । ନାଟିଇମିଲିର ସୁନ୍ଦର ମନୋରମ ପରିବେଶ ବେଶକୁ ସୁଗନ୍ଧ ପୁଷ୍ପ ତୋରଣ ମାନଙ୍କରେ ସଜ୍ଜା ଯାଏ । ଖୋଲା ଆକାଶର ମୁକ୍ତ ପ୍ରାଙ୍ଗଣ ମଧ୍ୟରେ ଥାଏ ସୁସଜ୍ଜିତ ମଣ୍ଡପ । ଉତ୍ସବର ଦିନ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ ଓ ଅନୁଜ ଲକ୍ଷ୍ମଣଙ୍କୁ ପୁଷ୍ପକ ବିମାନରେ ସେଠାକୁ ଅଣାଯାଏ । ବାଦ୍ୟ, ଶଙ୍ଖ, ଘଣ୍ଟା, ଘଣ୍ଟି ଓ ଡ଼ମ୍ବରୁର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ । ଶ୍ରଦ୍ଧାଳୁ ଭକ୍ତ ମାନେ ମହା ଆନନ୍ଦରେ ନୃତ୍ୟ କରନ୍ତି । ଚନ୍ଦନ, ଅଗୁର, କସ୍ତୁରୀର ମହମହ ବାସ୍ନାରେ ସେ ସ୍ଥାନ ମହକି ଉଠେ । ଜନଗହଳିର ଅପୂର୍ବ ସମାବେଶ । ଭକ୍ତ ଓ ଆଉ ଭଗବାନଙ୍କର ମିଳନରେ ଏଠି ମିଳିଯାଏ ଅମାପ ଆନନ୍ଦ । ବନାରସ ମହାରାଜା ରାଜକୀୟ ଠାଣିରେ ସେଠାରେ ପହଞ୍ଚନ୍ତି । ତାଙ୍କ ସହିତ ସାମିଲ ହୋଇଥାଏ ହାତୀ, ଘୋଡ଼ା ଓ ମନୋରମ ଝାଙ୍କି । ବାଦ୍ୟ ନାଚ ଗୀତର ଚାଲିଥାଏ ଶୋଭାଯାତ୍ରା । ନାଟିଇମିଲି ପାଲଟି ଯାଇଥାଏ ଲକ୍ଷ ଲକ୍ଷ ଭକ୍ତମାନଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ । ପ୍ରଭୁ ରାମଚନ୍ଦ୍ରଙ୍କର ପୂଜା ଅର୍ଚ୍ଚନା ବୈଦିକ ମତରେ ହୁଏ । ବନାରସର ପଣ୍ଡିତ ମାନେ ବେଦ ମନ୍ତ୍ର ପଢନ୍ତି । ରାମ ଚରିତ ମାନସକୁ ଅତି ସୁଲଳିତ କଣ୍ଠରେ ଗାନ କରାଯାଏ । ମହାରାଜା ମହା ଆନନ୍ଦରେ ମହା ପ୍ରଭୁଙ୍କର ଚାମର ସେବନ କରନ୍ତି । ଜୟ ଜୟ ଶ୍ରୀରାମ ଧ୍ୱନିରେ ଜନ ମୁଖରୁ ଶୁଣା ଯାଏ । ପ୍ରଭୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କର ଦେଖିବାକୁ ମିଳେ ଅପୂର୍ବ ମିଳନ । ରଘୁକୁଳ ନନ୍ଦନ ରାଜିବ ଲୋଚନ ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରି ମହା ଆନନ୍ଦରେ ବିଭୋର ହୁଅନ୍ତି ଭକ୍ତମାନେ । ଏ ଆଧ୍ୟାତ୍ମିକ ବାତାବରଣରୁ ଦେଖିବାକୁ ମିଳେ ଅତୁଳନୀୟ ଭ୍ରାତୃ ଭକ୍ତି । ଓଡ଼ିଆ ଭାଗବତରେ ଜଗନ୍ନାଥ ଦାସ ଲେଖିଛନ୍ତି

"ଭାଇର ଦୁଃଖେ ଯିଏ ଦୁଃଖି
ସେ ପ୍ରାଣୀ ସର୍ବ କାଳେ
ସୁଖି ।"

ଆଜିର ମଣିଷ ଭିତରେ ମରି ଯାଇଛି ମଣିଷ ପଣିଆ । ଧନ ଆଗରେ ସମ୍ପର୍କଟା ତୁଚ୍ଛ ହୋଇଛି । ପାର୍ଥିବ ସମ୍ପତ୍ତି ପାଇଁ ଭାଇ ଭାଇ ଭିତରେ ମନାନ୍ତର ମତାନ୍ତର । ସ୍ୱାର୍ଥ ସର୍ବୋସ୍ୱ ହୋଇ ଗଲାଣି ମନୁଷ୍ୟ । ନିଜେ ଭଲରେ ରହିବ ସୁଖରେ ଜୀବନ ଯାପନ କରିବ । ସେ କଥା ସେ ଭାବେ । ତା ମନରୁ ହଟି ଯାଏ ନିଜ ମା ପେଟର ଭାଇର ପ୍ରତି କର୍ତ୍ତବ୍ୟ । ଲଙ୍କାର ରାଜା ଦଶାନନ ଜୀବନର ଶେଷ କ୍ଷଣରେ ଲକ୍ଷ୍ମଣଙ୍କୁ ଉପଦେଶ ଦେଇଥିଲେ ।

"ଯା ପ୍ରୀତି ସୋଦର ନାସ୍ତି
ତା ପ୍ରୀତି ଇତର ଜନାଃ ।"

ଯିଏ ଭାଇର ନୁହେଁ ସେ କାହାର ହେବ ନି । ଆଜି ରାମଚନ୍ଦ୍ର ଯୁଦ୍ଧରେ ଜୟ ଲାଭ କଲେ ତାଙ୍କ ସାଥିରେ ଥିଲା ତାଙ୍କ ଭାଇ ସହଯୋଗ । ଦଶାଶନ ପରାଜୟ ଲାଭ କଲା । ତାର କାରଣ ବିଭିଷଣ ରାମଚନ୍ଦ୍ରଙ୍କର ସାଥିରେ ଥିଲା । ଏଥିରୁ ସ୍ୱଷ୍ଟ ଅନୁମାନ ହୁଏ ସମାଜକୁ ସରସ ସୁନ୍ଦର ଗଢି ତୋଳିବା ପାଇଁ ଭ୍ରାତୃ ସ୍ନେହର ଆବଶ୍ୟକ । ମନର ମଳିନତାକୁ ଦୁର କରି ପରସ୍ପର ସ୍ନେହ ମମତାରେ ବାନ୍ଧି ହୋଇଯାଆନ୍ତୁ । ତେଣୁ କୁହାଯାଏ ।

"ଇସ୍ ବାତ୍‌ସେ ଭଲେ ହି
ସାରି ଦୁନିଆ ଜଲେ
ମେରେ ହିସେ କି ଖୁସିୟାଁ ଭି
ଭାଇ ମୁଝେ ମିଲେ ।"

କେବେ ହେଲେ ଭୁଲନ୍ତୁ ନାହିଁ ନିଜର ଭାଇର ପ୍ରତି କର୍ତ୍ତବ୍ୟ । ରାଜିବ ଲୋଚନ ପ୍ରଭୁ ରାମଚନ୍ଦ୍ରଙ୍କୁ ପୂଜା କରିବା ଠାରୁ ତାଙ୍କ ଆଦର୍ଶର ଅନୁକରଣ କରି କାର୍ଯ୍ୟ କରିବା ସବୁଠାରୁ ଭଲ । ଧନ୍ୟ ସେ ଭରତ ଧନ୍ୟ ତାଙ୍କ ଭ୍ରାତୃ ଭକ୍ତି । ଭରତ ମେଳାପ ଏକ ଅନନ୍ୟ ଭ୍ରାତୃ ସ୍ନେହର ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

# ଜଳଖିଆକୁ ନେଇ ସତର୍କତା

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଡାଏଟିଂ କରନ୍ତୁ ହେଲେ ସକାଳ ଜଳଖିଆକୁ ସବୁଠୁ ଅଧିକ ପ୍ରାଧାନ୍ୟ ଦେବା ଉଚିତ୍ । ନଚେତ୍ ଶରୀର ଉପରେ ଏହାର ଓଲଟା ପ୍ରଭାବ ପଡ଼ିବାର ଆଶଙ୍କା ରହିଛି ।**



ସକାଳେ ଉଠିବା ପରେ ୧ ଘଂଟା ମଧ୍ୟରେ ଜଳଖିଆ କରିନେବା ଉଚିତ୍ । ଜଳଖିଆ ନଖାଇଲେ ଶରୀରର ଓଜନ ଅଧିକ ବଢ଼େ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ।

ପୂରା ରାତି ଖାଲିପେଟରେ ଶରୀର ରହିବା ପରେ ସକାଳ ଜଳଖିଆ ନ ଖାଇଲେ ଏସିଡିଟି ହୋଇଥାଏ । ଏପରିକି ଏହି କାରଣରୁ ଅନେକ ଝାଡ଼ା, ବାନ୍ତିରେ ଆକ୍ରାନ୍ତ ହୋଇଥାନ୍ତି ।

ସକାଳ ଜଳଖିଆ ନଖାଇଲେ ଅଲସର ରୋଗ ହେବାର ଆଶଙ୍କା ସର୍ବାଧିକ ବୋଲି ନ୍ୟୁଜିଲାଣ୍ଡ ବିଶେଷଜ୍ଞ ନିକଟରେ ପ୍ରକାଶ କରିଥିବାର ଜଣାପଡ଼ିଛି ।

ଆମେରିକୀୟ ବିଶେଷଜ୍ଞ ମତ ଦେଇଛନ୍ତି ୨୭ % ଲୋକେ ଜଳଖିଆ କରୁନଥିବାରୁ ହୃଦଘାତରେ ପ୍ରାଣ ହରାଇଥାନ୍ତି । ସେଥିପାଇଁ ପ୍ରତ୍ୟେକ ବର୍ଗର ଲୋକେ ସକାଳବେଳା ଆବଶ୍ୟକ ପେଟପୁରା ଖାଦ୍ୟ ଖାଇବା ଉଚିତ୍ ।

ଏପରିକି ଜଳଖିଆ ନଖାଇଲେ ମଧୁମେହ ରୋଗ ହେବାର ଆଶଙ୍କା ୫୪% ଅଧିକ ବଢ଼େ ବୋଲି ଜଣାପଡ଼ିଛି ।

ଜଳଖିଆ କରୁନଥିବା ଲୋକମାନେ ଦିନମାନ ପ୍ରତ୍ୟେକ କାମ କଲେ କ୍ଲାନ୍ତ ଲାଗିଥାଏ ।

# କମ୍ ବୟସରେ କେଶ ପାଚିବା ସମସ୍ୟା ଓ ଘରୋଇ ଉପଚାର



କେଶର ରଙ୍ଗ କଳା ବା ସ୍ୱାଭାବିକ ରଖୁଥିବା ମେଲାନିନ ନାମକ ଏକ ଉପାଦାନ କମିଗଲେ, କେଶ ପାଚେ । ସାଧାରଣତଃ କୋଡ଼ିଏ ବର୍ଷ ପରେ ମେଲାନିନ କମିବା ଆରମ୍ଭ ହୁଏ । ଏଥିପ୍ରତି ସାବଧାନତା ଜରୁରୀ । ଏହି ବୟସରେ କେଶ ପାଚିଲେ ରାସାୟନିକ କେଶ ରଙ୍ଗ ବ୍ୟବହାର କରନ୍ତୁ ନାହିଁ । ଏହା ଦ୍ୱାରା କଳା କେଶ ଖୁବ ଶୀଘ୍ର ପ୍ରଭାବିତ ହୁଏ । କମ ଦିନ ମଧ୍ୟରେ ସବୁ କେଶ ପାଚିଯାଏ । ପାର୍ଶ୍ୱ ପ୍ରତିକ୍ରିୟା ଘଟି କେଶ ମୂଳରେ ଘା' ହୋଇପାରେ । ତିନି ଚାମଚ ଲେମ୍ବୁ ରସରେ ନଡ଼ିଆ ତେଲ ଫେଣ୍ଟି କେଶରେ ଲଗାନ୍ତୁ ଓ ମଥାରେ ଘଷନ୍ତୁ । ଘଣ୍ଟାଏ ପରେ ଅଁଳା, ରିଠା ରସଯୁକ୍ତ ସାମ୍ପୁରେ






ଧୁଅନ୍ତୁ । ଏହା ଦ୍ୱାରା କେଶକୁ ଏଣ୍ଟିଅକ୍ସିଡାଣ୍ଟ ମିଳେ ଓ ପାଚିବା ବନ୍ଦ ହୁଏ । ସଂକ୍ରମଣ କିମ୍ବା ପାର୍ଶ୍ୱ ପ୍ରତିକ୍ରିୟା ଭୟ ରହେ ନାହିଁ ସପ୍ତାହରେ ଦୁଇ ଥର ଏହି ଉପଚାର କରନ୍ତୁ ।

ନଡ଼ିଆ କିମ୍ବା ସୋରିଷ ତେଲରେ କିଛି ମେହେନ୍ଦି ପତ୍ର ଫୁଟାଇ, କେଶରେ ଲଗାଇବା ଦ୍ୱାରା କମ ବୟସରେ କେଶ ପାଳିବା ସମସ୍ୟା ଦୂର ହୁଏ । ଅଁଳାର ଭିଟାମିନ ସି ଏବଂ ଏଣ୍ଟିଅକ୍ସିଡାଣ୍ଟ ଉପାଦାନ ପକ୍ୱ କେଶ ପ୍ରତିରୋଧୀ । ଶୁଖିଲା ଅଁଳାକୁ ନଡ଼ିଆ ତେଲରେ ଫୁଟାଇ, ଥଣ୍ଡା ହେବା ପରେ କେଶରେ ଲଗାନ୍ତୁ ସପ୍ତାହରେଦୁଇଥର ଏପରି କରିବା ଦ୍ୱାରା କେଶ ପାଚିବା ବନ୍ଦ ହୁଏ ।

# ପୁନର୍ଜନ୍ମ ପାଉଥିବା ଜୀବ

ଏହି ଜୀବଟି ମରିଗଲେ ବି ପୁଣି ଜୀବନ ଫେରିଯାଇପାରେ ଏବଂ ଜଳ ସହିତ ସ୍ଥଳ ଭାଗରେ ମଧ ବାସ କରିପାରେ ମେକ୍ସିକୋ ହ୍ରାଦରେ ଦେଖାଯାଉଥିବା ଏହି ମେକସିକାନ୍ ଏକ୍ସୋଲେଟଲ ବୈଜ୍ଞାନିକମାନଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି । ଝିଟିପିଟି ଏବଂ ମାଛ ଉଭୟ ଆକୃତି ସହ ସାମଞ୍ଜସ୍ୟ ରଖୁଥିବା ଏହି ଜୀବନର ଅଙ୍ଗ କଟିଗଲେ କିମ୍ବା ଛିଡ଼ିଗଲେ ସେଠାରେ ପୁଣି ଆପେ ସୃଷ୍ଟି ହୋଇଯାଏ । ଏପରିକି କୌରସି ଅଙ୍ଗ ଗୁରୁତର ଭାବେ କଟିଯାଇଥିଲେ ମଧ ହାଡ, ମାଂସ ଏବଂ ଶିରା ସହିତ ଏହା ସେହି ସ୍ଥାନରେ ସପ୍ତାହେ ମଧରେ ସୃଷ୍ଟି ହୋଇ ଜୀବଟି ହୃଷ୍ଟପୁଷ୍ଟ ହୋଇଯାଇଥାଏ । କ୍ଷତର ଚିହ୍ନିବର୍ଣ୍ଣ ରହେନାହିଁ । ହାଡରେ ଆଘାତ ଲାଗିଥିଲେ ବି ଏହା ଭାଙ୍ଗି ନଥାଏ ତେବେ ଏକ୍ସୋଲେଟଲ ସାଧାରଣ ଭାବେ ଚଲାବୁଲା କରିପାରେ । ପ୍ରାୟ ୧୫୦ବର୍ଷ ହେବ ବୈଜ୍ଞାନିକମାନେ ଏହି ଜୀବର ଅସାଧାରଣ ଜୈବିକ କ୍ରିୟା ସମ୍ପର୍କରେ ଜାଣିବା ଲାଗି ଗବେଷଣା ଜାରି ରଖିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ଏହି ଛୋଟ ଜୀବର ଜିନୋ ମଣିଷଠାରୁ ମଧ ବଡ଼ । ଏହା ଶରୀରରେ ୩୨ହଜାର ମିଲିଅନ୍ ଡିଏନଏ ରହିଛି ଯାହା ମଣିଷ ତୁଳନାରେ ଦଶଗୁଣ ଅଧିକ । ଏକ୍ସୋଲେଟଲର ସ୍ଥିତି ବିପଦପୂର୍ଣ୍ଣ ରହିଛି । ତେବେ ଏହି ଜୀବର ପ୍ରଜନନ ପ୍ରକ୍ରିୟା ଖୁବ ସହଜ ଥିବାରୁ ବୈଜ୍ଞାନିକମାନେ ଏମାନଙ୍କ ସଂଖ୍ୟା ବୃଦ୍ଧି ଦିଗରେ ଲାଗିଛନ୍ତି ।

# ଓଜନ କମ କରିବାର ଉପାୟ



ପ୍ରତି ୧୦ଜଣରେ ୫ଜଣ ଓଜନ ବଢ଼ିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେତେଜଣଙ୍କ ଅଭିଯୋଗ ଯେ ସେମାନେ ଆବଶ୍ୟକତାଠାରୁ କମ ଭୋଜନ କରିବା ସତ୍ତ୍ୱେ ଓ ପ୍ରତ୍ୟହ ବ୍ୟାୟାମ କରିବା ପରେ ମଧ ଓଜନ କମ ହେଉନାହିଁ । ଏ ବାବଦରେ ବିଶେଷଜ୍ଞଙ୍କ ମତ ଯେ କେତୋଟି ନିୟମ ମାନି ଚଳିଲେ ଓଜନ ଆଦୌ ବଢ଼ିନଥାଏ । ବ୍ୟସ୍ତତାଭରା ଜୀବନ ଶୈଳୀରୁ ଅଳ୍ପ ସମୟ ବାହାର କରି ଦୈନିକ ସକାଳେ ଜଳଖିଆ କରିବା ପୂର୍ବରୁ ଡାଲଚିନି ଚା ପିଇବାର ଅଭ୍ୟାସ କରନ୍ତୁ । ଆଣ୍ଟି ଅକ୍ସିଡାଣ୍ଟ ଭରପୂର ଡାଲଚିନି ଶରୀରର ରୋଗପ୍ରତିରୋଧକ ଶକ୍ତି ପଢ଼ାଇବା ସହ ଓଜନକୁ ମଧ ନିୟନ୍ତ୍ରଣରେ ରଖେ । ରାତିରେ ଶୋଇବା ପୂର୍ବରୁ ୧କପ୍ ପାଣିରେ ଫାଳେ ଡାଲଚିନି ଖଣ୍ଡ ପକାଇ ଦିଅନ୍ତୁ । ସକାଳୁ ସେହି ପାଣିକୁ ଅଧ କପ୍ ହେଲା ପର୍ଯ୍ୟନ୍ତ ଫୁଟାଇ ପିଅନ୍ତୁ । ୧ମାସ ଏହି ଡାଲଚିନି ଚା' ପିଇଲେ ଫରକ ଜାଣିପାରିବେ । ଆମ ଭାରତୀୟ ବ୍ୟଞ୍ଜନରେ ଛୁଙ୍କର ପ୍ରାଧାନ୍ୟ ରହିଛି । କେତେ ପ୍ରକାର ବ୍ୟଞ୍ଜନରେ ମେଥି ଛୁଙ୍କ ବିଶେଷ ଭାବେ କରାଯାଇଥାଏ । ସ୍ୱାସ୍ଥ୍ୟ ପାଇଁ ହିତକାରୀ ମେଥି ନିୟମିତ ଭାବେ ବିଭିନ୍ନ ବ୍ୟଞ୍ଜନରେ ଛୁଙ୍କ କରି ଖାଇବା ସହ ମେଥି ପାଣି ପିଇଲେ ଓଜନ କମ ହେଉଥିବାର ପରୀକ୍ଷାରୁ ପ୍ରକାଶିତ ।

# ଆମ୍ବ ଖଜୁରି ଚଟଣି

**ପ୍ରଣାଳୀ:-** ଆମ୍ବକୁ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡ କରି କାଟନ୍ତୁ । ସକାଳେ ଆମ୍ବକୁ ଗରମ ପାଣିରେ ୨ମିନିଟ୍ ଫୁଟାଇ ଛାଣି ନିଅନ୍ତୁ ଏବଂ ଆମ୍ବ ଖଣ୍ଡଦିନସାରା ଖରାରେ ଶୁଖାଇ ନିଅନ୍ତୁ । ସଞ୍ଜରେ ଖଜୁରୀ ଓ କିସମିସକୁ ବାଟି ରଖନ୍ତୁ । ଅଦା ରସୁଣକୁ ବାଟି ରଖନ୍ତୁ । କଡ଼େଇରେ ଆମ୍ବ ନିଅନ୍ତୁ, ସେଥିରେ ଚିନି, ଅଦା, ରସୁଣବଟା ପକାଇ କିଛି ସମୟ ଏପଟ ସେପଟ କରନ୍ତୁ । ଆମ୍ବ ସିଝିଗଲେ ସେଥିରେ କିସମିସ୍ ଖଜୁରୀ ବଟା ଓ ଭିନେଗାର ଦିଅନ୍ତୁ । ଲଙ୍କାଗୁଣ୍ଡ ଦିଅନ୍ତୁ, ଏହାକୁ ଘାଣ୍ଟୁଥିବେ ଯେପରି ତଳେ ଲାଗିନଥାଏ । କମ ଆଞ୍ଚରେ କଲେ ଏହା ଦେଖିବାକୁ ଲାଲ ହେବ । ପାଣି ମରି ଚଟଣି ପରି ହେଲେ ଓହ୍ଲାଇଦେବେ । ଥଣ୍ଡା ହେଲେ ଜାର୍‌ରେ ରଖିବେ । ଏହା ଅତିକମରେ ୨ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରହିବ ।



# ସୌନ୍ଦର୍ଯ୍ୟର ଗନ୍ତାଘର: କାନାତାଲ୍

ଉତ୍ତରାଖଣ୍ଡରେ ଗ୍ରୀଷ୍ମରେ ଦେଶବିଦେଶରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ । ଗରମର ପ୍ରକୋପରୁ ବର୍ତ୍ତିବା ନିମନ୍ତେ ଲୋକେ ଏଠାରେ ଥିବା ସୁନ୍ଦର ହିଲଷ୍ଟେସନଗୁଡ଼ିକୁ ଛୁଟିଥାନ୍ତି । ସେଠାକା ଟିହରି-ଗଡ଼ୱାଲ ଜିଲାସ୍ଥ ଚମ୍ବା - ମସୁରୀ ହାଇୱେ ପାଖରେ କାନାତାଲ ଗ୍ରାମ ରହିଛି ମସୁରୀ ଯାତ୍ରା କରୁଥିବା ସଂଖ୍ୟାଧିକ ପର୍ଯ୍ୟଟକ ଏଇ ଗ୍ରାମରେ ଗୋଟିଏ ଦିନର ରହଣି କରି ଯାତ୍ରା କରନ୍ତି । କାନାତାଲ୍‌ରେ ବିଭିନ୍ନ ଦଶନୀୟ ପର୍ଯଟକମାନେ ନେଇଥାନ୍ତି । ତନ୍ମଧ୍ୟରୁ ପ୍ରମୁଖ ଆକର୍ଷଣ ହେଉଛି ସ୍ଥାନୀୟ ଘାଟି । ରୋମାଞ୍ଚକର ଏଇ ଘାଟିରେ ଯିବା ପୂର୍ବରୁ ପ୍ରଥମେ ପର୍ଯ୍ୟଟକଙ୍କୁ ସତର୍କ କରାଯାଏ । ସେମାନେ ଦୃଢ଼ମନା ଓ ସୁସ୍ଥ ହୋଇଥିବା ଦରକାର । ଭର୍ଟିଗୋ ରୋଗୀ ହୃଦରୋଗୀଙ୍କୁ ଏଇ ଘାଟି ଦେଇ ଯିବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଇଚ୍ଛୁକ ଲୋକଙ୍କର ଅଣ୍ଟାରେ ମୋଟା ଦଉଡ଼ି ବନ୍ଧାଯାଏ, ୮୦ଫୁଟ ଗଭୀର ଘାଟି ଉପରେ ଦେଇ ଚାଲିକରି ଯିବାକୁ ପଡ଼େ । ଘାଟି ଉପରେ ଦେଇ ଯିବାବେଳେ ଚତୁର୍ଦ୍ଦିଗର ସୌନ୍ଦର୍ଯ୍ୟକୁ





ଲୋକେ ଭଲ ଭାବେ ଅନୁଭବ କରନ୍ତି । ସ୍ଥାନୀୟ କୋଡ଼ିଆ ଜଙ୍ଗଲରେ କ୍ୟାମ୍ପିଂ କରି ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭବ ଦିଆଯାଏ । ଜଙ୍ଗଲରେ କ୍ୟାମ୍ପିଂ ସମୟରେ ହରିଣ ବଣୁଆ ଘୁଷୁରୀ ଆଦି ପ୍ରାଣୀ ସହଜରେ ଦେଖିବାକୁ ମିଳନ୍ତି । ଏଇ କାନାତାଲ ଗ୍ରାମକୁ ଯାତାୟତ ପାଇଁ ମଧ କୌଣସି ଅସୁବିଧା ନାହିଁ । ମସୁରୀ - ଚମ୍ବା ସଡ଼କପଥ ଦେଇ ସେଠାକୁ ଯାଇହେବ, ନଚେତ ଡେରାଡୁନ ଓ ଋଷିକେଶ ଏହାର ନିକଟତମ ରେଳଷ୍ଟେସନ ଅଟନ୍ତି । ଗ୍ରୀଷ୍ମଦିନେ ଏଇ ଅଞ୍ଚଳହେର ତାପମାତ୍ରା ଅତିବେଶୀରେ ୧୦-୨୦ ଡିଗ୍ରୀ ରହିଥାଏ ।



# ଶିକ୍ଷାବର୍ଷର ୯ମାସ ବିତିଲା : କେତେ ପିଲା ହାଇସ୍କୁଲରେ ପାଠ ପଢୁଛନ୍ତି ବିଭାଗ ନିକଟରେ ତଥ୍ୟ ନାହିଁ

## ଜିଲା ଶିକ୍ଷା ଅଧିକାରୀ ଛୁଟିରେ, ଅନ୍‌ଲାଇନ କ୍ଲାସ ବ୍ୟବସ୍ଥା ପ୍ରହସନ ପାଲଟିଛି

ନବରଙ୍ଗପୁର, ୧୧ ଡ଼ିସେମ୍ବର (ହି.ସ.)- ରାଜ୍ୟ ସରକାର ଶିକ୍ଷାକୁ ପ୍ରାଥମିକତା ଦେଉଥିବାବେଳେ ପଛୁଆ ନବରଙ୍ଗପୁର ଜିଲାରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସରକାର ଶିକ୍ଷାର ବିକାଶ ପାଇଁ ବହୁ ପଦକ୍ଷେପ ନେଉଥିଲେ ହେଁ ନବରଙ୍ଗପୁର ଜିଲାରେ ଏହାର ସଠିକ୍ କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ରାଜ୍ୟ ସରକାରଙ୍କ ଅଧିନରେ ଜିଲାରେ ୧୯୫ ଟି ସରକାରୀ ହାଇସ୍କୁଲ, ଅପଗ୍ରେଡେଡ ହାଇସ୍କୁଲ, ବ୍ଲକଗ୍ରାଂଟ ହାଇସ୍କୁଲ ଓ ଏସଏସଡି ହାଇସ୍କୁଲ ରହିଛି । ଏହା ସହିତ ପ୍ରାୟ ୨୦ରୁ ଅଧିକ ଘରୋଇ ହାଇସ୍କୁଲ ରହିଛି । ସରକାର ଅଧିନରେ ଥିବା ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀ ପିଲା ପାଠ ପଢୁଥିବାବେଳେ ଏହି ହାଇସ୍କୁଲ ଗୁଡିକରେ ବର୍ତମାନ ସୁଦ୍ଧା କେତେ ପିଲା ରହିଛନ୍ତି ତାହାର ହିସାବ ଜିଲା ଶିକ୍ଷା କାର୍ଯ୍ୟାଳୟ ପାଖରେ ନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଗତ ଏପ୍ରିଲ ମାସରୁ ନବମ ଶ୍ରେଣୀର ପିଲାଙ୍କର (ଏନରୋଲ) ଜଏନିଂ ଚାଲିଥିବାବେଳେ ବର୍ତମାନ ଯାଏଁ ପିଲା ହାଇସ୍କୁଲରେ ଜଏନ କରୁଥିବା ଏହି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଫଳରେ ଏଠାରେ ପିଲାର ତଥ୍ୟନଥିବା ଜଣାପଡିଛି । ହାଇସ୍କୁଲ ଗୁଡିକର ପ୍ରଧାନଶିକ୍ଷକ ମାନେ ନିୟମିତ ଭାବେ ପିଲା ଜଏନିଂ ରିପୋର୍ଟ ଦେଉନଥିବାବେଳେ ଧରାଛୁଆଁ ଦେଉ ନଥିବା କୁହାଯାଉଛି । ତେବେ କରୋନା କାରଣରୁ ପିଲା ନବମ ଶ୍ରେଣୀରେ ଜଏନିଂ ରେ ବିଳମ୍ବ କରୁଥିବା ବିଭାଗ ପକ୍ଷରୁ ସଫେଇ ଦେଉଥିବାବେଳେ ଏହାର କାରଣ ସ୍ପଷ୍ଟ ଜଣା ପଡିନି । ଇତିମଧ୍ୟରେ ନୂତନ ଶିକ୍ଷା ବର୍ଷ ଆରମ୍ଭର ୯ ମାସ ବିତି ଯାଇଥିଲେହେଁ କେତେ ପିଲା ହାଇସ୍କୁଲରେ ପାଠ ପଢୁଛନ୍ତି ତାହାର କୌଣସି ତଥ୍ୟ ନଥିବା ବିଭାଗର ଅପାରଗତାକୁ ପଦାରେ ପକାଇଥିବା କୁହାଯାଉଛି । ଆଉ କିଛି ମାସ ପରେ ବାର୍ଷିକ ପରୀକ୍ଷା ହେବାର ସମ୍ଭାବନା ରହିଛି । ତଥାପି ପିଲାଙ୍କର ହିସାବ ନାହିଁ ବିଭାଗ ପାଖରେ । ରାଜ୍ୟ ସରକାର କରୋନାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିବାବେଳେ ଏହା ପାଳନ କରାଯାଉନଥିବାବେଳେ ଜିଲାରେ ପ୍ରହସନ ପାଲଟିଥିବା ଜଣାପଡିଛି । ନବରଙ୍ଗପୁର ଜିଲାରେ ମାତ୍ର ୩୦ ପ୍ରତିଶତରୁ କମ୍ ପିଲା ଏଥିରେ ଭାଗ ନେଉଥିବା ଜଣେ ବିଭାଗୀୟ କର୍ମଚାରୀ କହିଛନ୍ତି । ଯାହାକି ଚିନ୍ତାର କାରଣ ହୋଇଛି । ଜିଲା ଶିକ୍ଷା ଅଧିକାରୀଙ୍କର ଅପାରଗତା କାରଣରୁ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ହୋଇଛି । କିଛି ଦିନ ହେଲା ସେ ଛୁଟିରେ ଥିବାବେଳେ ଏବେ ଜିଲା ବିଜ୍ଞାନ ପରିଦର୍ଶକ ଜିଲା ଶିକ୍ଷା ଅଧିକାରୀ ଭାରପ୍ରାପ୍ତ ଦାୟୀତ୍ୱରେ ରହିଛନ୍ତି । ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ଦୁଇଟି ପଦବୀ ଖାଲି ପଡିଛି । ଫଳରେ ଏବେ ଭାରପ୍ରାପ୍ତ ଜିଲା ବିଜ୍ଞାନ ପରିଦର୍ଶକ ( ବିଜ୍ଞାନ ଶିକ୍ଷକ) ଜିଲା ଶିକ୍ଷା ବିଭାଗର ମୁଖ୍ୟ ଦାୟୀତ୍ୱରେ ରହିଛନ୍ତି । ଫଳରେ ଜିଲାର ଶିକ୍ଷା ବିଭାଗ ବାଟବଣା ହୋଇଥିବା ଆଲୋଚନା ହୋଇଛି । ଗତ ଜିଲା ପରିଷଦ ବୈଠକରେ ଜିଲା ଶିକ୍ଷାବିଭାଗର କାର୍ଯ୍ୟନେଇ ବିଧାୟକ ଓ ଲୋକପ୍ରତିନିଧିମାନେ ବର୍ଷିଥିଲେ ହେଁ କୌଣସି ପରିବର୍ତନ ପରିଲକ୍ଷିତ ହୋଇପାରିନି । ଜିଲା ଶିକ୍ଷା ଅଧିକାରୀଙ୍କର ପ୍ରଶାସନିକ ଦକ୍ଷତା ଅଭାବରୁ ଏଭଳି ଚରମ ଅବହେଳା ଦେଖାଦେଇଥିବା ଲୋକପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି । ତେବେ ରାଜ୍ୟ ଶିକ୍ଷାବିଭାଗ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନନେଲେ ଆଦିବାସୀ ଅଧ୍ୟୁସିତ ଓ ପଛୁଆ ଏହି ଜିଲା କ୍ଷେତ୍ରରେ ଆହୁରି ଅଧିକ ପଛକୁ ଚାଲିଯିବ, ଏଥିରେ ସନ୍ଦେହ ନାହିଁ । ଜିଲାରେ କେତେ ହାଇସ୍କୁଲ ପିଲା ପାଠ ପଢୁଥିବା ସମ୍ପର୍କରେ ଭାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ତାଙ୍କର ପାଖରେ ତଥ୍ୟନଥିବା କହିବା ସହ କରୋନା କାରଣରୁ ବର୍ତମାନ ଯାଏଁ ନବମ ଶ୍ରେଣୀରେ ଜଏନିଂ ଚାଲୁଥିବାବେଳେ କୌଣସି ହାଇସ୍କୁଲରୁ ମଧ୍ୟ ରିପୋର୍ଟ ଆସିନଥିବା କହିଥିଲେ । ଅପରପକ୍ଷରେ ଜିଲାପାଳ ଡଃ. ଅଜିତ କୁମାର ମିଶ୍ରଙ୍କୁ ପଚାରିବାକୁ ସେ ଜିଲା ଶିକ୍ଷାବିଭାଗର ଅବ୍ୟବସ୍ଥାକୁ ପରୋକ୍ଷରେ ସ୍ୱୀକାର କରିବା ସହ ଜିଲା ଶିକ୍ଷା ଅଧିକାରୀ ଛୁଟିରୁ ଫେରିବା ପରେ ପଦକ୍ଷେପ ନେବେ ବୋଲି କହିଥିଲେ ।

# ଓଁ ଶ୍ରୀ ଶ୍ରୀ ସପ୍ନେଶ୍ୱରୀ ସନ୍ତୋଷୀ ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାଂସଦ ଓ ବିଧାୟକଙ୍କ ଯୋଗଦାନ

ଭଦ୍ରକ,୧୧।୧୨ (ନି.ପ୍ର): ଆଜି ଓଁ ଶ୍ରୀ ଶ୍ରୀ ମା' ସପ୍ନେଶ୍ୱରୀ ସନ୍ତୋଷୀ ଦେବୀ ମନ୍ଦିର ପ୍ରତିଷ୍ଠା ଅବସରରେ ମହିଳାଙ୍କ ୧୦୮ କଳସ ଶୋଭାଯାତ୍ରା ଓ ନଗର ସଂକୀର୍ତ୍ତନ ପରେ ମଣ୍ଡଳ ପୂଜା, ଗୀତାଯଜ୍ଞ, ନାମଯଜ୍ଞ ଓ ଯଜ୍ଞର ଆହୂତି ପ୍ରଦାନ ପରେ ମା'ଙ୍କ ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ପୂର୍ବର ସମସ୍ତ ରୀତିନୀତି ପୁରୀ ଶ୍ରୀମନ୍ଦିରର ସେବାୟତ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଓ ତାଙ୍କ ସହଯୋଗୀ ପଣ୍ଡିତ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି । ଏଥି ଉପଲକ୍ଷେ ଆଜି ଦେବୀଙ୍କୁ ପ୍ରତିଷ୍ଠା ପୂର୍ବର ସମସ୍ତ ପ୍ରଥା ଅନୁସାରେ ଷୋଡଶ ଉପଚାର ମଧ୍ୟରେ ଚୁଆ ଚନ୍ଦନ ଓ ଧୂପ-ଦୀପ ସହ କପାଳୀ ନଦୀର ପବିତ୍ର ୧୦୮ କଳସ ଜଳ ଓ ଗୋ ଦୁଗ୍ଧରେ ସ୍ନାନ କରାଯାଇ ଯଜ୍ଞସ୍ଥଳ ମଣ୍ଡପକୁ ଅଣାଯାଇଛି । ଏହି କାର୍ଯ୍ୟକ୍ରମ କୃଷ୍ଣଚନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଂପନ୍ନ ହୋଇଥିବାବେଳେ ପୀତାମ୍ବର ପରିଡା ଓ ବାସନ୍ତୀଲତା ପରିଡା ମୁଖ୍ୟ ପୁରୋଧାର କାର୍ଯ୍ୟ ତୁଲାଇଥିଲେ । ଏହି ଉତ୍ସବ ଉପଲକ୍ଷେ ସନ୍ଧ୍ୟାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ସମାଜସେବୀ ଅଭିରାମ ସାହୁ ସଂଯୋଜନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାଂସଦ ମଂଜୁଲତା ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମଳୟ ଜେନା, ବର୍ତ୍ତମାନ ପଂଚାୟତ ସମିତି ଉପାଧ୍ୟକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସରପଞ୍ଚ ମିନାକ୍ଷୀ ପରିଡା, ସାମ୍ବାଦିକ ପ୍ରମୋଦ ରାୟ ଓ ରବିନାରାୟଣ ଖିଲାର, ଶିକ୍ଷାବିତ୍ ପୁରୁଷୋତ୍ତମ ସାହୁ, ସମାଜସେବୀ ନିତ୍ୟାନନ୍ଦ ବେହେରା, ତୁଷାରକାନ୍ତି ପରିଡା, ଶିକ୍ଷାବିତ୍ ବାବୁଲା ରାଉତ, ଗୌରୀଗୋପାଳ ଜେନା, କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମଚରଣ ପରିଡା, ରମାକାନ୍ତ ରାୟ, ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ମା' ସନ୍ତୋଷୀ ଦେବୀଙ୍କର ଏକ ପୁସ୍ତକ ଉନ୍ମୋଚନ ହୋଇଥିବାବେଳେ ସ୍ଥାନୀୟ ଅଂଚଳର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ସାମ୍ବାଦିକ ପ୍ରମୋଦ ରାୟ, ପଂଚାୟତ ସମିତି ଉପାଧ୍ୟକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସରପଞ୍ଚ ମିନାକ୍ଷୀ ପରିଡା, ଗ୍ରାମାଞ୍ଚଳ ଥାନାଧିକାରୀ ଆଲୋକ ଜେନା, ଯୁବ ସମାଜସେବୀ ସନ୍ତୋଷ ଦାସ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସ୍ଥାନୀୟ ଅଂଚଳର ନିର୍ବାଚିତ ପ୍ରତିନିଧି ଓ ଅଂଚଳବାସୀଙ୍କ ପକ୍ଷରୁ ସାଂସଦ ଓ ବିଧାୟକଙ୍କୁ ଏହି କ୍ଷେତ୍ରବାସିନୀ ପୀଠକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବାବେଳେ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପଦଶଙ୍କୁଳ ଅବସ୍ଥାରେ ପୋଲ : ନୂତନ ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ଜୟପୁର, ୧୧ ଡ଼ିସେମ୍ବର (ହି.ସ.)- କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲି ପଚାଂୟତର ଗ୍ରାମବାସୀ ମାନେ ଆଜି ଉପର କୋଲାବ ପ୍ରୋଜେକ୍ଟର ଚିଫ୍ କନଷ୍ଟ୍ରକସନ ଇଞ୍ଜିନିୟରଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି । ସମାଜସେବି ବି. ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ବ୍ଲକ ରଣ୍ଡାପାଲ୍ଲି ପଚାଂୟତ ଅନ୍ତର୍ଗତ ମୁଳାସୁର ନିକଟରେ ଥିବା ମେନ କେନାଲ ଉପରେ ୩୦ ବର୍ଷ ତଳେ ଏକ ପୋଲ ନିର୍ମାଣ କରାଯାଇଥିଲା । ସେହି ପୋଲ ଉପରେ କେବିଡି, ଦୋରାଗୁଡା, ଜଗନ୍ନାଥପୁର ପୁସପରି, ମାଣ୍ଡିକୋଟା, ବାଲାପୁଟ, ମୁଳାସର, କନ୍ଦଗୁଡା, ବୈରାଗି ମଠ, ରଣ୍ଡାପାଲ୍ଲି ଗ୍ରାମର ଗ୍ରାମବାସୀ ନିର୍ଭର କରନ୍ତି । ଏହି ପୋଲ ଉପରେ ମୋଟର ସାଇକେଲ, ଅଟୋ ଯିବା ଆସିବା କରେ । କିନ୍ତୁ ୭ରୁ ୮ ମାସ ହେବା ପୋଲର ୨ ପାର୍ଶ୍ୱରେ ପାର୍ଶ୍ୱ କାନ୍ଥ ଭାଙ୍ଗି ଯିବା ସହ ପୋଲର ତଳ ଅଂଶ ମଧ୍ୟ ଭାଙ୍ଗି ଲାଣି । ଯାହା ଫଳରେ ପୋଲଟି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ହୋଇପଡିଲାଣି । ମୋଟର ସାଇକେଲ, ଗାଈ ଗୋରୁ ମଧ୍ୟ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏହା ଛଡା ଯାନବାହାନ ଯିବା ଆସିବା ସମୟରେ ପୋଲ ଥରୁଛି । ପୁରୁଣା ପୋଲ ବଦଳରେ ନୂଆ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବୀ କରଛନ୍ତି । ଏହି ପୋଲ ନିର୍ମାଣ ହେଲେ ୭ ଖଣ୍ଡ ଗ୍ରାମବାସୀ ଉପକୃତ ହେବେ ବୋଲି ଅନୁରୋଧ କରାଯାଇଛି ।

# ତିନି ଦିନ ହେଲା ଘରେ ପଡିଛି ମାଆର ଶବ

## ଚିଟଫଣ୍ଡ ମାମଲାରେ ଗିରଫ ପ୍ରଦୀପ ଜେଲ୍‌ରୁ ମୁକୁଳିବା ନେଇ ଅନିଶ୍ଚିତତା

ଗଞ୍ଜାମ, ୧୧ ଡ଼ିସେମ୍ବର (ହି.ସ.)- ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡ ମାମଲାରେ ତିନି ମାସ ପୂର୍ବେ ଜେଲ୍ ଯାଇଥିବା ପ୍ରଦୀପ ସିଂହଙ୍କ ପାଇଁ ପୁଣି ଏକ ସମସ୍ୟା । ତାଙ୍କ ମା ସୀତାଦେବୀ (୬୫) ତିନି ଦିନ ତଳେ ପ୍ରାଣ ହରାଇଥିବା ବେଳେ ମୁଖାଗ୍ନି କିଏ ଦେବ ସେନେଇ ଚିନ୍ତାରେ ପଡିଛନ୍ତି ପରିବାର ଲୋକେ । ପ୍ରଦୀପ କେବେ ଜେଲ୍ ରୁ ବାହାରିବେ ଓ ମାଙ୍କ ଶେଷ କୃତ୍ୟ ସମ୍ପନ୍ନ ହେବ ତାକୁ ଚିନ୍ତାରେ ଅଛନ୍ତି ପରିବାର ଲୋକେ । ସୀତାଦେବୀଙ୍କ ମୃତଦେହ ତାଙ୍କ ଅଯୋଧ୍ୟାନଗର ସ୍ଥିତ ବାସଭବନରେ ଆଇସି ଚ୍ୟାମ୍ବରରେ ରଖାଯାଇଛି । ମାଙ୍କ ମୁଖାଗ୍ନି ଦେବା ପାଇଁ ବ୍ରହ୍ମପୁର ଚିଟଫଣ୍ଡ କୋର୍ଟରେ ପ୍ରଦୀପଙ୍କ ଓକିଲ୍ ଜାମିନ୍ ଆବେଦନ କରିଥିଲେ । ଏଠାରୁ ମାମଲା ହାଇକୋର୍ଟ ସ୍ଥାନାନ୍ତର ହୋଇଥିବାରୁ ତଳକୋର୍ଟ ଜାମିନ୍ ଆବେଦନକୁ ବୁଧବାର ଖାରଜ କରିଛନ୍ତି । ପ୍ରଦୀପଙ୍କ ପକ୍ଷରୁ ପୁଣି ହାଇକୋର୍ଟରେ ଜାମିନ୍ ଆବେଦନ ହୋଇଥିଲା । ଗତକାଲି ହାଇକୋର୍ଟ ତାଙ୍କୁ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଅନ୍ତରିଣ ଜାମିନ୍ ମଞ୍ଜୁର କରିଛନ୍ତି । ଏହି ଜାମିନ୍ ବଳରେ ସେ ମାଙ୍କ ଦଶାହ କାର୍ଯ୍ୟ ପର୍ଯ୍ୟନ୍ତ ସାମିଲ୍ ହୋଇପାରିବେ । ତେବେ ପ୍ରଦୀପ କେବେ ଜେଲ୍ ରୁ ମୁକୁଳିବେ ସେନେଇ କୌଣସି ସୂଚନା ମିଳିନାହିଁ । ହାଇକୋର୍ଟରୁ ଜାମିନ୍ ଆଦେଶ ମିଳିବା ପରେ ପ୍ରଦୀପଙ୍କ ପକ୍ଷରୁ ତଳ କୋର୍ଟରେ ଦାଖଲ କରି ପୁଣି ଥରେ ଆବେଦନ କରାଯିବ । ତେବେ ପ୍ରଦୀପ ଜେଲ୍ ରୁ ବାହାରିବାକୁ ଆଉ କେତେ ସମୟ ଲାଗିବ ସେନେଇ ଅନିଶ୍ଚିତତା ଲାଗି ରହିଛି । ଇତିମଧ୍ୟରେ ତାଙ୍କ ମାଙ୍କ ମୃତ୍ୟୁ ଘଟିବାର ତିନି ଦିନ ବିତିଲାଣି । ପ୍ରଦୀପ ଜେଲ୍ ରୁ ବାହାରିବା ପରେ ହିଁ ମାଙ୍କ ଶବ ସତ୍କାର କରାଯିବ । ପ୍ରକାଶ ଥାଉ କି, ସେପ୍ଟେମ୍ବର ମାସରେ ପ୍ରଦୀପଙ୍କୁ ଟାଉନ୍ ଥାନା ପୋଲିସ ଚିଟଫଣ୍ଡ ଠକେଇ ମାମଲାରେ ଗିରଫ କରି କୋର୍ଟଚାଲାଣ କରିଥିଲା ।

# ୧୪ ଧର୍ମଘଟକୁ ସଫଳ କରିବାକୁ ସିପିଆଇର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୧।୧୨ (ନି.ପ୍ର): ଚଳିତ ମାସ ୧୪ ତାରିଖରେ ପୁଣି ଏକ ସର୍ବ ଭାରତୀୟ ଧର୍ମଘଟ ଡାକରା ଦିଆଯାଇ ଥିବା ଅବସର ରେ କୃଷକ ମାନେ ବହୁ ସଂଖ୍ୟାରେ ଏଥିରେ ଯୋଗଦାନ କରିବା ପାଇଁ ଜିଲ୍ଲା ଶାଖା ପକ୍ଷରୁ ନିବେଦନ କରାଯାଇଛି । ଏନେଇ ଆଜି ଏକ ପ୍ରସ୍ତୁତି ବୈଠକ ଗୋପଛକ ସ୍ଥିତ ପାର୍ଟି କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରା ସରକାର ୧୯୫୫ ମସିହାରେ ତିଆରି ହୋଇଥିବା ଆଇନକୁ ପରିବର୍ତନ କରିବା ସହ ୩ଟି ନୂତନ କୃଷି ଆଇନ ଲାଗୁ କରିଛନ୍ତି । ଏହା କୃଷକ ବିରୋଧି ଆଇନ ହୋଇଥିବା ଅଭିଯୋଗ କରି ପ୍ରାୟ ୨ ସପ୍ତାହ ଧରି ଦେଶରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ରହିଛି । ଆସନ୍ତା ୧୪ ତାରିଖରେ ସମଗ୍ର ଦେଶରେ ଏକ ଧର୍ମଘଟ ପାଳନ କରାଯିବା ନିଷ୍ପତି ନିଆଯାଇ ଥିବାରୁ ବହୁ ସଂଖ୍ୟକ ଚାଷୀ ଏଥିରେ ଯୋଗଦେବା ପାଇଁ ନିବେଦନ କରାଯାଇଛି ।

# ୧୨୬ ଜଣଙ୍କ କୋଭିଡ଼ ଟେଷ୍ଟ



ଡେଲାଙ୍ଗ,୧୧।୧୨ (ନି.ପ୍ର): ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ଚାଇଁପୁର ଗ୍ରାମ ପଚାଂୟତ ସଡାଙ୍ଗୋଇ ହାଇ ସ୍କୁଲ ପରିସରରେ ସ୍ଥାନୀୟ ସରପଚଂ ପ୍ରଦ୍ୟୁମ୍ନ ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କୋଭିଡ ଟେଷ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବୃଦ୍ଧ ବୃଦ୍ଧା,ଗର୍ଭବତୀ ମହିଳା ଓ ଛାତ୍ରଛାତ୍ର ପ୍ରାୟତଃ ୧୨୬ ଜଣ ଉପସ୍ଥିତ ରହି ନିଜ ନିଜର କରୋନା ଟେଷ୍ଟିଙ୍ଗ କରାଇ ନେଇଥିଲେ । ଏହି କାଯ୍ୟକ୍ରମଟିକୁ ଜନାଭିମୁଖି କରିବା ପାଇଁ ସରପଚଂ ପ୍ରଦ୍ୟୁମ୍ନ ପରିଡା ଙ୍କ ସହିତ ଏ ଏନ୍ ଏମ୍ ଲକ୍ଷ୍ମୀ ଭୋଇ , ଏଲ୍ ଏଚ୍ ଭି ବିନୋଦିନୀ ଦାସ, ଅଙ୍ଗନାଓାଡି କର୍ମୀ ସୌଭାଗିନୀ ଗିରି ,ସଚଳା ଦାସ,ପ୍ରମିଳା ପରିଡା,ସରସ୍ୱତୀ ଆଚାର୍ଯ୍ୟ,ଶସ୍ମିତା ବରାଳ,ଆଶା କର୍ମୀ କାମିନୀ ନାୟକ,ଟୁକୁନା ପରିଡା,ସଜଂଲତା ପୁରୀ,ସୁକାନ୍ତି ଦାସ, ସ୍ୱେଚ୍ଛାସେବୀ ବିଶ୍ୱରଜଂନ ପରିଡା,ବିକାଶ ବେହେରା, ରମେଶ ପରିଡା,ରଘୁନାଥ ନାୟକ ,ଓାର୍ଡସଭ୍ୟ ରଘୁ ରାଉତ ସହ ମେଡିକାଲ ଷ୍ଟାପ ଏଥିରେ ସାମିଲ ହୋଇଥିଲେ ।

# ଖଣ୍ଡତଡା ଜୋନ୍‌ରେ ସାଲନ୍ଦୀ ବିକାଶ ମଂଚର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ,୧୧।୧୨ (ନି.ପ୍ର): ଆଜି ଭଦ୍ରକ ବ୍ଲକ୍‌ର ଖଣ୍ଡତଡା ପଂଚାୟତ କାର୍ଯ୍ୟାଳୟ ଠାରେ ସାଲନ୍ଦୀ ବିକାଶ ମଂଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣ୍ଡତଡା ପଂଚାୟତରେ ସାଲନ୍ଦୀ ନଦୀର ଅତୀତ ସ୍ଥିତ ଓ ବର୍ତ୍ତମାନର ଅବସ୍ଥା ସଂପର୍କରେ ନିଜ ଅନୁଭବ ଅତ୍ୟନ୍ତ ନିଖୁଣ ଭାବେ ବଖାଣିଥିଲେ । ଏହି ଅବସରରେ ସେ ଏହି ପଂଚାୟତର ୮୦ ଭାଗ ଲୋକ ଚାଷକୁ ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିଥିବାବେଳେ ନଦୀ କୂଳବର୍ତ୍ତୀ ଜମି ଗୁଡିକରେ ପରିବା ଚାଷ କରି ଅନେକ ଲୋକ ଜୀବିକାର୍ଜନ କରୁଥିବାବେଳେ ଏହି ଚିରସ୍ରୋତା ସାଲନ୍ଦୀ ନଦୀ ଏବେ କେଉଁଠି ପୋତି ହୋଇପଡିଲାଣି ତ କେଉଁଠି ନାଳ ସଦୃଶ ହୋଇଥିବାବେଳେ କେନାଲ ଥାଇ ମଧ୍ୟ ସେଥିରେ ପାଣି ନଥିବାରୁ ଲୋକେ ଧୀରେ ଧୀରେ ଚାଷ ଛାଡିଦେଲେଣି ବୋଲି କ୍ଷୋଭର ସହ କହିଥିଲେ । ଏବଂ ଏଥିପାଇଁ ଏହି ମଂଚ ଏକ ଜନ ଆନ୍ଦୋଳନର ରୂପ ନେଉ ବୋଲି ଆହ୍ୱାନ ଦେଇ ଏଥିରେ ସ୍ଥାନୀୟ ପଂଚାୟତର ବହୁ ଲୋକ ସାମିଲ ହେବେ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଂଚର ସଦସ୍ୟା ନିରୁପମା ମହାନ୍ତି ସ୍ୱାଗତ ଭାଷଣ ମାଧ୍ୟମରେ ସାଲନ୍ଦୀ ପ୍ରଦୂଷଣର ମୁଖ୍ୟ କାରଣ ଓ ଏହାର ନିରାକରଣ ସଂପର୍କରେ ଅବଗତ କରାଇଥିଲେ । ଆବାହକ ପ୍ରତାପ ଚନ୍ଦ୍ର ପାଢୀ ସାଲନ୍ଦୀ ବିକାଶ ମଂଚ ଗଠନର ଉଦ୍ଦେଶ୍ୟ ଏବଂ ଏହାର ରୂପରେଖ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସାଲନ୍ଦୀ ନଦୀ ଭଦ୍ରକ ଜିଲାର ଜୀବନରେଖା ହୋଇଥିବାବେଳେ ତାହା ଆଜି କିଭଳି ଅବକ୍ଷୟମୁଖୀ ହୋଇପଡିଛି, ସେ ସଂପର୍କରେ ସୂଚନା ଦେଇଥିଲେ । ଏବଂ ଏହି ପ୍ରଦୂଷଣକୁ ରୋକିବା କ୍ଷେତ୍ରରେ ନଦୀ ସଂସ୍କାର ନିମନ୍ତେ ସରକାରଙ୍କର ବହୁ ଯୋଜନା କିଭଳି ଆଜି ପାଣିର ଗାର ହୋଇଛି, ତାହା ଉପସ୍ଥାପନ କରିଥିଲେ । ସାଲନ୍ଦୀ ନଦୀର ଜଳ ଯେଉଁଭଳି ଭାବେ ପ୍ରଦୂଷଣର କାୟା ବିସ୍ତାର କରୁଛି, ଏହା ଆଗାମୀଦିନ ପାଇଁ ଜନ ଜୀବନ ନିମନ୍ତେ ଏକ ସତର୍କ ଘଣ୍ଟି ହୋଇଥିବାବେଳେ ଅଳ୍ପ କିଛିବର୍ଷ ମଧ୍ୟରେ ଭଦ୍ରକ ଜିଲାବାସୀ ଉକ୍ତ କାରଣରୁ ଜଳସଂକଟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସତର୍କ କରାଇଥିଲେ । କେବଳ ଚାଷ ନୁହେଁ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବନ୍ୟା ଇତ୍ୟାଦି ବିଭିନ୍ନ ସମସ୍ୟା ଏଥିପାଇଁ ଦେଖାଦେବାର ସମ୍ଭାବନା ଥିବାରୁ ଏହି ବାର୍ତ୍ତାକୁ ଜିଲାର ପ୍ରତ୍ୟେକ ପଂଚାୟତରେ ପହଞ୍ଚାଇ ସମସ୍ତଙ୍କ ସହଯୋଗରେ ଏକ ଜନ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ନିକଟରେ ଏହାର ବିକାଶର ସ୍ୱର ପହଞ୍ଚାଇବାର ପ୍ରୟାସ ଆରମ୍ଭ ହୋଇଛି ବୋଲି ଆହ୍ୱାନ ଦେଇଥିଲେ । ମଂଚର ମିଡିଆ ସେଲ୍ ଅଧ୍ୟକ୍ଷ ସାମ୍ବାଦିକ ପ୍ରମୋଦ ରାୟ ଯୋଗଦେଇ ସାଲନ୍ଦୀ ନଦୀର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ଜନ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଇଥିବାବେଳେ ମଂଚର ବରିଷ୍ଠ ସଦସ୍ୟ ସଂଜୀବ ମହାନ୍ତି ଓ ସଦସ୍ୟ ପ୍ରଦୀପ ବେହେରା ସାଲନ୍ଦୀ ନଦୀର ସଂସ୍କାର ଦିଗରେ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବାର ସୂଚନା ଦେଇଥିଲେ । ଏହାପରେ ବୁଦ୍ଧିଜୀବୀ କରୁଣାକର ବାରିକ, ଉମାକାନ୍ତ ରଣା, ମହେନ୍ଦ୍ର ନାୟକ ନିଜର ମୂଲ୍ୟବୋଧ ଭିତ୍ତିକ ବକ୍ତବ୍ୟ ମାଧ୍ୟମରେ ସାଲନ୍ଦୀ ନଦୀର ଅତୀତର ଗୁଣଗାନ କରି ଜନସାଧାରଣଙ୍କର ଅନ୍ନଦାତା ଏହି ନଦୀର ସଂସ୍କାରର ଆବଶ୍ୟକତା ରହିଛି ବୋଲି କହିଥିବାବେଳେ ଏହି ଅଂଚଳର ଆଦର୍ଶ ଚାଷୀ ସୁବାଷ ପରିଡା ନିଜର ଅଭିବ୍ୟକ୍ତିରେ ସ୍ୱଅନୁପ୍ରାଣିତ ହୋଇ ଏହି ମଂଚରେ ବହୁ ସଂଖ୍ୟାରେ ସାମିଲ ହେବାର ଆବଶ୍ୟକତା ରହିଛି ବୋଲି ଭାବବିହ୍ୱଳ କଣ୍ଠରେ ସୂଚନା ଦେଇଥିଲେ । ଏହି ବୈଠକରେ ପଂଚାୟତର ସମସ୍ତ ରାଜସ୍ୱ ଗ୍ରାମରୁ ବୁଦ୍ଧିଜୀବୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯୁବ କୃଷି କର୍ମୀ, ସ୍ୱୟଂ ସହାୟିକା ସଦସ୍ୟା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଛୋଟବଡ ଚାଷୀମାନେ ଯୋଗଦେଇଥିଲେ । ଶେଷରେ ପ୍ରଦୀପ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ : ଜଣେ ଗିରଫ

ଜଗତସିଂହପୁର,୧୧।୧୨ (ନି.ପ୍ର): ଜଗତସିଂହପୁର ପୋଲିସ ଓ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ପକ୍ଷରୁ ଗତକାଲି ରାତିରେ ଜିଲ୍ଲାର ଆଳିପିଙ୍ଗଳ ଅଂଚଳରେ ମିଳିତ ଚଢ଼ଉ କରାଯାଇ ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି । ଘଟଣାରେ ଜଣକୁ ଗିରଫ କରାଯାଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ହେବ । ତେବେ ଏଥିରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ପୋଲିସ ପକ୍ଷରୁ ସେନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ମିଶନଶକ୍ତି ଯୋଜନାରେ ବ୍ୟାଙ୍କରୁ ଋଣ ନେଇ ଆତ୍ମ ନିର୍ଭରଶୀଳ ହେବେ ଏସ ଏସ ଜି ଗ୍ରୁପ

କେନ୍ଦ୍ରାପଡ଼ା,୧୧।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଜୀବିକା ମିଶନ ଶକ୍ତି ପକ୍ଷରୁ ଋଣ ଯୋଜନା ସଂପର୍କରେ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମିଶନ ଶକ୍ତି ନିର୍ଦ୍ଦେଶାଳୟ ର ଉପ ସଚିବ ବିନୋଦ କୁମାର ଜେନା ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଏଲଡିଏମ୍ ମଳୟ କୁମାର ମିତ୍ର, ମିଶନ ଶକ୍ତିର ଡିପିସି କୈଳାସ ସେନାପତି, ସିଡିପିଓ ସୁନିତା ନାୟକ ପ୍ରମୁଖ ଉପସ୍ଥିତ ରହି ଏସ ଏସ ଜି ଗ୍ରୁପ ମାନେ ମିଶନ ଶକ୍ତି ଋଣ ନେଇ କିଭଳି ଉପକୃତ ହୋଇ ପାରିବେ ଓ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇ ପାରିବେ ସେ ସମ୍ବନ୍ଧରେ ଆଲୋଚନା କରାଯାଇ ଥିଲା । ଏହା ସହ କୁକୁଡା, ମାଛ, ଛତୁ, ପନିପରିବା ପ୍ରଭୃତି ଚାଷ କରି ନିଜର ଆର୍ଥିକ ସ୍ୱଚ୍ଛଳତା ହାସଲ କରିପାରିବେ ସେ ସମ୍ବନ୍ଧରେ ଆଲୋଚନା କରାଯାଇ ଥିଲା । ଉପ ସଚିବ ଶ୍ରୀ ଜେନା ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଏହି ଯୋଜନା ଗୁଡିକର ଲକ୍ଷ୍ୟ ପୁରଣ ଦିଗରେ ଉଦ୍ୟମ କରିବେ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ ।

# ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନ : ୬୨ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ

## ୨୯୨.୪ ଲିଟର ମଦ ଜବତ : ୯ ଗିରଫ

ଗଞ୍ଜାମ,୧୧।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଗତ ୧୦ ତାରିଖ ସକାଳ ଠାରୁ ୧୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୬୧ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ମାସ୍କ ବ୍ୟବହାର କରୁନଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ୧୦୦୦ ଟଙ୍କା ଆଦାୟ କରାଯାଇଛି । ଏହିପରି ଜୋରିମାନା ବାବଦକୁ ମୋଟ୍ ୬୨ ହଜାର ୬୦୦ ଟଙ୍କା ଆଦାୟ କରାଯାଇଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୨୯୨.୪ ଲିଟର ମଦ ଜବତ ହୋଇଛି । ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୯ଟି ଅବକାରୀ ମାମଲା ଥାନାରେ ରୁଜୁ କରାଯାଇଛି ।

# ରାୟଗଡ଼ାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୨ ମୃତ



ରାୟଗଡ଼ା ,୧୧।୧୨ (ନି.ପ୍ର) : ରାୟଗଡ଼ା ଜିଲ୍ଲା ଟିକିରି ଥାନା କାଳିଆପଡ଼ା ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା । ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଉଦ୍ଧାର ବେଳେ ଧକ୍କାଦେଲା କାଠ ବୋଝେଇ ଟ୍ରକ । ଫଳରେ ଘଟଣାସ୍ଥଳରେ ୨ ଜଣଙ୍କ ଜୀବନ ଯାଇଛି । ମୃତକଙ୍କ ମଧ୍ୟରେ ଟ୍ରାକ୍ଟର ଡ୍ରାଇଭର ଓ ଜଣେ ଶ୍ରମିକ ରହିଛନ୍ତି । ସେମାନଙ୍କ ପରିଚୟ ମିଳିପାରିନାହିଁ । ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ଟ୍ରାକ୍ଟରଟି କାଳିଆପଡା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଟିକିରି ପୁଲିସ ପହଞ୍ଚି ମୃତକଙ୍କୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇଛି । ତେବେ ଘଟଣାରେ ଅନ୍ୟ ଦୁଇ ଜଣ ଆହତ ହୋଇଥିବା ସୂଚନା ମିଳିଛି ।

# ପୂର୍ବତଟ ରେଳପଥର ପଣ୍ୟ ବୋଝେଇ ୧୩୦.୧୬ ନିୟୁତ ଟନ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ପୂର୍ବତଟ ରେଳପଥ ଡିସେମ୍ବର ପହିଲା ଠାରୁ ୧୦ ତାରିଖ ମଧ୍ୟରେ ୬.୪୪ ନିୟୁତ ଟନ୍ ପଣ୍ୟ ପରିବହନ କରିଛି ଯାହାକି ୨୦୧୯ ର ଅନୁରୂପ ସମୟ ତୁଳନାରେ ୧୨.୫% ଅଧିକ। ୨୦୧୯ ମସିହା ଡିସେମ୍ବର ମାସ ପ୍ରଥମ ୧୦ ଦିନରେ ଏହି ରେଳପଥ ୫.୭୩ ନିୟୁତ ଟନ୍ ମାଲ ପରିବହନ କରିଥିଲା। ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସ ୧୦ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୧୩୦.୧୬ ନିୟୁତ ଟନ ପଣ୍ୟ ପରିବହନ କରିଛି । ଏଥିରେ ୭୨.୯୯ ନିୟୁତ ଟନ କୋଇଲା, ୧୭.୩୬ ନିୟୁତ ଟନ ଲୁହାପଥର, ୧୧.୦୮ ନିୟୁତ ଟନ ଆଇରନ୍ ଏବଂ ଷ୍ଟିଲ୍, ଇସ୍ପାତ ଭିତିକ କଂଚାମାଲ ୪.୮୭ ନିୟୁତ ଟନ, ସାର ୪.୬୩ ନିୟୁତ ଟନ, କଂଟେନର ବୋଝେଇ ୧.୯୮ ନିୟୁତ ଟନ, ଖାଦ୍ୟ ଶସ୍ୟ ୧.୭୬ ନିୟୁତ ଟନ, ପେଟ୍ରୋଲ ଉତ୍ପାଦ ଅନ୍ତର୍ଭୁକ୍ତ ୧.୭୪ ନିୟୁତ ଟନ ଏବଂ ଅନ୍ୟ ଦ୍ରବ୍ୟର ବୋଝେଇ ପରିମାଣ ୧୩.୭୫ ନିୟୁତ ଟନ । ପୂର୍ବ ତଟ ରେଳପଥ ୨୦୧୯ ଡିସେମ୍ବର ମାସ ପ୍ରଥମ ୧୦ ଦିନରେ ଦୈନିକ ପ୍ରାୟ ୧୫୭.୯ ଟି ରେକ ପଣ୍ୟ ବୋଝେଇ କରିଥିବାବେଳେ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ମାସ ପ୍ରଥମ ୧୦ ଦିନରେ ଦୈନିକ ପ୍ରାୟ ୧୭୭ଟି ରେକ ପଣ୍ୟ ବୋଝେଇ କରିଅଛି । ସେହିପରି, ଚଳିତ ଆର୍ଥିକ ବର୍ଷର ଏପ୍ରିଲ ମାସ ପହିଲା ଠାରୁ ଡିସେମ୍ବର ମାସ ୧୦ ତାରିଖ ପର୍ଯ୍ୟନ୍ତ ଦୈନିକ ପ୍ରାୟ ୧୪୨ଟି ରେକ ପଣ୍ୟ ବୋଝେଇ କରିଛି ଏବଂ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ରେକ୍ ପଣ୍ୟ ବୋଝେଇ କରିବାକୁ ଆଶା ରଖିଛି । ଏପ୍ରିଲ ମାସ ପହିଲାରୁ ଡିସେମ୍ବର ମାସ ୧୦ ତାରିଖ ମଧ୍ୟରେ ପୂର୍ବତଟ ରେଳପଥ ତାଳଚେର ଅଂଚଳରୁ ଦୈନିକ ୪୦.୭ଟି ରେକ, ପାରାଦୀପ ଅଂଚଳରୁ ୧୯.୨ଟି ରେକ୍, ଧାମରା ଅଂଚଳରୁ ୧୩.୪ଟି ରେକ୍, ବିଶାଖାପାଟଣା ଅଂଚଳରୁ ୧୩.୯ଟି ରେକ, ଗଙ୍ଗାଭରମ ଅଂଚଳରୁ ୮.୪ଟି ରେକ, କେନ୍ଦୁଝର ନୟାଗଡ଼ ଅଂଚଳରୁ ୬.୩ଟି ରେକ, କୋଟଭଲସା -କୀରାନ୍ଦୁଲ ଲାଇନରୁ ୯.୩ଟି ରେକ, ଷ୍ଟିଲ ପ୍ଲାଂଟ ଅଂଚଳ ଗୁଡ଼ିକରୁ ୧୪.୩ଟି ରେକ, ଆଲୁମିନିୟମ୍ ଉତ୍ପତି ଅଂଚଳରୁ ୬.୭ଟି ରେକ ଏବଂ ରେଳପଥର ପରିସୀମା ମଧ୍ୟରେ ଅନ୍ୟାନ ସ୍ଥାନ ମାନଙ୍କରୁ ଦୈନିକ ପ୍ରାୟ ୯.୮ଟି ରେକ୍ ପଣ୍ୟ ପରିବହନ ପାଇଁ ବ୍ୟବହାର କରିଛି । କୋଭିଡ ଯୋଗୁଁ ପୂର୍ବ ତଟ ରେଳ ଅଧୀନରେ ଥିବା ଶିଳ୍ପ ତଥା ଖଣିଜ ୟୁନିଟ୍ ଗୁଡିକରେ ତାଲା ବନ୍ଦ ଏବଂ କମ୍ କର୍ମଜୀବୀ ସତ୍ତ୍ୱେ ରେଳପଥ ଏହି ସଫଳତା ହାସଲ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ପାଇବା ପାଇଁ, ପୂର୍ବତଟ ରେଳପଥ ଏହାର ମାନବ ଶକ୍ତି ଏବଂ ସରକାରୀ ଏବଂ ଶିଳ୍ପ ପ୍ରତିଷ୍ଠାନ ଗୁଡିକ ସହିତ ସଠିକ୍ ସମନ୍ୱୟ ରକ୍ଷାକରି ଉତମ ଯୋଜନା ମାଧ୍ୟମରେ ରେଳପଥରେ ପରିବହନ ବୃଦ୍ଧି କରାଇବାପାଇଁ ଉଦ୍ୟମ ଜାରିରଖିଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣଙ୍କ ଦକ୍ଷ ନେତୃତ୍ୱ ଏବଂ ମାର୍ଗଦର୍ଶନ ସହିତ କ୍ରମାଗତ ଭାବରେ ପଣ୍ୟ ବୋଝେଇ କାର୍ଯ୍ୟରେ ସମୀକ୍ଷା ଯୋଗୁଁ ରେଳପଥ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି । ଏହା ବ୍ୟତୀତ, ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍ ମାନଙ୍କ ଦ୍ୱାରା ବିଭିନ୍ନ ଶିଳ୍ପ ସଂସ୍ଥା ଗୁଡିକର ପରିବହନକୁ ରେଳ ପରିବହନ ପ୍ରତି ଆକର୍ଷିତ କରିବା ପାଇଁ ଅଭିନବ ନୀତି ପ୍ରସ୍ତୁତ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ ଓ ସମନ୍ୱୟ ମାଧ୍ୟମରେ ସମ୍ପାଦନ କରିବାକୁ ପ୍ରୟାସ ରଖିଛି ଯାହାଦ୍ୱାରା ସଡକ ପଥରେ ପରିବହନ ହେଉଥିବା ଦ୍ରବ୍ୟ ଗୁଡିକୁ ରେଳରେ ପରିବହନ ପାଇଁ ଆକୃଷ୍ଟ କରାଯାଇ ପାରିବ।

## ସାମ୍ବାଦିକଙ୍କୁ ଆରଟିଓଙ୍କ ଦୁର୍ବ୍ୟବହାର : ଥାନାରେ ଉଭୟ ପକ୍ଷରୁ ମାମଲା

ବାରିପଦା (ନି.ପ୍ର.) ତା ୧୧/୧୨ ଗତ ୯ ତାରିଖରେ ଖବର ସଂଗ୍ରହ କରିବାକୁ ଯାଇଥିବା ୩ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରିପଦା ଆରଟିଓ ଗୋପାଳ କୃଷ୍ଣ ଦାସ ଦୁର୍ବ୍ୟବହାର ପ୍ରଦର୍ଶନ ନେଇ ଥାନାରେ ସାମ୍ବାଦିକ ମାନେ ଏତଲା ଦେବାପରେ ଆରଟିଓଙ୍କ ସାମ୍ବାଦିକଙ୍କ ନାମରେ ପାଲଟା ଅଭିଯୋଗ କରିଥିବା ଜଣାଯାଇଛି । ବୈଦ୍ୟୁତିକ ଗଣମାଧ୍ୟମର ୩ଜଣ ପ୍ରତିନିଧି ଆଜି ବାରିପଦା ଆଟିଓ କାର୍ଯ୍ୟାଳୟକୁ ଜନସାଧାରଣଙ୍କ ଅଭିଯୋଗ ପାଇ ଘଟଣା ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିଲେ। କାର୍ଯ୍ୟାଳୟକୁ ପ୍ରବେଶ କଲାରୁ ଆରଟି ଶ୍ରୀ ଦାସ ହଠାତ୍ ଉତକ୍ଷିପ୍ତ ହୋଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗାଳି ଗୁଲଜ କରିବା ସହିତ କ୍ୟାମେରା ଖୋଲିବାକୁ କିଏ ଅନୁମତି ଦେଲା କହି ବିଭିନ୍ନ ଅପମାନଜନକ ମ'ବ୍ୟ ଦେଇଥିବା ସାମ୍ବାଦିକ ସୁବ୍ରତ ପ୍ରଧାନ ଥାନାରେ ଅଭିଯୋଗ କରିଛଁ । ଏନେଇ ଥାନାରେ ୨୯୪ ଦଫାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ବାରିପଦା ଆରଟିଓ ମଧ ସାମ୍ବାଦିକ ସୁବ୍ରତ ପ୍ରଧାନଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛଁ । ଏନେଇ ଟାଉନ୍ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ବାରିପଦା ଆଁଟିଓ କାର୍ଯ୍ୟାଳୟରେ ବିଭିନ୍ନ ବେନିୟମ କାର୍ଯ୍ୟ ଚାଲିଥିବା ଓ ଅଫିସରେ କୋଭିଡ ନିୟମକୁ ଖୋଲାଖୋଲି ଉଜଂଘନ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ତେବେ ଏହି ଘଟଣା ପରେ ଆଜି ବାରିପଦାର କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ଏକ ବୈଠକ ବାରିପଦା ଛଉପଡିଆ ଠାରେ ଅନୁଷ୍ଠିତ ହୋଇ ଜିଲ୍ଲାରେ ବାରମ୍ବାର ସରକାରୀ ଅଧିକାରୀ ମାନେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅସହଯୋଗ କରୁଥିବାର ଅଭିଯୋଗ କରି ଏକ ଦାବୀପତ୍ର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ଘଟଣା ସମ୍ପର୍କରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ମଧ୍ୟ ଜଣାଇଥିବାର ଜଣାଯାଇଛି ।

## ଅନୁସଚୀତ ଜାତି ଓ ଜନଜାତି ବିଭାଗର ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୧ ଡିସେମ୍ବର – ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ, ସିଂଖ୍ୟାଲଘୁ ଓ ପଛୁଆ ଜାତି କଲ୍ୟାଣ ବିଭାଗର ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ୨୦୧୯-୨୦୨୦ କମିଟି ବୈଠକରେ ନିଆଯାଇଥିବା ନିଷ୍ପତିର କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ବେଠକରେ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ପିତମ୍ ପାଢୀ, ଚକ୍ରମଣି କହଁର, ମକରନ୍ଦ ମୁଦୁଲି, ରମେଶ ଚନ୍ଦ୍ର ବେହେରା, ଡଃ. ସି. ଏସ୍. ରାଜନ୍ ଏକ୍କା, ନାଉରି ନାୟକ, ନବ ଚରଣ ମାର୍ଝି,ଅନୁସୂଚୀତ ଜାତିଓ ଜନଜାତି ଉନ୍ନୟନ ସଚିବ ରଞ୍ଜନା ବଚାପ୍ରା, ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ ସୁସ୍ଥଙ୍କ ଠାରୁ ଆକ୍ରାନ୍ତ ଅଧିକ

ଭୁବନେଶ୍ୱର, ୧୧ ଡିସେମ୍ବର – ରାଜଧାନୀ ଭୁବନେଶ୍ୱରରେ ଶୁକ୍ରବାର ଦିନ ଆଉ ୩୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୯ ଜଣ ସଂଗରୋଧ ଓ ୨୩ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୨୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ନବନିଯୁକ୍ତ କୁଳପତିମାନଙ୍କ

ଅନୁପାଳନପୂର୍ବକ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଉତ୍କର୍ଷ ଶିକ୍ଷା କେନ୍ଦ୍ରରେ ପରିଣତ କରିବାକୁ ହେବ। ବିଶ୍ୱବିଦ୍ୟାଳୟ ଓ ଏହାର ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକ ଯେପରି ନାକ୍ ମାନ୍ୟତା ପାଇପାରିବେ ସେ ଦିଗରେ ବିଶ୍ୱବିଦ୍ୟାଳୟମାନଙ୍କର ଗୁରୁଦାୟିତ୍ୱ ରହିଛି । ରାଜ୍ୟରେ ଉଚ୍ଚଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ସଫଳ ରୂପାୟନ ଦିଗରେ ପ୍ରତ୍ୟେକ ସ୍ତରରେ ଆନ୍ତରିକ ଉଦ୍ୟମ ହେବା ଆବଶ୍ୟକ। ମୋ କଲେଜ୍/ମୋ ୟୁନିଭର୍ସିଟି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ପୁରାତନ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାନୁଷ୍ଠାନର ଉନ୍ନତିରେ ସାମିଲ କରିବା ଦିଗରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱ ପ୍ରଦାନ କରିଥିଲେ । ଏକକ ପିଜି ପ୍ରବେଶିକା ପରୀକ୍ଷା, ପ୍ରୋଫେସରିଆଲ୍ ପ୍ରଥା, ମଡେଲ ସିଲାବସ୍ ଆଦି ଫଳପ୍ରଦ ହୋଇପାରିଛି । ଏକ ଉତମ ଶୈକ୍ଷିକ ବାତାବରଣ ଓ ଶୃଙ୍ଖଳା ମଧ୍ୟରେ ଛାତ୍ରଛାତ୍ରୀଙ୍କ ଆଶାଆକାଂକ୍ଷା ପୂରଣ ଦିଗରେ ବିଶ୍ୱବିଦ୍ୟାଳୟର କୁଳପତିମାନେ ଦୃଢ଼ ନେତୃତ୍ୱ ପ୍ରଦାନ କରିବାକୁ ମନ୍ତ୍ରୀ ଡ. ସାହୁ କହିଛନ୍ତି। ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ, ବିଶ୍ୱବ୍ୟାଙ୍କ ପ୍ରକଳ୍ପ ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ ପରମେଶ୍ୱରନ୍ ବି. ପ୍ରମୁଖ ସଂପ୍ରତି ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ସଂପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତିଭୂମି ଏବଂ ଶିକ୍ଷାଦାନ ଦିଗରେ ମିଳୁଥିବା ଅର୍ଥକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକଣା ଭାବରେ ବିନିଯୋଗ କରି ଶିକ୍ଷାର ମାନବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତିମାନେ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ବିଷୟରେ ସେମାନଙ୍କ ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗରାଜୁ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା, ଏବଂ ଖଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ବୁଥସ୍ତରରେ ସଙ୍ଗଠନ ....

ରାଜ୍ୟ ପ୍ରଭାରୀଙ୍କ ନିର୍ଦ୍ଦେଶାନୁଯାୟୀ ବିଜେପିର ସମସ୍ତ କାର୍ଯ୍ୟକର୍ତା ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ କରିବା ଦିଗରେ କାର୍ଯ୍ୟ କରିବେ । ରାଜ୍ୟରେ ମହିଳା, ଯୁବକ, କୃଷକ, ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ତୃଣମୂଳସ୍ତରରେ ବିଭିନ୍ନ ବର୍ଗର ଲୋକଙ୍କୁ ଦଳରେ ସାମିଲ କରାଇ ଏକ ନୂଆ ଓଡିଶା ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆସନ୍ତାକାଲି ସକାଳେ ଶ୍ରୀମତୀ ପୁରନ୍ଦେଶ୍ୱରୀ ପୁରୀ ଗସ୍ତ କରିବେ । ପୁରୀରୁ ଫେରିବା ପରେ ସକାଳ ୧୧ ଟାରେ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ସାମ୍ବାଦିକ ସମ୍ମିଳନୀ କରି ଗଣମାଧ୍ୟମକୁ ସମ୍ବୋଧିତ କରିବେ । ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର, ଉପସଭାନେତ୍ରୀ ପ୍ରଭାତି ପରିଡାଙ୍କ ସମେତ ବିଜେପି ସାଂସଦ, ସାଂସଦ ପାର୍ଥୀ, ବିଧାୟକ, ବିଧାୟକ ପ୍ରାର୍ଥୀଙ୍କ ସମେତ ଦଳୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଉ ....

ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା, ବରଗଡ, ମାଲକାନଗିରି, ମୟୁରଭଂଜ ଜିଲ୍ଲାର ଜଣେ – ଜଣେ ଅଛନ୍ତି । ବରଗଡ ଜଣେ ୩୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ମୟୁରଭଂଜ ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ମାଲକାନଗିରି ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି ।

## ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର, ୧୧ ଡିସେମ୍ବର (ହି.ସ.)- ବିଧାନସଭା ସଚିବାଳୟର ୫୪ ନମ୍ବର ପ୍ରକୋଷ୍ଠରେ ବିଭାଗୀୟ ଷ୍ଟାଣ୍ଡିଂ କମିଟି - ୪ର ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ବିଧାୟକ ଭୂପିନ୍ଦର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଶଙ୍କର ଓରାମ, ଆଦିତ୍ୟ ମାଢ଼ୀ, ନିତ୍ୟାନନ୍ଦ ସାହୁଙ୍କ ସମତେ ସମ୍ପୃକ୍ତ ବିଭାଗୀୟ ସଚିବ ଏବଂ ବିଧାନସଭା ସଚିବ ଦାଶରଥି ଶତପଥି ଯୋଗ ଦେଇଥିଲେ ।

## ଆନ୍ତରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମାଳିପାଳକୁ ହରାଇ ବାଇପାଟଣା ଏକଦଶ ବିଜୟୀ



ଜଳେଶ୍ୱର, ୧୦/୧୨ (ନିପ୍ର) : ଜଳେଶ୍ୱର ବ୍ଲକର ନଛିମପୁର ଠାରେ ନିଳେଶ୍ୱର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ଆନ୍ତରାଜ୍ୟ କ୍ରିକେଟ ଟୁର୍ଣ୍ଣା ମେଣ୍ଟର ଫାଇନାଲରେ ପଶ୍ଚିମବଂଗର ବାଇପାଟଣା ଏକାଦଶ ବିଜୟୀ ହେବା ସହିତ ଟ୍ରଫି ଓ ନଗଦ ୯ହଜାର ଟଙ୍କା ପୁରସ୍କୃତ ହୋଇଛନ୍ତି । ରନର୍ସ ଅଫ ମାଳିପାଳ ଏକାଦଶ ଟ୍ରଫି ସହ ୭ହଜାର ଟଙ୍କା ପୁରସ୍କୃତ ହୋଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ଓ ପଶ୍ଚିମବଂଗର ୮ଟି ଦଳ ଭାଗ ନେଇଥିଲେ । ଆଜି ଫାଇନାଲ ମ୍ୟାଚ୍‌ରେ ମ୍ୟାନ୍ ଅଫଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ୍ ବିଶ୍ୱଜିତ୍ ମାଣିକ ହୋଇଛନ୍ତି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ବକ୍ତା କବି ନରୋତ୍ତମ ପ୍ରଧାନ ଯୋଗ ଦେଇ ଗ୍ରାମାଞ୍ଚଳର ପଡିଆ ଅଭାବରୁ ବହୁ ପ୍ରତିଭାବାନ୍ ଖେଳାଳିଙ୍କ ବିକାଶ ହୋଇ ପାରନଥିବା କହିଥିଲେ। ମୁଖ୍ୟ ଅତିଥି ସରପଂଚ ଦୀପାଳୀ ଜେନା, ସମ୍ମାନିତ ଅତିଥି ପ୍ରମୋଦ ପରିଡା, ରାଜେଶ ଜେନା, ସପନ ଜେନା, ସୁଶାନ୍ତ ଦେ ପ୍ରମୁଖ ଯୋଗ ଦେଇ ଖେଳ ଦ୍ୱାର ସୁସ୍ଥ ସମାଜ ଓ ଭାଇଚାରା ସୃଷ୍ଟି ହୋଇପାରେ ବୋଲି ବକ୍ତମାନେ ମତ ରଖିଥିଲେ । ଏଥିରେ ସମାଜସେବୀ ସୁଦାମ ଚରଣ ପାତ୍ର ସଭାପତିତ୍ୱ କରି ଏହି କ୍ଲବ ୧୫ବର୍ଷ ଧରି ବିଲରେ କ୍ରିକେଟ ଖେଳ ଆୟୋଜନ କରି ଆସୁଥିବାରୁ ଅତିଶ୍ରୀଘ୍ର ସ୍ଥାୟୀ ଖେଳପଡିଆ ଯୋଗାଇ ଦେବାକୁ ଦାବି କରିଥିଲେ । ଅନୁଷ୍ଠାନ ତରଫରୁ ସଂଜୟ ଦତ୍ତ, ସଂଗ୍ରାମ ସିଂ, ଦୁର୍ଗାଶଂକର ଗିରି, ଗୋପାଳ ପ୍ରଧାନ, ଗୋବିନ୍ଦ୍ର ପ୍ରଧାନ, ଅଜିତ୍ ଦଳାଇ, ମାନସ ଦାସ, ସଂଜୀବ ଜେନା, ନନ୍ଦ ଗୋପାଳ ପ୍ରଧାନ, ଉମାକାନ୍ତ ଦେ, କାର୍ତ୍ତିକ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ସୁବର୍ଣ୍ଣରେଖା ନଦୀର ଓଡିଶା-ପଶ୍ଚିମବଂଗ ସୀମା ନିର୍ଦ୍ଧାରଣ ପାଇଁ ମାପଚୁପ ପ୍ରକ୍ରିୟା ଆରମ୍ଭ



ଜଳେଶ୍ୱର, ୧୦/୧୨ (ନିପ୍ର) : ସୁବର୍ଣ୍ଣରେଖା ନଦୀ ଓଡିଶା-ପଶ୍ଚିମବଂଗର ୧୬ କି.ମି. ସୀମା ଦେଇ ଅତିକ୍ରମ କରିଛି । ଏହି ୧୬ କିମି ନଦୀସୀମା ବିବାହୀତ ହୋଇ ପଡିଛି । ଏହାର ସୀମା ନିର୍ଦ୍ଧାରଣ ହୋଇ ପାରିନଥିବା ବେଳେ ଏଠାରୁ ବାଲି ଉତ୍ତୋଳନକୁ ନେଇ ବିଭିନ୍ନ ସମୟରେ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି । ଏନ୍‌ଜିଟିର ନିର୍ଦ୍ଦେଶ କ୍ରମେ ଦୁଇ ରାଜ୍ୟ ଏହାର ସୀମ ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଶେଷ ହୋଇ ପାରିନାହିଁ । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହେବାପରେ ଆଜି ଶୁକ୍ରବାର ବାଲେଶ୍ୱର ଜିଲାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ତହସିଲ ପକ୍ଷରୁ ବିଳାସପୁର, ଗୋପାଳପୁର, କୁଆଁରପୁର, ମାକିଡିଆ ପ୍ରଭୃତି ସ୍ଥାନ ମାନଙ୍କରେ ମାପଚୁପ ଆରମ୍ଭ ହୋଇଛି । ଏହି ମାପତୁପ ପ୍ରକ୍ରିୟାରେ ବାଲେଶ୍ୱର ବନ୍ଦୋବସ୍ତ ବିଭାଗରୁ ପ୍ରଫୁଲ୍ଲ କୁମାର ଜେନା, ଦେବଦତ୍ତ ମହାଳିକଙ୍କ ସହିତ ଜଳେଶ୍ୱରର ରାଜସ୍ୱ ନୀରିକ୍ଷକ ମାନସ କୁମାର ବେହେରା, ପ୍ରଭୁରାମ କାସ୍ତ, ଅଂଜନା ଟୁଡୁ, ସୃଷ୍ଟି ଧର ପଞ୍ଚାୟତ, ଦିଲ୍ଲିପ କୁମାର ଚାନ୍ଦ, ସଂଜୟ କୁମାର ପଣ୍ଡା, ଇନିସ୍‌ପେକ୍ଟର ଗୌରାଙ୍ଗ ଚନ୍ଦ୍ର ଜେନା, ପ୍ରତାପ ଚନ୍ଦ୍ର ଭଂଜ, ଅମିନ ସାଗର ବାସ୍କେ, ସିବେନ୍‌ଲାଲ ମୁର୍ମୁ, ସୁଜଳ କୁମାର ପରିଡା, ଯଶୋଦା ମହାନ୍ତି ପ୍ରମୁଖ ସହାୟତା କରିଥିଲେ। ଏହି ମାପ ପ୍ରକିୟା ଜାରି ରହିବ ବୋଲି ଜଣାଯାଇଛି ।

## ଭଦ୍ରକ ଛାତ୍ର କଂଗ୍ରେସ ନେତାଙ୍କ ଉପରେ ଆକ୍ରମଣକୁ ନିନ୍ଦା

ଭୁବନେଶ୍ୱର, ୧୧ ଡିସେମ୍ବର – ଗତକାଲି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭଦ୍ରକ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବନ୍ଦ ଡାକରା ଦିଆଯାଇଥିଲା। କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବରେ ଏହି ବନ୍ଦ ପାଳନ କରାଯାଇଥିଲା। ଭଦ୍ରକ ବାସୀଙ୍କ ସ୍ୱତଃସ୍ଫୁର୍ତ ସମର୍ଥନ ମଧ୍ୟ ମିଳିଥିଲା। ଏହି ବନ୍ଦ କାର୍ଯ୍ୟକ୍ରମକୁ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଇଙ୍ଗିତରେ ଭଦ୍ରକ ଜିଲ୍ଲା ଛାତ୍ର କଂଗ୍ରେସ ନେତା ହେମନ୍ତ ମହାପାତ୍ରଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଭଦ୍ରକ ବିଜେଡ଼ି ବିଧାୟକ ଓ ବିଜେଡ଼ି ଗୁଣ୍ଡାଙ୍କୁ ତୁରନ୍ତ ଗିରଫ କରିବାକୁ ରାଜ୍ୟ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଦାବି କରିଛନ୍ତି।

## ପୋଲିସ ଉପରେ ଭରସା କରିପାରୁନାହାନ୍ତି ପ୍ରତିଭା ମଞ୍ଜରୀ

ବାରିପଦା (ନି.ପ୍ର.) ତା ୧୦/୧୨ ବାରିପଦା ସହର ରଘୁନାଥପୁର ଅଂଚଳର ବରିଷ୍ଠ ମହିଳା ପ୍ରତିଭା ମଞ୍ଜରୀ ଦାସ ତାଙ୍କର ରଘୁନାଥପୁର ସ୍ଥିତ ପୈତୃକ ବାସଗୃହରେ ୨୦୦୦ ମସିହା ଠାରୁ ରହିଆସୁଥିବା ବେଳେ ଗତ ମାର୍ଚ୍ଚ ମାସରେ ସେ ଡେରାଡୁନରେ ରହୁଥିବା ତାଙ୍କ ପୁଅର ଦେହ ଖରାପଥିବାରୁ ଡେରାଡୁନ ଚାଲିଯାଇଥିଲେ ମାତ୍ର କରୋନା କଟକଣା ଯୋଗୁ ଲକଡାଉନ ହୋଇଯାଇଥିବାରୁ ସେ ବାରିପଦା ଫେରି ପାରିନଥିଲେ । ସେ ଘରେ ନଥିବାର ସୁଯୋଗନେଇ ଗତ ତା ୧୭/୮/୨୦ ରିଖରେ ସେ ଡେରାଡୁନରେ ଥାଇ ଖବର ପାଇଲେଯେ, ତାଙ୍କର ଉକ୍ତ ଘରେ ରଣଜିତ ମହାନ୍ତି, ସୁଜିତ ମହାନ୍ତି କିଛି ଲୋକଙ୍କୁ ନେଇ ଘରର ତାଲା ଭାଙ୍ଗି ଘରେ ଥିବା ପ୍ରତିଭାଙ୍କର କାର, ମଟର ସାଇକେଲ, ସ୍କୁଟି, ଲୁନା, ତଥା ସମସ୍ତ ଆସଭାବପତ୍ର ନେଇ ଯାଇଛନ୍ତି । ସୁଜାତା ଏହା ଜାଣିବା ପରେ ଡେରାଡୁନରେ ଥାଇ ଏକ ଏତେଲା ଅନଲାଇନରେ ଦାଖଲ କରିଥିଲେ । ଗତ ତା ୨୨/୮/ ୨୦୨୦ ରିଖରେ ଉକ୍ତ ଏତେଲା ମୂଳେ ବାରିପଦା ଟାଉନ ଥାନାରେ ୫୫୩ ନମ୍ବରରେ କେସ ରୁଜୁ ହେବା ପରେ ମଧ୍ୟ ପୋଲିସର ତଦନ୍ତ



ପ୍ରକ୍ରିୟା ଶିଥିଳ ପଡିଯାଇଥିବାରୁ ଏବଂ ପୋଲିସ ତାଙ୍କର ଲୁଟ ହୋଇଥିବା କାର, ଗାଡି ଆଦି ଜିନିଷ ପତ୍ର ଠାବ କରିଥିଲେ ମଧ୍ୟ ଏବେ ସୁଦ୍ଧା ଘଟଣାରେ କାହାକୁ ଗିରଫ କରିନଥିବା ଯୋଗୁ, ସିଭିଲ କୋର୍ଟର ଷ୍ଟାଟସକୋ ଅର୍ଡର ଥାଇମଧ୍ୟ ତାଙ୍କର ପୈତୃକ ବାସଗୃହକୁ ଭାଙ୍ଗି ଦିଆଯାଇଛି । ସେ ବାରମ୍ବାର ବାରିପଦା ଟାଉନଥାନା ଓ ମୟୂରଭଞ୍ଜ ଏସ.ପି.ଙ୍କ ପାଖରେ ଗୁହାରୀ ଜଣାଇ ଥିଲେ ମଧ୍ୟ କୌଣଷି ସୁଫଳ ମିଳିପାରି ନାହିଁ । ପୋଲିସ ଏବେ ଉଦ୍ଧାର କରିଥିବା କିଛି ଜିନିଷ ପ୍ରତିଭାଙ୍କୁ ଫେରାଇବାକୁ ଚାହୁଁଥିବା ବେଳେ ଘଟଣାରେ ସଂପୃକ୍ତ ଥିବା ଦୋଷୀ ମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଏବଂ ପୋଲିସର ପ୍ରଚ୍ଛଦ ସହାୟତାରେ ଦୋଷୀ ମାନେହିଁ ତାଙ୍କର ପୈତୃକ ବାସଗୃହ ରାତାରାତି ଭାଙ୍ଗିଦେଇଛନ୍ତି ବୋଲି ପ୍ରତିଭା ସ୍ୱାଗତିକା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ସପକ୍ଷରେ ଥିବା ସମସ୍ତ କୋର୍ଟ ଅର୍ଡର ଓ ଫୋଟଗ୍ରାଫ ଦେଖାଇ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଉକ୍ତ ଜମୀର ଖାତା ରୟତ ପ୍ରତିଭାଙ୍କର ବଡଭାଇ ଅନୀଲ କୁମାର ଷଡଙ୍ଗୀ ସୁଜାତାଙ୍କ ଦଖଲରେ ଥିବା ଉକ୍ତ ଜମୀ ଓ ଘରକୁ ଲୀଳାବତୀ ମହାନ୍ତି ନାମକ ଜନୈକ ମହିଳାଙ୍କୁ ବିନା ଦଖଲରେ ବିକ୍ରୟ କରିଦେଇଥିଲେ ପ୍ରତିଭାଙ୍କ ବଡଭାଇ । ତେବେ ଜମୀର ପଟ୍ଟା ପାଇଁ ଦାଖଲଖାରଜ କେସ ବେଳକୁ ଉକ୍ତ ଜମୀ ବିବାଦ ନେଇ ସିଭିଲ କୋର୍ଟରେ କେସ ଚାଲିଥିବାରୁ ପ୍ରତିଭା ମ୍ୟୁଟେସନରେ ଆପତ୍ତି ଜଣାଇବାରୁ ଦାଖଲକାରଜ କେସ ଡ୍ରପ ହୋଇଯାଇଥିଲା । ସିଭିଲ କୋର୍ଟ ଉକ୍ତ ବିବାଦୀୟ ଜମୀ ଉପରେ ଷ୍ଟାଟସକୋ ମେଂଟେନ କରିବାକୁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ତେବେ ହଠାତ କିଛିବର୍ଷ ପରେ ସେହିବିବାଦୀୟ ଜମୀ ଷ୍ଟାଟସକୋ ଅର୍ଡର ଥାଉଥାଉ ଲୀଳାବତୀଙ୍କ ନାମରେ ରେକର୍ଡ ହୋଇଥିଲା। ତେବେ ଦାଖଲଖାରଜ ଅର୍ଡରକୁ ଉପରିସ୍ଥ ରେଭିନ୍ୟୁ କୋର୍ଟ ସବକଲେକଟର ବାରିପଦାଙ୍କ ଅଦାଲତରେ ପ୍ରତିଭା ଅପିଲ କରିବା ପରେ ଲୀଳାବତୀଙ୍କ ନାମରେ ରେକର୍ଡକୁ ଖାରଜ କରିବାକୁ ସବକଲେକଟର ଅର୍ଡର ମଧ୍ୟ ଦେଇଛନ୍ତି । ଆଇନ ବାଟରେ ଲୀଳାବତୀ ଜମୀ ଓ ଘର ହାତେଇ ନପାରିବାରୁ ତାଙ୍କର ସ୍ୱାମୀ ଓ ସ୍ୱାମୀଙ୍କ ଭାଇ ରଣଜିତ ଓ ସୁଜିତ ବଳପୂର୍ବକ ତାଙ୍କର ଅନୁପସ୍ଥିତିର ସୁଯୋଗନେଇ ଏଭଳି କାଣ୍ଡ ଘଟାଇଥିବା ଏବଂ ପୋଲିସ ତାଙ୍କୁ ପ୍ରଚ୍ଛଦରେ ସହଯୋଗ କରୁଥିବାର ଗୁରୁତର ଅଭିଯୋଗ କରିଛନ୍ତି । ତେବେ ଏବାବଦରେ ବାରିପଦା ଟାଉନଥାନା ଅଧିକାରିଙ୍କୁ ପଚାରିବାରୁ ଉକ୍ତ ଜମୀ ବା ଘରର ମାଲିକାନା ପ୍ରତିଭା ଙ୍କର ବଡଭାଇଙ୍କ ନାମରେ ରହିଥିଲା ସେ ଲୀଳାବତୀଙ୍କୁ ଉକ୍ତ ଜମୀ ଓ ଘର ବିକ୍ରୟ କରିଛନ୍ତି । ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ପୋଲିସ ବିଶେଷ ହସ୍ତକ୍ଷେପ କରିପାରିବ ନାହିଁ । ଏତେଲା ପାଇବା ପରେ ଆମେ ତୁରନ୍ତ ମାମଲାରୁଜୁ କରି ଘଟଣାର ତଦନ୍ତ କରୁଛୁ ଏବଂ ଉଭୟ ପକ୍ଷଙ୍କୁ ଡାକି ଉକ୍ତ ଜମୀ ଉପରେ ହସ୍ତକ୍ଷେପ ନକରିବାକୁ କହିଛୁ ବୋଲି କହିଛନ୍ତି । ସେହିପରି ସୁଜିତ ମହାନ୍ତିଙ୍କୁ ଅଭିଯୋଗ ବାବଦରେ ପଚାରିବାରୁ ଜମୀର ମାଲିଙ୍କ ଠାରୁ ଜମୀ ଆମେ କିଣିଛୁ । ଉକ୍ତ ଘରେ ଯାହା ଜିନିଷ ଥିଲା ତାହା ଘରମାଲିକଙ୍କର ଜିନିଷ ପ୍ରତିଭା ଙ୍କର ନୁହେଁ । ପ୍ରତିଭା ଯାହା ଅଭିଯୋଗ କରୁଛନ୍ତି ତାହା ଭିତ୍ତିହୀନ ବୋଲି କହିଛନ୍ତି। ତେବେ ପୋଲିସର କହିବା ମୁତାବକ ଉଭୟ ପକ୍ଷଙ୍କୁ ଉକ୍ତ ଜମୀବା ଘର ଉପରେ ହସ୍ତକ୍ଷେପ ନକରିବାକୁ ପରାମର୍ଶ ଦେଇଥିବା ବେଳେ କିଭଳି ଏବଂ କିଏ ସିଭିଲ କୋର୍ଟର ଷ୍ଟାଟସକୋ ଅର୍ଡର ଥିବା ଘର ଭାଙ୍ଗିଲା ଏବଂ ପୋଲିସ ପାଖରେ ପ୍ରତିଭା ବାରମ୍ବାର ଜଣାଇବା ପରେ ମଧ୍ୟ ପୋଲିସ କଣ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଜଳେଶ୍ୱର-ଅଲାଲପୁର ପୂର୍ତ୍ତବିଭାଗ ରାସ୍ତାର ନବିକରଣ ଲାଗି ଉଚ୍ଛେଦ



ଜଳେଶ୍ୱର, ୧୦/୧୨ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ସହର ମଧ୍ୟ ଦେଇ ଯାଇଥିବା ନୂଆବଜାର ଛକଠାରୁ ୧୬ନଂ ୱାର୍ଡ ଅଲାଲପୁର ପର୍ଯ୍ୟନ୍ତ ରାସ୍ତାକୁ ମ୍ୟୁନିସିପାଲଟି ପୂର୍ତ୍ତବିଭାଗକୁ ୨୦୧୬ ମସିହାରେ ହସ୍ତାନ୍ତର କରିବା ପରେ ଏହା ୨୦୧୮ ମସିହାରେ ୫କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର କାର୍ଯ୍ୟ ସରିବାର ଅବଧି ର ଏକ ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା ସଂପୂର୍ଣ୍ଣ ହୋଇ ପାରି ନାହିଁ । ଆଜି ଶୁକ୍ରବାର ଅପରାହ୍ନରେ ଜଳେଶ୍ୱର ନୂଆବଜାର ଛକଠାରୁ ତାରିଣୀଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ହୋଇଥିବା ଅବରୋଧକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ହୋଇଛି । ଏହି ଉଚ୍ଛେଦ ପ୍ରକ୍ରିୟାରେ ଜଳେଶ୍ୱର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ଥାନା ଆଇଆଇସି ମାନସ କୁମାର ଦେଓ ଙ୍କ ସମେତ ତହସିଲ ଓ ପୌରପରିଷଦ ଏବଂ ଥାନାର ବହୁ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ହସ୍ତତନ୍ତ ବୁଣାକାରମାନଙ୍କର ତିନିଦିନିଆ ଡିଜାଇନ୍ ବିକାଶ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,,୧୧।୧୨ (ନି.ପ୍ର): ୧୦ ଜଣ କାରିଗରଙ୍କ ପାଇଁ 'ଡିଜାଇନ୍ ବିକାଶ' ଉପରେ ଏକ ତିନି ଦିନିଆ ତାଲିମ କାର୍ଯ୍ୟକ୍ରମ ୧୦ ଡିସେମ୍ବରରୁ ଭୁବନେଶ୍ୱରର ରାଷ୍ଟ୍ରୀୟ ଟେକ୍ନୋଲୋଜି ପ୍ରତିଷ୍ଠାନଠାରେ ଆରମ୍ଭ ହୋଇଛି। ବୁଣାକାରମାନଙ୍କୁ ରଙ୍ଗ କରିବା ବିଷୟରେ ଧାରଣା, ବଜାରଧାରା, ବୁଣା ଟେକ୍ସଚର୍ ଓ ଗଠନ ଏବଂ ଡିଜାଇନ୍ ତଥା ସୋର୍ସିଂ ଉପରେ ତାଲିମ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଅଠା, ନୂଆପାଟଣା, ଗୋପାଳପୁର ଏବଂ ବୀରବରପୁର ପରି ବିଭିନ୍ନ ହସ୍ତତନ୍ତ ପୁଞ୍ଜ ଅଂଚଳର ବୁଣାକାର କାରିଗରମାନେ ଯୋଗଦେଇଛନ୍ତି । ପରିବେଶ ଅନୁକୂଳ ଜୈବିକ ରଙ୍ଗ ଏବଂ ଏହି ଉତ୍ପାଦଗୁଡ଼ିକର ବ୍ୟବସାୟୀକରଣ ସହିତ ଘର ସାଜସଜ୍ଜା, ପୋଷାକ, ଶାଢ଼ି, ଦୁପଟ୍ଟା, ସାଲ୍ ଇତ୍ୟାଦି ପାଇଁ ଉପଯୁକ୍ତ କପଡ଼ା ଉତ୍ପାଦନ ଉପରେ ଧ୍ୟାନ ଦେଇ ବଜାରର ଚାହିଦା ଅନୁଯାୟୀ ଡିଜାଇନ୍ ବିକାଶ ପାଇଁ ଏକ ପ୍ରକଳ୍ପ 'ରାଷ୍ଟ୍ରୀୟ ଫେସନ୍ ଟେକ୍ନୋଲୋଜି ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ 'ସେଂଟ୍ରାଲ୍ ସିଲ୍କ ବୋର୍ଡ, ବେଙ୍ଗାଲୁରୁଙ୍କ ସହଯୋଗରେ ବିକଶିତ ହସ୍ତତନ୍ତ ଉତ୍ପାଦର ବ୍ୟବସାୟକରଣର ଏକ ପ୍ରକଳ୍ପ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ଦ୍ୱାରା ଅନୁମୋଦନ କରାଯାଇଅଛି । ଏହି କାର୍ଯ୍ୟକ୍ରମ ହସ୍ତତନ୍ତ ପୁଞ୍ଜ ବିକାଶ ସଂସ୍ଥା, ଭୁବନେଶ୍ୱର, ରାଷ୍ଟ୍ରୀୟ ଫେସନ୍ ଟେକ୍ନୋଲୋଜି ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ସେଂଟ୍ରାଲ୍ ସିଲ୍କ ବୋର୍ଡ, ବେଙ୍ଗାଲୁରୁଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ଅଠା(କେନ୍ଦୁଝର), ନୂଆପାଟଣା (କଟକ), ଗୋପାଳପୁର (ଯାଜପୁର), ବୀରବରପୁର (କଟକ) ଏବଂ ଭଗାମୁଣ୍ଡା (କେନ୍ଦୁଝର) ନାମକ ୫ଟି ପୁଞ୍ଜରେ କାର୍ଯ୍ୟକାରୀ କରାଯାଉଛି । ଡିଜାଇନ୍, ପରିବେଶ ଅନୁକୂଳ ଜୈବିକ ରଙ୍ଗ ରେସିପି, ଉତ୍ପାଦ ବିକାଶ ଏବଂ ପ୍ରାକୃତିକ ରଙ୍ଗ ପ୍ରକ୍ରିୟା,ନମୁନା ବିକାଶ ଉପରେ ବୁଣାକାର କାରିଗରମାନଙ୍କୁ ତାଲିମ ଦେବା ଏହି ପ୍ରକଳ୍ପର ଏକ ଲକ୍ଷ୍ୟ ।

## ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦକୁ ୮ଜଣ ସଦସ୍ୟ ନିର୍ବାଚିତ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ନବଗଠିତ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱରସ୍ଥ ଭଂଜ କଳାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ରାଜ୍ୟସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ସାଧାରଣ ପରିଷଦ ସଦସ୍ୟମାନେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବୈଶିଷ୍ଟ୍ୟ ଅର୍ଜନ କରିଥିବା ଶ୍ରୀ ପୂର୍ଣ୍ଣଚନ୍ଦ୍ର ବହଳୀ, ଶ୍ରୀ ଚନ୍ଦ୍ରଶେଖର ହୋତା, ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ଡକ୍ଟର ସୁନୀତି ମୁଣ୍ଡ, ଶ୍ରୀ ଅତୁଲ ବଳ, ଶ୍ରୀ ରାଜୀବ ପାଣି, ଡକ୍ଟର ଶରତ କୁମାର ଜେନା, ଶ୍ରୀ ସୁରେଶ କୁମାର ନାୟକ ସଦସ୍ୟ ଭାବେ ନିର୍ବାଚିତ କରିଛନ୍ତି।

## ବି ଏମ୍ ସି ରେ ପି.ଏମ୍ ସ୍ୱନିଧି ଋଣମେଳା ଆୟୋଜିତ

ଭୁବନେଶ୍ୱର,୧୧।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଅଧିନରେ ଏକ ଲୋନ୍ ମେଳା ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୫ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏଥିରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କର୍ମଚାରୀ ଏବଂ ସହରାଂଚଳ ଜୀବିକା ମିଶନ୍ ର ଅଧିକାରୀ ଓ କର୍ମଚାରୀମାନେ ରହି ଆସିଥିବା ହିତାଧିକାରୀମାନଙ୍କର ନଥିପତ୍ର ଯାଂଚ୍ କରି ଋଣ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି। ପ୍ରତ୍ୟେକ ଉଠା ଦୋକାନୀ ଟ୧୦,୦୦୦/- ଲେଖାଏଁ ଋଣ ପାଇବେ। ସର୍ଭେ ଅନୁସାରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ୧୪,୦୦୦ ରୁ ଅଧିକ ଉଠା ଦୋକାନୀ ଥିବାବେଳେ, ୮,୨୦୦ ରୁ ଉର୍ଦ୍ଧ୍ୱ ଅନ୍‌ଲାଇନ୍ ପ୍ରକ୍ରିୟାରେ ଆବେଦନ କରିଛନ୍ତି ଏବଂ ଅଦ୍ୟାବଧି ୩,୫୦୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଏହି ଋଣ ପାଇସାରିଛନ୍ତି। ନିୟମିତ ଭାବେ ଏହି ଋଣ ପ୍ରଦାନ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ମହାନଗର ନିଗମର ତିନି ଗୋଟି ଜୋନ୍‌ରେ ଏହାକୁ ତ୍ୱରାନ୍ୱିତ କରାଯାଉଛି। ନିକଟରେ ଉତର ଜୋନ୍‌ରେ ହୋଇଥିବା ମେଳାରେ ୬୮ ଜଣଙ୍କର ଋଣ ପ୍ରଦାନ ବ୍ୟବସ୍ଥା କରାଯାଇଛି। ନିୟମିତ ଋଣ ପରିଶୋଧ ପାଇଁ ୭ ପ୍ରତିଶତ ସୁଧରେ କାରବାରକୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ସମୟ ଅନୁସାରେ ପରିଶୋଧ କଲେ ଅଧିକ ପରିମାଣ ଋଣ ମିଳିବାର ବ୍ୟବସ୍ଥା ରହିଛି ଏବଂ କ୍ୟାସ୍‌ଲେସ୍ କାରବାର ପାଇଁ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ୍। ପ୍ରକ୍ରିୟାରେ ଥିବା ଅନ୍ୟ ବ୍ୟବସାୟୀମାନଙ୍କୁ ଯଥାଶୀଘ୍ର ସମ୍ଭବ ଋଣ ପ୍ରଦାନର ସୁବିଧା କରାଯିବ ବୋଲି କହିଛନ୍ତି ଡେ଼ପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି।

# ତାଳଚେର ହେବ ଭାରତର ପ୍ରଥମ କୋଇଲା ଗ୍ୟାସିଫିକେସନ ଆଧାରିତ କାରଖାନା : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୧।୧୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ତାଳଚେର ସାର କାରଖାନା(ଟିଏଫ୍‌ଏଲ୍) ଦ୍ୱାରା କାର୍ଯ୍ୟକାରୀ ହେଉଥିବା କୋଇଲା ଗ୍ୟାସିଫିକେସନ ଏବଂ ୟୁରିଆ ଉତ୍ପାଦନ ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟ ଏବଂ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ତାଳଚେର ସାର କାରଖାନା କାର୍ଯ୍ୟକ୍ଷମ ହେଲେ ଏହା ପେଟକୋକ୍ ବ୍ଲେଣ୍ଡିଂ ସହ ଭାରତର ପ୍ରଥମ କୋଇଲା ଗ୍ୟାସିଫିକେସନ ଆଧାରିତ ସାର କାରଖାନା ହେବ। ଏହାସହ ଏହି କାରଖାନା ଓଡିଶା ଏବଂ ପୂର୍ବ ଭାରତର ବିଭିନ୍ନ ଅଂଚଳରେ ୟୁରିଆ ତଥା ସାରର ସହଜ ଯୋଗାଣ ଉପଲବ୍ଧିକୁ ସୁନିଶ୍ଚିତ କରିବ । ଉକ୍ତ ବୈଠକରେ ତାଳଚେର ସାର କାରଖାନା ପାଇଁ ଥିବା ଚ୍ୟାଲେଞ୍ଜ ଏବଂ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବା ଉପାୟ ଉପରେ ବିଚାରବିମର୍ଷ କରାଯାଇଛି । ତାଳଚେର ସାର କାରଖାନା ସଫଳତାର ସହ କାର୍ଯ୍ୟକ୍ଷମ ହେବା ପରେ ଏହା ଓଡିଶା ତଥା ଭାରତକୁ ୟୁରିଆ ଉତ୍ପାଦନରେ ଆତ୍ମନିର୍ଭର କରିବ। ଏହାସହ ଓଡିଶାରେ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ସଙ୍ଗେସଙ୍ଗେ ରାଜ୍ୟର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି ବୈଠକରେ କୋଇଲା ମନ୍ତ୍ରଣାଳୟ, ଅର୍ଥ ମନ୍ତ୍ରଣାଳୟ, ବୈଦେଶିକ ମନ୍ତ୍ରଣାଳୟ, ପେଟ୍ରୋଲିୟମ ମନ୍ତ୍ରଣାଳୟ, ସାର ବିଭାଗ ଏବଂ ଏସବିଆଇ ବ୍ୟାଙ୍କର ବରିଷ୍ଠ ଅଫିସରମାନେ ମଧ୍ୟ ସାମିଲ ହୋଇଥିଲେ ।

# ଭଦ୍ରକ ବିଧାୟକଙ୍କ ଗୁଣ୍ଡାରାଜ୍




ଭଦ୍ରକ,୧୧।୧୨ (ନି.ପ୍ର): ଭଦ୍ରକରେ ଏକ ମେଡିକାଲ କଲେଜ ସ୍ଥାପନକୁ ନେଇ କରାଯାଇଥିବା ଭଦ୍ରକ ବନ୍ଦର ଅଭୂତପୂର୍ବ ସଫଳତାରେ ଉତ୍‌କ୍ଷିପ୍ତ ହୋଇ ଆଜି କିଛି ବିଜେଡି ସମର୍ଥକ ଯୁବକ କଂଗ୍ରେସ ଯୁବକର୍ମୀ ହେମନ୍ତ ମହାପାତ୍ରଙ୍କ ଉପରେ ଯୋଜନାବଦ୍ଧ ଆକ୍ରମଣ କରିଛନ୍ତି। ଏ ନେଇ ଶ୍ରୀ ମହାପାତ୍ର ଆଜି ଭଦ୍ରକ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣା ଯାଇଛି ଯେ ଆଜି ଦିନ ପ୍ରାୟ ୧୨ଟା ସମୟରେ ଶ୍ରୀ ମହାପାତ୍ର ବାଇପାସ୍ ଛକ ନିକଟରେ ଏକ ଜୁଏଲାର୍ସ ଦୋକାନ ଆଗରେ ଛିଡା ହୋଇଥିବା ବେଳେ ଭଦ୍ରକ ଅପର୍ତ୍ତିବିନ୍ଧା ଗ୍ରାମର ଦେବୁ ବିଶ୍ୱାଳ, ମୀରସାହି ଗ୍ରାମର ସେକ୍ ଇବା, ହଫି, ରିଙ୍କୁ ଖାଁ, ଚରମ୍ପା ଅଞ୍ଚଳର ଟୁଟୁ ଶତପଥୀ ମିଶି ଶ୍ରୀ ମହାପାତ୍ରଙ୍କୁ ବିଭିନ୍ନ ପ୍ରକାର ଧମକ ଦେବା ସହ ଗତକାଲି କାହିଁକି ବନ୍ଦ ସମୟରେ ଏମ୍‌ଏଲ୍‌ଏଙ୍କ ପୁତ୍ତଳା ଦାହ କଲ ବୋଲି ପଚାରିବା ସହ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଏଥିରେ ଶ୍ରୀ ମହାପାତ୍ରଙ୍କ ନାକ ଫାଟି ଯିବା ସହ ସେ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହାକୁ ଘୋର ନିନ୍ଦା କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଛନ୍ତି। ଗଣତନ୍ତ୍ର ରାଷ୍ଟ୍ରରେ ବିରୋଧ କରିବା ଗଣତାନ୍ତ୍ରିକ ଅଧିକାର ହୋଇଥିବା ବେଳେ ଏହି ଅଧିକାର ସାବ୍ୟସ୍ତ କରି ସମୂହ ଦାବୀକୁ ଉପସ୍ଥାପନ କରିବା ସମୟରେ କ୍ଷମତାରେ ଥାଇ ଶାସକ ଦଳର ସମର୍ଥକମାନେ ଏପରି ଗୁଣ୍ଡାଗର୍ଦ୍ଦି କରିବାକୁ କଂଗ୍ରେସ କେବେ ସହ୍ୟ କରିବ ନାହିଁ। ଏଥିଲାଗି ଆବଶ୍ୟକ ହେଲେ ପୁଣି ଏକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସମ୍ମିଳନୀରେ ଉପସ୍ଥିତ ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ଚେତାବନୀ ଦେଇଛନ୍ତି। ଏହି ଘଟଣାର ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନଗଲେ କଂଗ୍ରେସ ପକ୍ଷରୁ ଥାନା ଘେରାଓ କରାଯିବ ବୋଲି ସମ୍ମିଳନୀରେ କୁହାଯାଇଛି।

# ଗୋଟିଏ ଦିନରେ ୩୮୭ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୨୬୪୨

ଭୁବନେଶ୍ୱର,୧୧।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୩୦୨୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୧୭୮୭୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୩୦୮ ରହିଛି । ଆଜି ଚିହ୍ନଟ ହୋଇଥିବା ୩୮୭ ଜଣଙ୍କ ମଧ୍ୟରୁ ୨୨୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୫୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

## ଧାନ ଦରକୁ ନେଇ ବିଜେପି ଶସ୍ତା ରାଜନୀତି କରୁଛି : ବିଜେଡି

ଭୁବନେଶ୍ୱର,୧୧।୧୨ (ନି.ପ୍ର): ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ନେଇ ବିଜେପି ଶସ୍ତା ରାଜନୀତି କରୁଛି । ବିଜେପି ନେତା ପ୍ରଦୀପ ପୁରୋହିତ ନିଜେ ବିଧାୟକ ଥିବାବେଳେ ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ନେଇ ଆସିଥିବା ସଙ୍କଳ୍ପକୁ ତାଙ୍କ ଦଳ ଓ ସେ ସମର୍ଥନ କରୁଥିଲେ । ହେଲେ ରାଜନୀତି ପାଇଁ ଏବେ ସବୁ ଭୁଲିଯାଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି । ୨୦୧୭ ମାର୍ଚ୍ଚ ୨୫ ତାରିଖରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୪୭୦ ଟଙ୍କାରୁ ୨୯୩୦ ଟଙ୍କାକୁ ବୃଦ୍ଧି କରିବାପାଇଁ ରାଜ୍ୟ ସରକାର ସଙ୍କଳ୍ପ ଆଣିଥିଲେ ଓ ଦଳମତ ନିର୍ବିଶେଷରେ ଏହା ଗୃହରେ ପାରିତ ହୋଇଥିଲା । ଶ୍ରୀ ପୁରୋହିତ ସେତେବେଳେ ବିଜେପି ବିଧାୟକ ଥିଲେ ଏବଂ ଧାନର କୁଇଂଟାଲ ପ୍ରତି ଦର ୨୯୩୦ ଟଙ୍କା କରିବାପାଇଁ ସରକାର ଆଣିଥିବା ପ୍ରସ୍ତାବକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିଥିଲେ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରିବାପାଇଁ ତାଙ୍କରି ସମର୍ଥନରେ ବିଧାନସଭାରେ ପାରିତ ହୋଇଥିବା ପ୍ରସ୍ତାବକୁ ସେ ସମର୍ଥନ କରିବା ଆବଶ୍ୟକ ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

# କଂଗ୍ରେସ ଅଫିସ ଗଳି ରାସ୍ତାର ଅବରୋଧ ଉଚ୍ଛେଦ



ବାଲେଶ୍ୱର,୧୧।୧୨ (ନି.ପ୍ର): ଦୀର୍ଘଦିନ ଧରିର ମରଣଯନ୍ତା ପାଲଟିଥିବା ବାଲେଶ୍ୱର ସହରର କଂଗ୍ରେସ ଅଫିସ ଗଳି ରାସ୍ତାର ନବୀକରଣ ପାଇଁ ଶୁକ୍ରବାର ଦିନ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିଲା। ପୌରପାଳିକା ପକ୍ଷରୁ ହୋଇଥିବା ଉଚ୍ଛେଦ ବେଳେ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରାୟ ୬ମାସ ପୂର୍ବରୁ ହୋଇଥିବା ନୋଟିସ ପରେ ପୌରପାଳିକା କିମ୍ବା ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ କୌଣସି ଉଦ୍ୟମ ନହେବା ଯୋଗୁଁ ଆଉ ଉଚ୍ଛେଦ ହେବନାହିଁ ବୋଲି ସ୍ଥାନୀୟ ଲୋକେ ଭାବିଥିଲେ। ସୋମବାର ଦିନ ବିଭାଗ ପକ୍ଷରୁ ହଠାତ୍ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ତେବେ ଲୋକଙ୍କ ବିରୋଧ ଯୋଗୁଁ କିଛିରାସ୍ତାର ଉଚ୍ଛେଦ ପରେ ପ୍ରକ୍ରିୟା ବନ୍ଦ ହୋଇଥିଲା। ଦୀର୍ଘ ସମୟର ଆଲୋଚନା ପରେ ସେଠାକାର ବାସିନ୍ଦା ୨/୩ ଦିନ ମଧ୍ୟରେ ନିଜେ ନିଜେ ଅବରୋଧ ଉଠେଇ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଦର ସଦର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ହୋଇଥିବା ଉଚ୍ଛେଦ ପ୍ରକ୍ରିୟାରେ ପୌରପାଳିକା କର୍ମଚାରୀଙ୍କ ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିଲା।

# ଭଦ୍ରକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନରଙ୍କ ସମୀକ୍ଷା ବୈଠକ



ଭଦ୍ରକ,୧୧।୧୨ (ନି.ପ୍ର): ଆଜି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଦିନିକିଆ ଭଦ୍ରକ ଗସ୍ତରେ ଆସି ଧାମନଗର ବ୍ଲକର ଦକ୍ଷିଣବାଡ ଠାରେ ନିର୍ମାଣ ହେଉଥିବା ଜରାନିବାସ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ସଂଗେ ସଂଗେ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ପରେ ଭଦ୍ରକ ଚରମ୍ପା ସ୍ଥିତ ପ୍ରଶାନ୍ତି ଭବନ ତଥା ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର୍.ଏସ୍.ଆର୍) ପରିଦର୍ଶନ କରି ଅନ୍ତେବାସୀଙ୍କ ସହିତ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଭଦ୍ରକ ଜିଲ୍ଲାରେ ଭିନ୍ନକ୍ଷମ ପିଲାଙ୍କ ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି ଓ ତାହାର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନୁପମା ଘୋଷ, ଧାମନଗର ବିଡିଓ ଦୁର୍ଗା ଚରଣ ମୁର୍ମୁ, ତହସିଲଦାର ରାଧାକାନ୍ତ ବାରିକ, ସ୍ଥାନୀୟ ଅଧିକାରୀଗଣ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭଞ୍ଜସେନା ପକ୍ଷରୁ ୨୪ଘଂଟିଆ ଅର୍ଥନୈତିକ ଅବରୋଧ




ବାରିପଦା, ୧୧।୧୨ (ନି.ପ୍ର): ଭଞ୍ଜସେନା ପକ୍ଷରୁ ଗୁରୁବାର ୨୪ଘଂଟିଆ ଅର୍ଥନୈତିକ ଅବରୋଧ କରାଯାଇଛି। ବେକାର ଯୁବକ ଓ ଯୁବତୀମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ନେଇ ଦୀର୍ଘଦିନ ହେଲା ଦାବୀ କରାଯାଉଥିବା ବେଳେ ଆଦିବାସି ଅଧୁଷିତ ମୟୂରଭଞ୍ଜ ଜିଲ୍ଲାରେ ଅନେକ ଲୌହଖଣି ଥିବା ସତ୍ୱେ ସ୍ଥାନୀୟ ଯୁବକ ଓ ଯୁବତୀ ମାନେ ରୋଜଗାର ନପାଇ ବାହାର ରାଜ୍ୟରେ ଦାଦନ ଖଟିବାକୁ ପଳାୟନ କରୁଛନ୍ତି। ତେଣୁ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରି ଜିଲ୍ଲାର ରାଇରଙ୍ଗପୁର, ବହଳଦା, ବିଶୋଇ, ତିରିଂ ଛକରେ ଲୁହାପଥର ପରିବହନକୁ ବିରୋଧ କରିବା ସହିତ ଲୁହାପଥର ବୋଝେଇ ଟ୍ରକ ଗୁଡ଼ିକୁ ଅଟକ ରଖି ଭସେନା ପକ୍ଷରୁ ୨୪ ଘଣ୍ଟିଆ ଅବରୋଧ କରାଯାଇଥିଲା । ସରକାର ଆମକୁ ରୋଜଗାର ଦିଅ ଲୁହାପଥର ନିଅ ନାରା ଦେଇ ସକାଳ ୬ଟାରୁ ଭଞ୍ଜସେନା ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯାଇ ଆଇରନ ଗାଡ଼ି ଗୁଡିକ ଦିର୍ଘ ସମୟ ଧରି ଅଟକରଖା ଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ଖଣି ପ୍ରାଧାନ୍ୟ ଜିଲ୍ଲା ଅଟେ। ଏଠାରୁ ଲୁହାପଥର ବାହାର ରାଜ୍ୟକୁ ରପ୍ତାନୀ ହେଉଛି। ବାହାର ରାଜ୍ୟ ଲୋକେ ରୋଜଗାର ପାଉଛନ୍ତି। ହେଲେ ଲୁହାପଥର ଖୋଳା ହେଉଥିବା ଜିଲ୍ଲାର ଲୋକଙ୍କୁ କିଛି ସୁବିଧା ନାହିଁ। ସେମାନେ ରୋଜଗାର ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଅଂଚଳରେ ଆଜି ପର୍ଯ୍ୟନ୍ତ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ । ସେମାନଙ୍କର ଏହି ଅସୁବିଧାକୁ ଦୂର କରି ସେମାନଙ୍କୁ ରୋଜଗାର ଦେବାକୁ ଦାବି କରି ଲୌହଖଣି ମାନଙ୍କରେ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି। ଆଗାମୀ ଦିନରେ ତାଙ୍କ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲୌହପଥର ପରିବହନ ବନ୍ଦ ରହିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅର୍ଥନୈତିକ ଅବରୋଧରେ ରାକେଶ ସିଂ, ଶୁଭେନ୍ଦୁ ମହାନ୍ତି, ଅନ ବରାଳ, ସୁମିତ ବଳ, ଦୀପକ ମହାନ୍ତ, ଧନଞ୍ଜୟ ସାହୁ, ରିତ ପାତ୍ର, ଲକ୍ଷ୍ମଣ ଟୁଡୁ, ମୋହିତ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।




## ସ୍ୱତନ୍ତ୍ର ଟ୍ରେନ୍‌ର ସଂଶୋଧିତ ସମୟ ସାରଣୀ

| | |
|---|---|
| **ପୁରୀ - ନୂଆ ଦିଲ୍ଲୀ - ପୁରୀ ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 02801 ପୁରୀ ଠାରୁ 2145 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 02802 ନୂଆ ଦିଲ୍ଲୀ ଠାରୁ 2240 ସମୟରେ ପ୍ରତିଦିନ |
| **ଭୁବନେଶ୍ୱର - ହାୱଡ଼ା - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 02074 ଭୁବନେଶ୍ୱର ଠାରୁ 0600 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 02073 ହାୱଡ଼ା ଠାରୁ 1325 ସମୟରେ ପ୍ରତିଦିନ |
| **ଭୁବନେଶ୍ୱର - ବଲାଙ୍ଗୀର - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 08493 ଭୁବନେଶ୍ୱର ଠାରୁ 0635 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 08494 ବଲାଙ୍ଗୀର ଠାରୁ 1445 ସମୟରେ ପ୍ରତିଦିନ |
| **ଭୁବନେଶ୍ୱର - ନୂଆ ଦିଲ୍ଲୀ - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ଟାଟା)** | |
| ଟ୍ରେନ୍ ନଂ. 02823 ଭୁବନେଶ୍ୱର ଠାରୁ 0930 ସମୟରେ ପ୍ରତି ସୋମ, ମଙ୍ଗଳ, ଗୁରୁ ଏବଂ ଶୁକ୍ରବାର | ଟ୍ରେନ୍ ନଂ. 02824 ନୂଆ ଦିଲ୍ଲୀ ଠାରୁ 1700 ସମୟରେ ପ୍ରତି ମଙ୍ଗଳ, ବୁଧ, ଗୁରୁ ଏବଂ ଶନିବାର |
| **ଭୁବନେଶ୍ୱର - ନୂଆ ଦିଲ୍ଲୀ - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ଆଦ୍ରା)** | |
| ଟ୍ରେନ୍ ନଂ. 02825 ଭୁବନେଶ୍ୱର ଠାରୁ 1135 ସମୟରେ ପ୍ରତି ବୁଧବାର ଏବଂ ରବିବାର | ଟ୍ରେନ୍ ନଂ. 02826 ନୂଆ ଦିଲ୍ଲୀ ଠାରୁ 1700 ସମୟରେ ପ୍ରତି ସୋମବାର ଏବଂ ଶୁକ୍ରବାର |
| **ଭୁବନେଶ୍ୱର - ନୂଆ ଦିଲ୍ଲୀ - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ସମ୍ବଲପୁର ସିଟି, ଝାରସୁଗୁଡା ଏବଂ ରାଉରକେଲା)** | |
| ଟ୍ରେନ୍ ନଂ. 02855 ଭୁବନେଶ୍ୱର ଠାରୁ 0715 ସମୟରେ ପ୍ରତି ଶନିବାର | ଟ୍ରେନ୍ ନଂ. 02856 ନୂଆ ଦିଲ୍ଲୀ ଠାରୁ 1700 ସମୟରେ ପ୍ରତି ରବିବାର |
| **ପୁରୀ - ଦୁର୍ଗ - ପୁରୀ ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 08425 ପୁରୀ ଠାରୁ 1910 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 08426 ଦୁର୍ଗ ଠାରୁ 1610 ସମୟରେ ପ୍ରତିଦିନ |
| **ପୁରୀ - ଅହମଦାବାଦ - ପୁରୀ ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ସମ୍ବଲପୁର)** | |
| ଟ୍ରେନ୍ ନଂ. 08405 ପୁରୀ ଠାରୁ 1920 ସମୟରେ ପ୍ରତି ବୁଧବାର | ଟ୍ରେନ୍ ନଂ. 08406 ଅହମଦାବାଦ ଠାରୁ 1900 ସମୟରେ ପ୍ରତି ଶୁକ୍ରବାର |
| **ବିଶାଖାପାଟଣା - କୋରବା - ବିଶାଖାପାଟଣା ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 08518 ବିଶାଖାପାଟଣା ଠାରୁ 2105 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 08517 କୋରବା ଠାରୁ 1610 ସମୟରେ ପ୍ରତିଦିନ |
| **ପୁରୀ - ଅହମଦାବାଦ - ପୁରୀ ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ବିଜୟନଗରମ୍ ଏବଂ ଟିଟିଲାଗଡ଼)** | |
| ଟ୍ରେନ୍ ନଂ. 02843 ପୁରୀ ଠାରୁ 1730 ସମୟରେ ପ୍ରତି ମଙ୍ଗଳବାର, ଗୁରୁବାର, ଶୁକ୍ରବାର ଏବଂ ଶନିବାର | ଟ୍ରେନ୍ ନଂ. 02844 ଅହମଦାବାଦ ଠାରୁ 1900 ସମୟରେ ପ୍ରତି ସୋମବାର, ଗୁରୁବାର, ଶନିବାର ଏବଂ ରବିବାର |
| **ପୁରୀ - ଓଖା - ପୁରୀ ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 08401 ପୁରୀ ଠାରୁ 0950 ସମୟରେ ପ୍ରତି ରବିବାର | ଟ୍ରେନ୍ ନଂ. 08402 ଓଖା ଠାରୁ 1840 ସମୟରେ ପ୍ରତି ବୁଧବାର |
| **ପୁରୀ - ଆନନ୍ଦ ବିହାର - ପୁରୀ ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ଆଦ୍ରା)** | |
| ଟ୍ରେନ୍ ନଂ. 02815 ପୁରୀ ଠାରୁ 1100 ସମୟରେ ପ୍ରତି ସୋମବାର, ବୁଧବାର, ଗୁରୁବାର ଏବଂ ଶନିବାର | ଟ୍ରେନ୍ ନଂ. 02816 ଆନନ୍ଦ ବିହାର ଠାରୁ 0730 ସମୟରେ ପ୍ରତି ସୋମବାର, ବୁଧବାର, ଗୁରୁବାର ଏବଂ ଶନିବାର |
| **ପୁରୀ - ଆନନ୍ଦ ବିହାର - ପୁରୀ ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ଟାଟା)** | |
| ଟ୍ରେନ୍ ନଂ. 02875 ପୁରୀ ଠାରୁ 1100 ସମୟରେ ପ୍ରତି ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର | ଟ୍ରେନ୍ ନଂ. 02876 ଆନନ୍ଦ ବିହାର ଟର୍ମିନାଲ ଠାରୁ 0730 ସମୟରେ ପ୍ରତି ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର |
| **ଭୁବନେଶ୍ୱର - କେଏସ୍‌ଆର୍ ବାଙ୍ଗାଲୋର - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 08463 ଭୁବନେଶ୍ୱର ଠାରୁ 0540 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 08464 କେଏସ୍‌ଆର୍ ବାଙ୍ଗାଲୋର ଠାରୁ 1340 ସମୟରେ ପ୍ରତିଦିନ |
| **ଭୁବନେଶ୍ୱର - ଆନନ୍ଦ ବିହାର - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର (ଭାୟା ଅନୁଗୁଳ)** | |
| ଟ୍ରେନ୍ ନଂ. 02813 ଭୁବନେଶ୍ୱର ଠାରୁ 1230 ସମୟରେ ପ୍ରତି ଶନିବାର | ଟ୍ରେନ୍ ନଂ. 02814 ଆନନ୍ଦ ବିହାର ଟର୍ମିନସ୍ ଠାରୁ 0800 ସମୟରେ ପ୍ରତି ସୋମବାର |
| **ଭୁବନେଶ୍ୱର - ଆନନ୍ଦ ବିହାର - ଭୁବନେଶ୍ୱର ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 02209 ଭୁବନେଶ୍ୱର ଠାରୁ 0735 ସମୟରେ ପ୍ରତି ବୁଧବାର | ଟ୍ରେନ୍ ନଂ. 02210 ନୂଆ ଦିଲ୍ଲୀ ଠାରୁ 1240 ସମୟରେ ପ୍ରତି ଗୁରୁବାର |
| **ସମ୍ବଲପୁର - ରାୟଗଡ଼ା - ସମ୍ବଲପୁର ଏକ୍ସପ୍ରେସ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 08301 ସମ୍ବଲପୁର ଠାରୁ 0605 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 08302 ରାୟଗଡ଼ା ଠାରୁ 1325 ସମୟରେ ପ୍ରତିଦିନ |
| **ଭାଲ୍‌ସାଦ - ପୁରୀ - ଭାଲ୍‌ସାଦ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 09209 ଭାଲ୍‌ସାଦ ଠାରୁ 2015 ସମୟରେ ପ୍ରତି ଗୁରୁବାର | ଟ୍ରେନ୍ ନଂ. 09210 ପୁରୀ ଠାରୁ 0630 ସମୟରେ ପ୍ରତି ରବିବାର |
| **ରାଉରକେଲା - ଭୁବନେଶ୍ୱର - ରାଉରକେଲା ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 02861 ରାଉରକେଲା ଠାରୁ 0520 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 02862 ଭୁବନେଶ୍ୱର ଠାରୁ 1340 ସମୟରେ ପ୍ରତିଦିନ |
| **ହାୱଡ଼ା - ପୁରୀ- ହାୱଡ଼ା ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 02837 ହାୱଡ଼ା ଠାରୁ 2235 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 02838 ପୁରୀ ଠାରୁ 2015 ସମୟରେ ପ୍ରତିଦିନ |
| **ଛତ୍ରପତି ଶିବାଜୀ ଟର୍ମିନସ୍ - ଭୁବନେଶ୍ୱର - ଛତ୍ରପତି ଶିବାଜୀ ଟର୍ମିନସ୍ ସ୍ୱତନ୍ତ୍ର** | |
| ଟ୍ରେନ୍ ନଂ. 01019 ଛତ୍ରପତି ଶିବାଜୀ ଟର୍ମିନସ୍ ଠାରୁ 1400 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 01020 ଭୁବନେଶ୍ୱର ଠାରୁ 1520 ସମୟରେ ପ୍ରତିଦିନ |
| **ଗାନ୍ଧୀଧାମ - ପୁରୀ - ଗାନ୍ଧୀଧାମ ସ୍ୱତନ୍ତ୍ର ଏକ୍ସପ୍ରେସ** | |
| ଟ୍ରେନ୍ ନଂ. 02973 ଗାନ୍ଧୀଧାମ ଠାରୁ 1345 ସମୟରେ ପ୍ରତି ବୁଧବାର | ଟ୍ରେନ୍ ନଂ. 02974 ପୁରୀ ଠାରୁ 1110 ସମୟରେ ପ୍ରତି ଶନିବାର |
| **ସିକନ୍ଦରାବାଦ - ଭୁବନେଶ୍ୱର - ସିକନ୍ଦରାବାଦ ସ୍ୱତନ୍ତ୍ର ଏକ୍ସପ୍ରେସ** | |
| ଟ୍ରେନ୍ ନଂ. 07016 ସିକନ୍ଦରାବାଦ ଠାରୁ 1650 ସମୟରେ ପ୍ରତିଦିନ | ଟ୍ରେନ୍ ନଂ. 07015 ଭୁବନେଶ୍ୱର ଠାରୁ 0845 ସମୟରେ ପ୍ରତିଦିନ |
| **ସିଆଲଦା - ପୁରୀ - ସିଆଲଦା ସ୍ୱତନ୍ତ୍ର ଏକ୍ସପ୍ରେସ** | |
| ଟ୍ରେନ୍ ନଂ. 02201 ସିଆଲଦା ଠାରୁ 2000 ସମୟରେ ପ୍ରତି ସୋମ ଏବଂ ଶୁକ୍ରବାର | ଟ୍ରେନ୍ ନଂ. 02202 ପୁରୀ ଠାରୁ 1920 ସମୟରେ ମଙ୍ଗଳ ଏବଂ ଶନିବାର |

ପ୍ରଦତ୍ତ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ବିଭିନ୍ନ ସ୍ଥିରିକୃତ ଷ୍ଟେସନ ମାନଙ୍କ ଠାରେ ସମୟ ସାରଣୀରେ ପରିବର୍ତ୍ତନ କରାଯାଇଅଛି ।

ସମସ୍ତ ଟ୍ରେନ୍ ସଂରକ୍ଷିତ ସ୍ଥାନ ସହିତ ଚାଲୁଅଛି । ସଂରକ୍ଷିତ ଟିକଟ ନଥିବା ଯାତ୍ରୀଙ୍କୁ ଷ୍ଟେସନ ଓ ଟ୍ରେନ୍ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ।

ଦୟାକରି ଟ୍ରେନ୍ ଓ ଷ୍ଟେସନ ମାନଙ୍କରେ କୋଭିଡ୍ ନୀତି ଓ ନିୟମ ପାଳନ କରନ୍ତୁ

ଯାତ୍ରା ସମୟରେ ସହାୟ୍ୟ, ଅନୁସନ୍ଧାନ ଓ ଅଭିଯୋଗର ପ୍ରତିକାର ଶୁଣାଣି ନିମନ୍ତେ ଏକୀଭୂତ ହେଲ୍ପଲାଇନ୍ ନମ୍ବର '139' ଡ଼ାଏଲ କରନ୍ତୁ

ଉପଯୁକ୍ତ ଭାବେ ମାସ୍କ ପିନ୍ଧନ୍ତୁ, ହାତକୁ ବାରମ୍ବାର ଧୁଅନ୍ତୁ / ସାନିଟାଇଜ୍ କରନ୍ତୁ ଏବଂ ୬ ଫୁଟ୍ ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ

ପୂର୍ବ ତଟ ରେଳପଥ
www.facebook/@EASTCOASTRailway1
www.twitter/@EastCoastRail
PR-406/L/20-21
ଆମେ ଆପଣଙ୍କ ଯତ୍ନ ନେଉଛୁ

ସମୟ ସାରଣୀ ଓ ଅନ୍ୟ ସବିଶେଷ ସୂଚନା ନିମନ୍ତେ ଦୟାକରି ଆଇଆରସିଟିସି ୱେବ୍‌ସାଇଟ୍ : https://enquiry.indianrail.gov.in ଅନୁସରଣ କରନ୍ତୁ


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo